ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୬୫
୧ ଫେବୃଆରୀ, ୨୦୨୬ ରବିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 265
1st February, 2026 Sunday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଶ୍ରଦ୍ଧୈବ ସର୍ବଧର୍ମସ୍ୟ ଚାତିବ ହିତକାରିଣୋ**
**ଶ୍ରର୍ଦ୍ଧ ନୃଣାଂ ସିଦ୍ଧି ଜାୟିତେ ଲୋକ ୟୋଦ୍ଧିୟୋଃ**

ଶ୍ରଦ୍ଧା ହିଁ ସମସ୍ତ ଧର୍ମ ପାଇଁ ଅତ୍ୟନ୍ତ ହିତକର ଅଟେ । ଶ୍ରଦ୍ଧା ଦ୍ୱାରା ହିଁ ମନୁଷ୍ୟକୁ ଲୋକ କାଳରେ ସିଦ୍ଧିପ୍ରାପ୍ତ ହୁଏ । ଶ୍ରଦ୍ଧାକୁ ନିଜ ଚରିତ୍ରରେ ଅଭ୍ୟାସ କରିବା ଉଚିତ।

# ୩ ବାଇକ୍ ଉପରେ ଚଢ଼ିଗଲା ଟ୍ରକ୍: ୫ ମୃତ

**ବ୍ରହ୍ମପୁର,୩୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରହ୍ମପୁରରେ ଘଟିଛି ଭୟଙ୍କର ସଡକ ଦୁର୍ଘଟଣା। ହଳଦିଆପଦର ଓଭର ବ୍ରିଜ୍ ଉପରେ ଏକ ଟ୍ରକ୍ ୩ଟି ବାଇକ୍‌କୁ ଧକ୍କା ଦେବା ଫଳରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମୃତକମାନେ ହେଉଛନ୍ତି ରାକେଶ ନାୟକ, ଜଗନ ନାହକ, ସୂର୍ଯ୍ୟ ନାରାୟଣ ପଣ୍ଡା, ଶିବରାମ ଜେନା ଓ ସତ୍ୟ ନାରାୟଣ ବେଜ। ରାକେଶ ଓ ଜଗନଙ୍କ ଘର ଫୁଲଟା ଗାଁରେ ହୋଇଥିବା ବେଳେ ସୂର୍ଯ୍ୟ ନାରାୟଣ ପଣ୍ଡା ବ୍ରହ୍ମପୁର ସହରର ଅଯୋଧ୍ୟା ନଗରର ବାସିନ୍ଦା ଥିଲେ। ଶିବରାମ ଜେନାଙ୍କ ଘର ଦକ୍ଷିଣପୁର ଗାଁରେ ହୋଇଥିବା ବେଳେ ସତ୍ୟ ନାରାୟଣ ବେଜଙ୍କ ଗାଁ ନାଁ ଅସ୍ପଷ୍ଟ ରହିଛି।

ଓଭରବ୍ରିଜ୍ ଉପରେ ରଙ୍ଗ୍ ରୁଟରେ ଆସି ଟ୍ରକ୍‌ଟି ବାଇକ୍‌ଗୁଡିକ ଧକ୍କା ଦେଇଥିଲା। ଏମିତି ଧକ୍କା ଦେବା ପରେ କିଛି ବାଟ ପର୍ଯ୍ୟନ୍ତ ବାଇକଗୁଡିକୁ ଘୋଷାଡି ନେଇଥିଲା ଟ୍ରକ। ଗୋଟିଏ ବାଇକ ଟ୍ରକ୍‌ରେ ତଳେ ଫସି ଯାଇଥିଲା। ଟ୍ରକ୍ ଧକ୍କା ଦେବା ପରେ ବାଇକ୍‌ରେ ଥିବା ଲୋକେ ରାସ୍ତାରେ ଏଣେତେଣେ ପଡିଥିଲେ। ଘଟଣାସ୍ଥଳରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣଙ୍କୁ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ କଲେଜ ଓ ହସପିଟାଲରେ ମୃତ ଘୋଷଣା କରାଯାଇଥିଲା। ୬ ଜଣ ଗୁରୁତର ଆହତ ହୋଇ ଏମ୍‌କେସିଜିରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି।

ଏହି ଦୁର୍ଘଟଣା ପରେ କିଛି ସମୟ ପାଇଁ ହଳଦିଆପଦର ଓଭର ବ୍ରିଜ୍ ଉପରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ମୃତଦେହଗୁଡିକ ଏଣେତେଣ ପଡି ରହିଥିଲା। ମୃତାହତମାନେ ସାଙ୍ଗରେ ନେଇ ଯାଉଥିବା ଜିନିଷପତ୍ର ମଧ୍ୟ ରାସ୍ତା ଉପରେ ପଡିଥିଲା। ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ସେହିପରି ମୃତଦେହଗୁଡିକୁ ଜବତ କରିଥିଲା ପୁଲିସ।

ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓ ୩ଟି ବାଇକ୍‌କୁ ପୁଲିସ ଜବତ କରିଛି। ଟ୍ରକ୍ ଡ୍ରାଇଭରଙ୍କୁ ପୁଲିସ ଗିରଫ କରିଛି। ତାଙ୍କୁ ପଚରାଉଚରା କଲା ପରେ ଜଣାପଡିବ ଯେ କେମିତି ଏହି ଦୁର୍ଘଟଣା ଘଟିଲା। ଗାଡି ଚଳାଇଲା ବେଳେ ସେ ନିଶାସକ୍ତ ଅବସ୍ଥାରେ ଥିଲେ ନା ନାହିଁ, ତାହା ଯାଞ୍ଚ କରାଯିବ ବୋଲି ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର କହିଛନ୍ତି।

ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି ଓ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏହା ସହିତ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ



ସହାୟତା ଘୋଷଣା କରିଛନ୍ତି। ସେହିପରି ଏହି ଦୁର୍ଘଟଣାରେ ଆହତ ହୋଇଥିବା ସମସ୍ତ ଲୋକଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ୧୮ ମାସରେ ବିଜେପି ସରକାର କଲେଣି ୯୧ ହଜାର କୋଟି ଟଙ୍କାର ଋଣ

**ଭୁବନେଶ୍ୱର,୩୧।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ୱାର୍ଲଡ ବ୍ୟାଙ୍କ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ବିଜେଡି ମିଡ଼ିଆ ସଂଯୋଜକ ଲେନିନ ମହାନ୍ତି କହିଛନ୍ତି, ୱାର୍ଲଡ ବ୍ୟାଙ୍କ ଉପରେ ଯେଉଁ ପ୍ରଶ୍ନ କରାଯାଇଥିଲା, ତାହା ସରକାର ଦେଲେନି। ଦୁଇ ଦିନ ତଳେ ୱାର୍ଲଡ ବ୍ୟାଙ୍କ ଟିମ୍ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ପ୍ରଥମ ପ୍ରଶ୍ନ ହେଲା ମୁଖ୍ୟମନ୍ତ୍ରୀଙ୍କୁ, ସେ ନିଜେ ଅର୍ଥ ମନ୍ତ୍ରୀ। କ'ଣ ୱାର୍ଲଡ ବ୍ୟାଙ୍କକୁ ଋଣ ନେବା ଆଶାରେ ଡକାଯାଇଥିଲା ? ଦ୍ୱିତୀୟ ପ୍ରଶ୍ନ ହେଲା, ଆଜି ଦିନରେ ୩୮% ଋଣ ଖୋଲା ବଜାରରୁ ଋଣ ନିଆଯାଉଛି। ଏହି ପଦ୍ଧତିରେ ୱାର୍ଲଡ ବ୍ୟାଙ୍କ ଖୁସି ତ ? କାରଣ ଏଫ୍‌ଆରବିଏମ୍ ଲିମିଟରୁ ଅଧିକ ହେଲାଣି। ୧୮ ମାସରେ ୯୧୦୦୦ କୋଟି ଋଣ କଲେଣି ବିଜେପି ସରକାର। ଋଣ ନେବାକୁ ସରକାର ଉଦ୍ୟମ କରୁଛନ୍ତି କାରଣ ଆର୍ଥିକ ପରିଚାଳନା ବିଫଳତା ହୋଇଛି। ବଜେଟ୍ ଖର୍ଚ୍ଚ ନକରି ଋଣ ନେଉଛନ୍ତି ସରକାର। ତେଣୁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ଦିଅନ୍ତୁ। ନ ହେଲେ ୧୯୯୯ ସମୟର ଦେବାଳିଆ ପରିସ୍ଥିତି ଆଡ଼କୁ ଓଡ଼ିଶା ଯାଉଛି। ଏମିତି କିଛି ଉଦ୍ୟମ ହେଉଛି କି ଉଚ୍ଚ ପଦସ୍ତ ଅଧିକାରୀଙ୍କୁ ମିଛ ଚିତ୍ରଣ ଦେବାକୁ ବାଧ କରାଯାଉଛି କି ? ଯେଉଁଥିପାଇଁ ଋଣ ମିଳିବ। ଓଡ଼ିଶାର *(ଶେଷ ପୃଷ୍ଠା ଦେଖନ୍ତୁ)*

## ଏଥର ଖାଇହେବ ପାନ ମସଲା !

**ଭୁବନେଶ୍ୱର,୩୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାରେ ପାନ ମସଲାକୁ ବ୍ୟାନ କରିଥିଲେ ରାଜ୍ୟ ସରକାର। ବିଡ଼ି, ସିଗାରେଟ୍, ଗୁଟଖା ଏବଂ ତମାଖୁ ଭଳି ଉତ୍ପାଦର ପ୍ୟାକେଜିଂ, ସଂରକ୍ଷଣ ଏବଂ ଉତ୍ପାଦନ ଉପରେ ପ୍ରତିବନ୍ଧକ ଲଗାଇଥିଲେ।

ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ନିକୋଟିନ ନଥିବା ପାନ ମସଲା କେବଳ ରାଜ୍ୟରେ ବିକ୍ରି ହୋଇପାରିବ। ନିକୋଟିନ ଯୁକ୍ତ ଟବାକୋ ବିକ୍ରି ବନ୍ଦ ପାଇଁ ଜୋରଦାର ହେବ ରେଡ। ରାଜ୍ୟରେ ନିକୋଟିନ ଯୁକ୍ତ ପ୍ରଡକ୍ଟର ଉତ୍ପାଦନ, ଷ୍ଟୋରେଜ, ବିକ୍ରି ସମ୍ପୂର୍ଣ୍ଣ ବ୍ୟାନ କରାଯାଇଛି। ଟବାକୋ ଓ ନିକୋଟିନ ବ୍ୟାନ ପାଇଁ ଜିଲ୍ଲା ସ୍ତରୀୟ ଟିମ ଗଠନ କରାଯାଇଛି।

ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ *(ଶେଷ ପୃଷ୍ଠା ଦେଖନ୍ତୁ)*

## ପାୱାରଙ୍କ ପତ୍ନୀ ମହାରାଷ୍ଟ୍ରର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ

**ମୁମ୍ବାଇ,୩୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବୁଧବାର ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ସ୍ଥାନ ଶନିବାର ନେଇଛନ୍ତି ତାଙ୍କ ପତ୍ନୀ ସୁନେତ୍ରା ପାୱାର। ସ୍ୱାମୀଙ୍କ ଦେହାନ୍ତର ୩ ଦିନ ପରେ ସୁନେତ୍ରା ଆଜି



ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ନୂତନ ଦାୟିତ୍ୱ ସହିତ ସେ ଏକ ନୂତନ ରେକର୍ଡ ମଧ୍ୟ ସ୍ଥାପନ କରିଛନ୍ତି। ସେ ରାଜ୍ୟର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି। ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଶପଥ ପାଠ କରାଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ୍ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମଧ୍ୟ ଉପସ୍ଥିତ ଥିଲେ।

ପୂର୍ବରୁ ଦଳୀୟ ନେତାମାନେ ସୁନେତ୍ରା ପାୱାରଙ୍କୁ ସେମାନଙ୍କର ନେତା ଭାବରେ ନିର୍ବାଚିତ କରିଥିଲେ ଏବଂ ସେ ତାଙ୍କ ରାଜ୍ୟସଭା ସଦସ୍ୟତାରୁ ଇସ୍ତଫା ଦେଇଥିଲେ। ସେ *(ଶେଷ ପୃଷ୍ଠା ଦେଖନ୍ତୁ)*

### 'ମୃତ୍ୟୁର ୧୩ ଦିନ ଯାଏ କିଛି ହୁଏନି'

କଂଗ୍ରେସ ନେତା ଉଦିତ୍ ରାଜ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ପଦରେ ଶପଥ ନେବାକୁ ନେଇ ଟାର୍ଗେଟ କରିଛନ୍ତି। ଏନସିପି ଏବଂ ଦିବଂଗତ ଅଜିତ ପାୱାରଙ୍କ ପତ୍ନୀ ସୁନେତ୍ରା ପାୱାରଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। ସେ କହିଛନ୍ତି ୧୩ ଦିନ ଯାଏ ଅପେକ୍ଷା କରିବାର ଥିଲା। ଯେବେ ଘରେ କାହାର ମୃତ୍ୟୁ ହୁଏ ୧୨ରୁ ୧୩ ଦିଏ କିଛି ଭଲ କାର୍ଯ୍ୟ ହୁଏ ନାହିଁ। ହେଲେ କ୍ଷମତା-ରଜନୀତି ଏମିତି ଏକ ଜିନିଷ ତାହା ଶୋକ ସମୟକୁ ବି ଅଣଦେଖା କରିଦିଏ। କଂଗ୍ରେସ ନେତା ଉଦିତ୍ ରାଜ କହିଛନ୍ତି, ଯେତେବେଳେ କାହାର ମୃତ୍ୟୁ ହୁଏ ୧୨ରୁ ୧୩ ଦିନ ଯାଏ କିଛି ହୁଏ ନାହିଁ। ଘରେ କିଛି ପୂଜା-ଉତ୍ସବ ହୁଏ ନାହିଁ। ଖାଲି ସେତିକି ନୁହେଁ ବର୍ଷକ ଯାଏ ବି ଘରେ କିଛି ପର୍ବ ହୁଏ ନାହିଁ। ହେଲେ ରାଜନୀତି-କ୍ଷମତା ଏମିତି ଏକ ଜିନିଷ ଯେ ଶୋକ ସମୟକୁ ବି ଅଣଦେଖା କରିଦିଏ। ସବୁ ପରମ୍ପରାକୁ ବେଖାତିର କରିଦିଏ। ସେମାନେ ୧୩ ଦିନ ଯାଏ ବି ଅପେକ୍ଷା କରିପାରିଲେ ନାହିଁ। ଆମ ସଂସ୍କୃତି-ପରମ୍ପରା ଅଧିକ ଗୁରୁତ୍ୱ ବହନ କରେ ହେଲେ କ୍ଷମତା କଥା ଆସିଲେ ଏହା ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇଯାଏ ସ୍ପଷ୍ଟ ଜଣାପଡିଯାଉଛି। ଉଦିତ୍ ରାଜ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି। *(ଶେଷ ପୃଷ୍ଠା ଦେଖନ୍ତୁ)*

# ରାଜ୍ୟରେ ନୂଆ ସମବାୟ ନୀତି

### ଢେଙ୍କାନାଳରେ ମେଗା ଶିଳ୍ପ ପ୍ରକଳ୍ପ ସମେତ ୧୨ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

**ଭୁବନେଶ୍ୱର,୩୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପଂଚାୟତ ନିର୍ବାଚନ ପୂର୍ବରୁ ଗ୍ରାମାଂଚଳର ଅର୍ଥନୀତିକୁ ସୁଦୃଢ଼

- ବନ୍ଦ ହେବନି ଦୁବାଇ ଓ ସିଙ୍ଗାପୁରକୁ ବିମାନ
- ନୂତନ ସେବା ନିୟମ ସଂଶୋଧନ
- ନିଯୁକ୍ତିରେ ସର୍ତ୍ତାବଳୀରେ ପରିବର୍ତ୍ତନକୁ ମଞ୍ଜୁରୀ
- ଜଳସେଚନ ପାଇଁ 'ଡାଇଭର୍ସନ୍ ୱେୟାର ସୁଧାର ଯୋଜନା'

କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଏକ ନୂଆ ସମବାୟ ନୀତି କାର୍ଯ୍ୟକାରୀ ହେବ। କେନ୍ଦ୍ର ସରକାରଙ୍କ 'ସମବାୟରୁ ସମୃଦ୍ଧି' ନୀତି ଅନୁରୂପ ପ୍ରସ୍ତୁତ ଓଡିଶା ସମବାୟ ନୀତି-୨୦୨୬କୁ ଆଜି ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଏହି ନୀତି ୨୦୩୬ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିବ। ସେହିପରି ଢେଙ୍କାନାଳର ଗଜମରାଠାରେ କଲ୍ୟାଣୀ ଗ୍ରୁପ୍ ଦ୍ୱାରା ୧୭୨୫୦କୋଟି ଟଙ୍କାର ମେଗା ଶିଳ୍ପ ପ୍ରକଳ୍ପକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ଏସବୁ ପ୍ରସ୍ତାବ ସମେତ ୧୦ଟି ବିଭାଗର ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି।



ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ରାଜ୍ୟ କ୍ୟାବିନେଟ୍ ବୈଠକରେ ଢେଙ୍କାନାଳରେ ମେଗା ଶିଳ୍ପ ପ୍ରକଳ୍ପ ନିମନ୍ତେ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ରାଜ୍ୟରେ ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ପାଇଁ କଲ୍ୟାଣୀ ଗ୍ରୁପ୍ ପକ୍ଷରୁ ଢେଙ୍କାନାଳ ଜିଲ୍ଲାର ଗଜମରାଠାରେ କଲ୍ୟାଣୀ ଗ୍ରୁପର ଏକ ସମନ୍ୱିତ ଅଟୋମୋଟିଭ୍, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉପକରଣ ନିର୍ମାଣ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବ। ପ୍ରାୟ ୧୧୦୦ ଏକର ଜମିରେ ବିକଶିତ ହେବାକୁ ଥିବା ଏହି ପ୍ରକଳ୍ପରେ କଲ୍ୟାଣୀ ଷ୍ଟିଲ୍ସ, ସାରଲୋହା ଆଡଭାନ୍ସଡ୍ ମ୍ୟାଟେରିଆଲ୍ସ ଓ ଭାରତ ଫୋର୍ଜ ପକ୍ଷରୁ ମୋଟ ୧୭୨୫୦ କୋଟି ଟଙ୍କାର ନିବେଶ କରାଯିବ। ଏହି ପ୍ରକଳ୍ପ ଦ୍ୱାରା ପ୍ରାରମ୍ଭିକ ଭାବେ ୪୮୦୦ ପ୍ରତ୍ୟକ୍ଷ ଓ ୫୫୦୦ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବାକୁ ଥିବାବେଳେ ଭବିଷ୍ୟତରେ ଏହା ୨୦ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ପ୍ରଦାନ କରିବ।

ସେହିପରି ସମବାୟ କ୍ଷେତ୍ରକୁ ଅଧିକ ଦକ୍ଷ, ସ୍ୱଚ୍ଛ ଓ ସଦସ୍ୟକୈନ୍ଦ୍ରିକ କରିବା ପାଇଁ 'ରାଜ୍ୟ ସମବାୟ ନୀତି-୨୦୨୬'କୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ 'ସମବାୟରୁ ସମୃଦ୍ଧି' ନୀତି ସହ ସମନ୍ୱୟ ରକ୍ଷା କରି ପ୍ରସ୍ତୁତ ଏହି ରାଜ୍ୟ ନୀତି ୨୦୩୬ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହା ମାଧ୍ୟମରେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ବଢୁଛି କଟନି ଛଟନି: ଧାନକିଣା ଲକ୍ଷ୍ୟ ପୂରଣ ହେବ ତ ?

**ପଟ୍ଟାମୁଣ୍ଡାଇ,୩୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

କୃଷି ଓ କୃଷକଙ୍କ ବିକାଶ ପାଇଁ ରାଜ୍ୟ ସରକାର କରୁଛନ୍ତି ଅନେକ ଯୋଜନା। ବିଶେଷ କରି ଚାଷୀ ତା'ର ଉତ୍ପାଦିତ ଧାନକୁ ବିକ୍ରି କରି ଲାଭ ପାଇପାରିବା ନେଇ ସରକାର ମଣ୍ଡିର ବ୍ୟାବସ୍ଥା କରାଇଛନ୍ତି । ହେଲେ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଅଂଚଳର ଅନେକ ଧାନ ମଣ୍ଡିରେ ଅବ୍ୟବସ୍ଥା ଦେଖାଦେଉଛି। ମଣ୍ଡିରେ ଧାନ ନେଉନଥିବାରୁ ମିଲରେ ଦିନ ଦିନ ଧରି ଧାନ ପକାଇ ରଖୁଥିବା ବେଳେ ପରେ ଏମିଲ ନୁହେଁ ଅନ୍ୟମିଲକି ନିଅ ବୋଲି କହୁଛନ୍ତି। ଏପରି ମିଲରଙ୍କ ମନଇଚ୍ଛା କାମ ଯୋଗୁ ଚାଷୀ ହଇରାଣ ଓ ଖର୍ଚ୍ଚାନ୍ତ ହେଉଛନ୍ତି । ନିର୍ଦ୍ଧାରିତ ସମୟରେ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଉନଥିବାରୁ ଅସନ୍ତୋଷ ତେଜୁଛି । ଏକାଧିକା ମିଲର କୁଇଂଟାଲ ପିଛା ୫ କିଲୋରୁ ଅଧିକ ଧାନ କଟଣି ଛଟଣି କରାଉଥିବା ଅଭିଯୋଗ ମଧ୍ୟ ହେଉଛି। ଫଳରେ ଚାଷୀ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

କଖାରୁଣୀର ଚାଷୀ ରଂଜିତ ପ୍ରଧାନ କୁହନ୍ତି ଖଂଟିଅଂଟା ସମବାୟ ସମିତି ଏକ ପ୍ରକାର ଅଚଳାବସ୍ଥା ଲଗିରହିଥିବା କାରଣରୁ ପ୍ରତ୍ୟକ ବର୍ଷ ଧାନ ଦେବାରେ ଅସୁବିଧାର ସମ୍ମୁଖିନ ହୁଏ । ଖଡିଅଂଟା ସମିତିରେ ବୋର୍ଡ ନଥିବା ବେଳେ ଅସ୍ଥାୟୀ ସଂପାଦକଙ୍କ ମନମାନୀରେ ପରିଚାଳିତ ସମିତିରେ ବିଭିନ୍ନ ହେରଫେର ନେଇ ଏକ ପ୍ରକାର ସ୍ଥାଣୁ ପାଲଟି ରହିଛି। ଚଳିତ ବର୍ଷ ଟୋକନପାଇ ବୁଧବାର ଖଡିଅଂଟା ମଣ୍ଡିକୁ ଧାନ ନେବାରୁ ସଂପାଦକ ତପନ ସ୍ୱାଇଁ ନିମପୁର ପ୍ରଶାନ୍ତି ରାଇସ ମିଲକୁ ଧାନ ନେଇ ଯିବାକୁ ନିର୍ଦ୍ଦେଶରେ ଦେଇଥିଲେ। ଡବଲ ଖର୍ଚ୍ଚାନ୍ତ ହୋଇ ଧାନ ପ୍ରଶାନ୍ତି ମିଲ୍‌କୁ ନେବାକୁ ପଡିଥିଲା । ସେଠାରେ ମିଲର ଅନ୍ୟ ଏକ ମିଲ୍ ଅଳଭାକୁ ଡକାଇ ବସ୍ତା ପିଛା ୫ କିଲୋ ଧାନ କଟିବାକୁ କହିଥିଲେ। ଏକାଧିକ ଚାଷୀ ମନାକଲାରୁ ସେ ସମସ୍ତ ଧାନ ନେବାକୁ ମନା କରିଦେଇଥିଲେ। ସେତେବେଳକୁ ନମ୍ବର ଦୁଇଦିନ ଗଡି ଗଲାଣି । ଗାଡି ଭଡା ସହ ଏପଟସେପଟରେ ଅଲଗା ଖର୍ଚ୍ଚାନ୍ତ ହେବାକୁ ପଡିଲା । ଯଦି ପ୍ରଶାନ୍ତି ମିଲ ଧାନ ନନେଉଛି ତେବେ କଣ ପାଇଁ ଅନ୍ୟମିଲକୁ ଅଣାଗଲା । ସଂପାଦକ କଣ ପାଇଁ ସେଠାକୁ ପଠାଇଲେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏହିଭଳି ଭାବେ ଚାଷୀ ବିଘ୍ନେଶ୍ୱର *(ଶେଷ ପୃଷ୍ଠା ଦେଖନ୍ତୁ)*

## ଜାତୀୟ ପତାକାକୁ ଅସମ୍ମାନ କରି ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ

**ରାଜନଗର,୩୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଜାତୀୟ ପତାକାକୁ ଅସମ୍ମାନ କରିବା ଘଟଣାରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଘଟଣାରେ ପ୍ରଧାନଶିକ୍ଷୟତ୍ରୀ ନିଲମ୍ବିତ ହୋଇଛନ୍ତି । ୭୭ତମ ସାଧାରଣ ଦିବସ ଜାନୁଆରୀ ୨୬ ଅବସରରେ ସୋମବାର ଦିନ ରାଜନଗର ବ୍ଲକ ମାମିନା ପଞ୍ଚାୟତ ନିଗମାନନ୍ଦ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜୁଣପଙ୍ଗରା ଠାରେ ପତାକା ଉତ୍ତୋଳନ ହୋଇଥିଲା। ସୂର୍ଯ୍ୟାସ୍ତ ପୂର୍ବରୁ ଜାତୀୟ ପତାକାକୁ ଖୋଲାଯିବାର ନିୟମ ରହିଛି। ମାତ୍ର ପ୍ରଧାନ ଶିକ୍ଷୟିତ୍ରୀ ଡଲି ଲେଙ୍କା ତାହା କରିନଥିଲେ। ପରଦିନ ଅର୍ଥାତ ୨୭ ତାରିଖ ଦିନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଅନିରୁଦ୍ଧ ପ୍ରଧାନ ବିଦ୍ୟାଳୟକୁ ଯାଇ ଜାତୀୟ ପତାକାକୁ ଖୋଲିଥିଲେ। ଏହା ଜାତୀୟ ପତାକା ପ୍ରତି *(ଶେଷ ପୃଷ୍ଠା ଦେଖନ୍ତୁ)*

## ୩ ବାଂଲାଦେଶୀ ଦେଶାନ୍ତର

**କେନ୍ଦ୍ରାପଡ଼ା,୩୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗରାପୁର ଗ୍ରାମରେ ରହୁଥିବା ୩ ଜଣ ବାଂଲାଦେଶୀଙ୍କୁ ଦେଶାନ୍ତର କରାଯାଇଛି । ସେମାନେ ହେଉଛନ୍ତି ମୁନତାଜ ଖାନ୍ (୬୪), ଅମୀନା ବିବି (୭୦) ଓ ଇନ୍‌ସାନ ଖାନ୍ (୫୮)। ଏମାନେ ୧୯୭୦ ମସିହାରେ ବାଂଲାଦେଶରୁ କେନ୍ଦ୍ରାପଡ଼ା ପଳାଇ ଆସିଥିଲେ। ସେବେଠାରୁ ସେମାନେ ଏହି ଜିଲାରେ ରହୁଛନ୍ତି। ପ୍ରଶାସନ ପକ୍ଷରୁ ଅନୁପ୍ରବେଶକାରୀ ଯାଞ୍ଚ ଅଭିଯାନ ସମୟରେଗୋଟିଏ ପରିବାରର ଏହି ୩ଜଣଙ୍କୁ ଚିହ୍ନଟ କରାଯାଇଥିଲା। ଏମାନେ ଦୁଇ ଭାଇ ଓ ଭଉଣୀ ବୋଲି ଜଣାପଡିଛି। ବର୍ତ୍ତମାନ ସେମାନଙ୍କ ନିକଟରେ ଭାରତୀୟ ଭୋଟରକାର୍ଡ ଓ ଆଧାର କାର୍ଡ ରହିଛି। ହେଲେ ସେମାନଙ୍କ ଜମି ପଟ୍ଟା ନାହିଁ। ତେଣୁ ସେହି ଆଧାରରେ ସେମାନେ ଭାରତୀୟ ନୁହଁନ୍ତି ବୋଲି ଚିହ୍ନଟ କରାଯାଇଛି। ଏହାସହ ସେମାନଙ୍କ ପୂର୍ବଜଙ୍କ ଜମିବାଡି ରେକର୍ଡ ଯାଞ୍ଚ କରିବା ପରେ ତାହା ପୂର୍ବ ମେଦିନାପୁର ବୋଲି ଜଣାପଡିଛି। ତେଣୁ ସେହି ଆଧାରରେ ସେମାନଙ୍କୁ ଦେଶାନ୍ତର *(ଶେଷ ପୃଷ୍ଠା ଦେଖନ୍ତୁ)*

# ଅଦାଲତ ଅବମାନନା ଅଧିକାରୀଙ୍କ ଲାଗି ଏବେ ଅଡୁଆ

**ଭୁବନେଶ୍ୱର,୩୧।୧: ତଥ୍ୟ**

ନ୍ୟାୟ ପାଇବାରୁ ବଞ୍ଚିତ ଲୋକେ ପ୍ରଶାସନ ବିରୋଧରେ ମାମଲା ଲଢ଼ି ଉଚ୍ଚ ନ୍ୟାୟାଳୟ ଏମିତିକି ସର୍ବୋଚ୍ଚ ନ୍ୟାୟାଳୟରୁ ଜିତିବା ପରେ ମଧ୍ୟ ବର୍ଷ ବର୍ଷ ଧରି ଅଦାଲତି ରାୟ କାର୍ଯ୍ୟକାରୀ ହେଉନଥିବାରୁ କ୍ରମଶଃ ଅଦାଲତ ଅବମାନନା ମାମଲା ଚାପ ବଢ଼ିବଢ଼ି ଚାଲିଛି।

ଏଥିଯୋଗୁ ବିଭାଗୀୟ ଶାସନ ସଚିବଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳ, ନିର୍ଦ୍ଦେଶକ ଓ କ୍ଷେତ୍ର ଅଧିକାରୀମାନେ ବାରମ୍ବାର ବ୍ୟକ୍ତିଗତ ଭାବେ ଅଦାଲତରେ ହାଜିରା ଦେବାକୁ ବାଧ ହେଉଛନ୍ତି । ଶେଷରେ ଗିରଫ, ଜରିମାନା ଓ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ଭୟରେ ସରକାରୀ ଅଧିକାରୀମାନେ ଆଇନ୍ ଅଦାଲତରେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରିବା ସହ ଅଦାଲତଙ୍କ ରାୟ କାର୍ଯ୍ୟକାରୀ କରୁଛନ୍ତି। ତେବେ ସାଧାରଣ ଲୋକ ଓ ସରକାରୀ କର୍ମଚାରୀଙ୍କ ବିଭିନ୍ନ ଅଭିଯୋଗର ଫଇସଲା କରିବା ପରିବର୍ତ୍ତେ ଏଗୁଡ଼ିକ ବର୍ଷବର୍ଷ ଧରି ଏଡ଼ାଇଯିବା ଯୋଗୁ ରାଜ୍ୟରେ ମାମଲା ଚାପ ବି ବଢ଼ିବଢ଼ି ଚାଲିଛି।

ଏବେ ଓଡ଼ିଶାରେ ପ୍ରାୟ ୨୨ଲକ୍ଷ ମାମଲା ବିଚାରାଧୀନ ରହିଛି। ଏଥି ମଧ୍ୟରୁ ୧୧ ହଜାରରୁ ଅଧିକ ହେଉଛି ଅଦାଲତ ଅବମାନନା ସଂକ୍ରାନ୍ତୀୟ ମାମଲା। ସଂଖ୍ୟାଧିକ ଅଦାଲଦ ଅବମାନନା ମାମଲାରେ




ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ବ୍ୟକ୍ତିଗତ ଭାବେ ପକ୍ଷଭୁକ୍ତ ରହୁଛନ୍ତି। ଅଦାଲତ ଅବମାନନା ମାମଲାରେ ନୋଟିସ୍ ପାଇବା କିମ୍ବା ଆଦେଶର କାର୍ଯ୍ୟକାରିତା ପାଇଁ ହାଇକୋର୍ଟ ନିଜ ଆଡୁ ଅଧିକ ସମୟ ଦେଲେ ବି ଅଧିକାରୀମାନେ ତାହା ଉପରେ ବହୁ ସମୟରେ ଗୁରୁତ୍ୱାରୋପ କରୁନଥିବାରୁ ପୁଣି ଆବେଦନକାରୀଙ୍କୁ ଅଦାଲତର ଅବମାନନା ମାମଲା ରୁଜୁ କରିବାକୁ ପଡୁଛି ଏବଂ ଏହାପରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ କିମ୍ବା ସଂପୃକ୍ତ ଅଧିକାରୀଙ୍କୁ କୋର୍ଟରେ ହାଜର କରିବା ଲାଗି ପୁଲିସକୁ ଅଦାଲତ କରିବା ପରେ ଯାଇ ମୂଳ ଆଦେଶ କାର୍ଯ୍ୟକାରୀ ହେବା ଏକ ପ୍ରଥାରେ ପଡ଼ିଯାଇଛି ବୋଲି ଅଭିଜ୍ଞ ଆଇନ୍‌ଜୀବୀମାନେ ମତବ୍ୟକ୍ତ କରୁଛନ୍ତି।

ନିକଟରେ ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ନଗର ଉନ୍ନୟନ ବିଭାଗର ଶାସନ ସଚିବଙ୍କୁ ବ୍ୟକ୍ତିଗତ ଭାବେ ଅଦାଲତରେ ଉପସ୍ଥିତ ରହିବା ଲାଗି ନିର୍ଦ୍ଦେଶ ଦିଆଯିବା ପରେ ଯାଇ ବିଭାଗୀୟ କର୍ତ୍ତୃପକ୍ଷ ମୂଳ ରାୟ କାର୍ଯ୍ୟକାରୀ କରିବା ସଂଗେ ସଂଗେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରି ଅଦାଲତି ଅବମାନନା ଛାଟରୁ ମୁକ୍ତି ପାଇଛନ୍ତି। ପ୍ରାୟ ପ୍ରତି ସପ୍ତାହରେ ଆଇନ୍ ଅଦାଲତ ଏଭଳି ନିର୍ଦ୍ଦେଶ ଦେଉଛନ୍ତି।

ନିକଟରେ ସୁପ୍ରିମକୋର୍ଟରେ ରୁଜୁ ଏକ ଅଦାଲତ ଅବମାନନା ମାମଲା ଭୟରେ ପ୍ରାୟ ୧୭ବର୍ଷ ତଳର ଓଡ଼ିଶା ସିଭିଲ ସର୍ଭିସ୍ ନିଯୁକ୍ତି ଅବ୍ୟବସ୍ଥା ଘେନି ଅସନ୍ତୋଷ ବ୍ୟକ୍ତ କରିବା ପରେ ପଦସ୍ଥ ଅଧିକାରୀମାନେ ଛାନିଆ ହୋଇ ଭିନ୍ନ କ୍ୟାଡର୍‌ର ୧୯ଜଣ ଅଧିକାରୀଙ୍କୁ ଓଏଏସ୍‌ରେ ନିଯୁକ୍ତି ସହ ପିଛିଲା ତାରିଖରୁ ବିଭିନ୍ନ ପାହ୍ୟାକୁ ପଦୋନ୍ନତି ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏବେ ପ୍ରଶ୍ନ ଉଠୁଛି, ୧୭ବର୍ଷ ଧରି ଏହି ୧୯ଜଣ ଅଧିକାରୀ କାହିଁକି କମ୍ ବେତନ ଥିବା ପଦବୀରେ କାମ କରୁଥିଲେ। ଏଥିଲାଗି କର୍ତ୍ତୃପକ୍ଷ କିନ୍ତୁ କାହାକୁ ଉତ୍ତରଦାୟୀ କରୁନାହାନ୍ତି।

ଆଇନ୍ ଅଦାଲତରୁ ନ୍ୟାୟ ପାଇବା ପରେ ଅଭିଯୋଗକାରୀମାନେ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ଦୌଡ଼ିଲେ ବି ସେମାନଙ୍କ ସମସ୍ୟାକୁ ତଳ ସ୍ତରରୁ ଚପାଇ ଦିଆଯାଉଥିବା ଫଳରେ ଶେଷରେ ସେମାନେ ହତାଶ ହୋଇ ଅଦାଲତ ଅବମାନନା ମାମଲା ରୁଜୁ କରୁଛନ୍ତି। ଓଏଏସ୍ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧ ଫେବୃଆରୀ ୨୦୨୬ । ରବିବାର




## ଲକ୍ଷାଧିକ ଟଙ୍କାର ସାମଗ୍ରୀ ଉଦ୍ଧାର, ୨ ଗିରଫ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଏକ ଘରୁ ଚୋରି ହୋଇଥିବା ଘଟଣାର ପର୍ଦ୍ଦାଫାଶ କରିଛି ଭଦ୍ରକ ପୁରୁଣାବଜାର ଥାନା ପୋଲିସ୍। ଏ ସଂପର୍କରେ ମିର୍ଜାପୁର ନିବାସୀ ସେକ୍ ଅବଦୁଲ ହମିଦଙ୍କ ପୁତ୍ର ସେକ୍ ନବୀଲ କାଦ୍ରୀ ଥାନାରେ ଦେଇଥିବା ଅଭିଯୋଗ ମୁତାବକ ସେ ଏବେ ମିର୍ଜାପୁରରେ ନିର୍ମାଣ କରିଥିବା ଏକ ଗୃହରେ ରହୁଥିବାବେଳେ ତାଙ୍କର ହେଲାସାହିରେ ଥିବା ପୈତୃକ ଘରେ ମଧ୍ୟ ବସବାସ କରନ୍ତି। ଗତ ୨୨ ତାରିଖରେ ସେ ତାଙ୍କର ପୈତୃକ ଘର ହେଲାସାହି ଘର ଚାବି ପକାଇ ମିର୍ଜାପୁରକୁ ଆସିଥିବାବେଳେ ୨୩ ତାରିଖ ଦିନ ସକାଳେ ଘରକୁ ଫେରି ତାଙ୍କର ଘରର ମୁଖ୍ୟ ଓ ଭିତର ଘରର ଚାବିଗୁଡ଼ିକ ଭଙ୍ଗାଯାଇଥିବାର ଦେଖିଥିଲେ। ଘରେ ଥିବା ସୁନାଗହଣା, ୨ଟି ଗ୍ୟାସ୍ ସିଲିଣ୍ଡର, ଗୋଟିଏ ସିଲେଇ ମେସିନ୍, ଗୋଟିଏ ପାଣି ପମ୍ପ, ରୂପା ପାଉଁଜି ସହ ୨୦ ହଜାର ଟଙ୍କା ଚୋରି ହୋଇଥିବାର ଜାଣିବାକୁ ପାଇଥିଲେ। ଫଳରେ ସେ ପୁରୁଣାବଜାର ଥାନାରେ ଅଭିଯୋଗ କରିବା ପରେ କେଶ୍ ନଂ ୨୧, ତା ୨୩.୧.୨୬ ରିଖ ମୂଳେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଥିଲା। ଥାନାର ଏଏସଆଇ ମନୋରଂଜନ ବେହେରା ଏହି ମାମଲାର ତଦନ୍ତ କରି ମିର୍ଜାପୁର ଗ୍ରାମର ମହିଉଦ୍ଦିନ୍ ସାହାର ପୁତ୍ର ମଇରାଜ ସାହା (୨୬) ଓ ଏବେ ଗୌରସିଆନଗର ହମିରବିନ୍ଧାରେ ରହୁଥିବା ହେଲାସାହି ନିବାସୀ ସେକ୍ ସରାଫତର ପୁତ୍ର ସେକ୍ କାଦରି (୪୩)କୁ ଗିରଫ କରିଛନ୍ତି। ଏହି ଦୁଇଜଣ ୨୨ ତାରିଖ ରାତିରେ ସେକ୍ ନବୀଲ କାଦ୍ରୀଙ୍କ ଘରୁ ଆସବାବ ପତ୍ର ଚୋରି କରି ଏକ ଟ୍ରଲିରେ ନେଇଥିବାର ସ୍ୱୀକାର କରିଛନ୍ତି। ତେବେ ପୋଲିସ୍ ଏହି ଦୁଇଜଣଙ୍କୁ ଗିରଫ କରି ୨ଟି ଗ୍ୟାସ୍ ସିଲିଣ୍ଡର, ଗୋଟିଏ ଏଲଇଡି ଟିଭି, ଗୋଟିଏ ସିଲେଇ ମେସିନ୍, ଆଲୁମିନିୟମ ବାସନକୁସନ ସହ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ଏବଂ ଟ୍ରଲିରିକ୍ସାଟିକୁ ଜବତ କରିଥିବାର ଜଣାପଡିଛି।

## ହାଇୱା ଧକ୍କାରେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

**ଚାମ୍ପୁଆ: ଏକ୍ସପ୍ରେସ ନ୍ୟୁଜ୍**

ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଚାଲିଗଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିକ୍ଷୟିତ୍ରୀଙ୍କ ଜୀବନ। ଚମ୍ପୁଆ ଉପଖଣ୍ଡସ୍ଥ ଯୋଡା ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ଡିଡିଏମ୍ ଅଫିସ୍ ନିକଟରେ ହାଇୱା ଧକ୍କାରେ ସ୍କୁଟିରେ ଯାଉଥିବା ଭଦ୍ରାସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିକ୍ଷୟିତ୍ରୀଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନା ମୁତାବକ ସନ୍ଧ୍ୟା ୫ଟା ସମୟରେ ଭଦ୍ରାସାଇରୁ ଯୋଡା ଅଭିମୁଖେ ଆସୁଥିବାବେଳେ ମାଇନିଙ୍ଗ ଛକ ନିକଟରେ ସ୍କୁଟିକୁ ଏକ ଦ୍ରୁତଗାମୀ ହାଇୱା ପଛରୁ ଧକ୍କା ଦେଇଥିଲା। ଫଳରେ ଶିକ୍ଷୟତ୍ରୀ ଜଣକ ଘଟଣା ସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ମୃତକ ଜଣକ ହେଲେ ସୁନୀତା ଲୋହାର (୪୨) ବୋଲି ପ୍ରାଥମିକ ସୂତ୍ରରୁ ଜଣାପଡିଛି। ଉକ୍ତ ଘଟଣା ସ୍ଥଳରେ ଯୋଡା ପୋଲିସ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଶବକୁ ଜବତ କରି ଦୁର୍ଘଟଣା ଘଟାଇଥିବା ହାଇୱାକୁ ଅଟକ ରଖିଛି।

## ଆନ୍ତଃରାଜ୍ୟ ଚୋରିର ପର୍ଦ୍ଦାଫାସ: ଦିନରେ ବେପାର, ରାତିରେ ଚୋରି

**ଭଞ୍ଜନଗର: ଏକ୍ସପ୍ରେସ ନ୍ୟୁଜ୍**



ଗଞ୍ଜାମ ଜିଲ୍ଲା ଭଞ୍ଜନଗର ପୋଲିସ ଏକ ବଡ଼ ଧରଣର ଆନ୍ତଃରାଜ୍ୟ ଚୋର ଗ୍ୟାଙ୍ଗର ୨୧ ଜଣକୁ ଗିରଫ କରିବାରେ ସକ୍ଷମ ହୋଇଛି। ଏଥିସହ ସେମାନଙ୍କଠାରୁ ୧୦୬୬ଟି ମୋବାଇଲ, ୧୨୭୫ଟି ବ୍ୟାଟେରି, ୪୨୫ ଫୋନର ମଦର୍ ବୋର୍ଡ, ୫ଟି ଟାବଲେଟ, ନକଲି ଗହଣା ଏବଂ ୧୦ ହଜାର ଟଙ୍କା ଜବତ କରାଯାଇଛି। ଗିରଫ ସମସ୍ତ ଅଭିଯୁକ୍ତଙ୍କ ଘର ପଶ୍ଚିମବଙ୍ଗରେ।

ଦିନରେ ଫେରି କରୁଥିବା ବେଳେ ରାତିରେ ଏମାନେ ଚୋରି ମଧ୍ୟ କରୁଥିବା ପୋଲିସ ସନ୍ଦେହ କରୁଛି। ଭଞ୍ଜନଗରରେ ଥିବା ସବୁ ମନ୍ଦିର ଚୋରି ଘଟଣାରେ ଏମାନଙ୍କ ସଂପୃକ୍ତି ଅଛି କି ନାହିଁ ତାର ମଧ୍ୟ ତଦନ୍ତ ଆରମ୍ଭ କରିଛି ପୋଲିସ। ଗିରଫ ସମସ୍ତ ୨୧ ଜଣ ପଶ୍ଚିମବଙ୍ଗ ମୁର୍ଶିଦାବାଦ କାଶିପୁର, ନଦିଆ, ପାନିପିଆ, ଭିନ୍ ନଗର, କୁଲବୁନା ଅଞ୍ଚଳର ବୋଲି ସୂଚନା ମିଳିଛି। ଗାଁ ଗହଳିର ଲୋକଙ୍କ ଠାରୁ ଚୁଟି, ମୋବାଇଲ, ବିଭିନ୍ନ ଅଦରକାରୀ ଅଳଙ୍କାର ଆଦି କିଣି ଏମାନେ ପ୍ରତି ବଦଳରେ ବିଭିନ୍ନ ଆଲୁମିନିୟମ ସାମଗ୍ରୀ ଦେଇଥାନ୍ତି। ତେବେ ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲ୍ଲାର ଜୟନ୍ତ ମଣ୍ଡଳ, ରାବୁଲ ମାଲା, ଅମ୍ରିତ ମାଲଦାର, ରମିନ୍ ମାଲଦାର, ଶୁଭଜିତ୍ ମଣ୍ଡଳ, ଅଞ୍ଜନ ମାଲଦାର, କିଶୋର ମାଲଦାର, ମିଲନ ମଣ୍ଡଳ, ଅମ୍ରିତ୍ ଦାଶ, ପାଲାସା ସରକାର, ପ୍ରଦିପ ମାଲଦାର, ମୁକ୍ତାର ଶେଖ୍, ଇନ୍ଦ୍ରଜିତ ମଣ୍ଡଳ, ବିପୁଲ୍ ହାଲଦାର, ନିଖିଲ ପାଲ, ରଞ୍ଜନ ଦାସ, ପ୍ରଶନ୍ନଜିତ୍ ଦାଶ, ସୁଦିପ୍ ପାଲ୍ ଓ ଅମଜାଦ୍ ଶେଖ୍। ଭଞ୍ଜନଗର ଥାନାରେ କେଶ ନମ୍ବର – ୯୨/୧ରେ ଏକ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ଏନେଇ ଶନିବାର ଖରାବେଳେ ଭଞ୍ଜନଗର ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏଏସ୍‌ପି ରଞ୍ଜନ କୁମାର ଦେ ତାହା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ଡ.ଦୀପକ କୁମାର ମିଶ୍ର କହିଥିଲେ ଯେ, ଏହି ଅଭିଯୁକ୍ତମାନଙ୍କର ବିଦେଶ ଲିଙ୍କ୍ ଅଛି କି ନାହିଁ ତାହାର ଖୋଳତାଡ଼ ହେବ। ଏଥିସହ ଭଙ୍ଗା ମୋବାଇଲ କାହାକୁ ବିକ୍ରି କରନ୍ତୁ ନାହିଁ। ମୋବାଇଲ ଖରାପ ହୋଇଗଲେ ତାହାକୁ ନଷ୍ଟ କରିଦିଅନ୍ତୁ। ବୁଲା ବ୍ୟବସାୟୀକୁ ବିକ୍ରି କରନ୍ତୁ ନାହିଁ। ସେମାନେ ତାହାକୁ ନେଇ କୌଣସି ବେନିୟମ କାର୍ଯ୍ୟରେ ଲଗାଇବା ସମ୍ଭାବନା ଅଛି। ତେଣୁ ତାହାର ତଦନ୍ତ କରାଯିବ ବୋଲି ଏସ୍‌ଡିପିଓ କହିଥିଲେ। ଅଭିଯୁକ୍ତମାନେ ଜବତ ହୋଇଥିବା ମୋବାଇଲର

କାଗଜପତ୍ର ଦେଖାଇ ପାରି ନ ଥିଲେ। ତେଣୁ ପୋଲିସ ସେମାନଙ୍କୁ ଚୋରି ମାମଲାରେ ଗିରଫ କରିଛି। ଖବରଦାତା ସମ୍ମିଳନୀରେ ଆଇଆଇସି ଜୀବନାନନ୍ଦ ଜେନା, ଏସ୍‌ଆଇ ସମୀର କୁମାର ସେଠୀ, ଲକ୍ଷ୍ମୀଧର ମହାନ୍ତି, ଲିପିନା ବିଶ୍ୱାଳ,ଜ୍ୟୋସ୍ନାମୟୀ ସାହୁ, ଏଏସ୍‌ଆଇ ବିଦେଶୀ ବେହେରା, ସତ୍ୟନାରାୟଣ ମଲ୍ଲିକ, ରୁଦ୍ର ପ୍ରସାଦ କହର, କନଷ୍ଟେବଳ ସନ୍ତୋଷ କୁମାର ନାୟକ, ଅମିତ୍ କୁମାର ବିଶ୍ୱାଳ, ନରେଶ ଶବର, ଗୃହରକ୍ଷୀ ଗଜେନ୍ଦ୍ର ସାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଜବତ ହୋଇଥିବା ମୋବାଇଲଗୁଡ଼ିକୁ ଆଗାମୀ ଦିନରେ ତାହାର ଅସଲ ମାଲିକମାନଙ୍କୁ ଫେରାଇବା ପାଇଁ ଥାନା ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ଭଞ୍ଜନଗର ଥାନାରେ ୯୨/୨୬ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି। ଗିରଫ ଅଭିଯୁକ୍ତମାନେ ସାଇକେଲ ଏବଂ ବାଇକରେ ଏଠାରେ ବୁଲି ବୁଲି ବ୍ୟବସାୟ କରନ୍ତି। ସେମାନଙ୍କର ଚାଲି ଚଳଣିକୁ ନେଇ ବିଭିନ୍ନ ଆଡୁ ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ସେମାନଙ୍କ ଗତିବିଧି ଉପରେ ନଜର ରଖିଥିଲା। ଶୁକ୍ରବାର ଅଭିଯୁକ୍ତମାନେ ଗୋଟିଏ ସ୍ଥାନରେ ଏକାଠି ହୋଇଥିବା ବେଳେ ପୋଲିସ ସେମାନଙ୍କୁ ଥାନାକୁ ସନ୍ଦେହରେ ନେଇ ପଚରାଉଚରା କରିବା ପରେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲା।

### ଛାତ୍ର ନିକଟରୁ ବନ୍ଧୁକ ମିଳିବା ଘଟଣା

## ସ୍କୁଲ ଗେଟ୍‌ରେ ତାଲା ପକାଇଲେ ଅଭିଭାବକ

**ବାହାନଗା: ଏକ୍ସପ୍ରେସ ନ୍ୟୁଜ୍**

ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ଶ୍ରୀଜଙ୍ଗସ୍ଥିତ ଦାସମହାପାତ୍ର ହାଇସ୍କୁଲର ଜଣେ ଛାତ୍ରଙ୍କ ବ୍ୟାଗରୁ ଏକ ବନ୍ଧୁକ ବାହାରିଥିଲା। ଏହି ଘଟଣାକୁ ନେଇ ବିଦ୍ୟାଳୟରୁ ସମ୍ପୃକ୍ତ ଛାତ୍ରଙ୍କୁ ଟିସି ଦେଇ ବାହାର କରିବା ଦାବି କରି ଅଭିଭାବକମାନେ ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଛନ୍ତି। ଯଦି ସମ୍ପୃକ୍ତ ଛାତ୍ରଙ୍କୁ ବାହାର କରା ନଯାଏ ତାହାଲେ ସମସ୍ତ ୪ ଶହ ପିଲାମାନଙ୍କୁ ଟିସିଦିଅ ଆମେ ଏଠୁ ନେଇଯିବୁ ଦାବି କରି ତାଲା ପକାଇ ଧାରଣା ଦେଇଛନ୍ତି। ଏ ନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଛି।

ସୂଚନାଯୋଗ୍ୟ, ଗତ ଗୁରୁବାର ରାତିରେ ଛାତ୍ରଙ୍କୁ ବିଦ୍ୟାଳୟରୁ ବହିଷ୍କାର ପାଇଁ ଅଭିଭାବକମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ। ଅଭିଭାବକମାନଙ୍କ ଦାବିପରେ ଛାତ୍ରଙ୍କ ବସ୍ତାନିରୁ ବନ୍ଧୁକୁ ବାହାରିବା ନେଇ ଥାନାରେ ପ୍ରଧାନ ଶିକ୍ଷୟିତ୍ରୀ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ୪୧/୨୦୨୬ରେ ଏକ ମାମଲା ରୁଜୁ ହୋଇଛି।

ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ର ବିଦ୍ୟାଳୟ ଆରମ୍ଭରୁ ବ୍ୟାଗରେ ବନ୍ଧୁକ ଧରି ଆସିଥିବା ଅନ୍ୟଛାତ୍ରମାନେ ଜାଣିବାକୁ ପାଇଥିଲେ। ଖେଳ ଛୁଟି ପରେ ଶିକ୍ଷକଙ୍କ ସନ୍ଦେହରେ ବ୍ୟାଗ ଦେଖିବାରୁ ଏକ ମେଟାଲ ବନ୍ଧୁକ ମିଳିଥିଲା। ଘଟଣାକୁ ନେଇ ଶିକ୍ଷକ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜଣାଇବା ପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀସଙ୍ଗୀତା ଜେନା ସେଠାରେ ପହଞ୍ଚି ଛାତ୍ରଙ୍କ ନିକଟରୁ ବନ୍ଧୁକ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ସରପଞ୍ଚ କବିତା ସେଠୀ ଏସଏମସି କମିଟିକୁ ଖବର ଦେଇଥିଲେ। ତୁରନ୍ତ ଏକ ବୈଠକ ଡକାଯାଇ ଆଲୋଚନା ପରେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ପିସ୍ତଲ ଜବତ କରିବା ସହ ଏହାର ଯାଞ୍ଚ କରୁଛି। ଛାତ୍ର ଜଣକ ବନ୍ଧୁକ କେଉଁଠୁ ଆଣିଲା ତାକୁ ନେଇ ତଦନ୍ତ କରୁଛି ପୋଲିସ।

## ଭାଲୁ ସହ ଲଢ଼ି ଜୀବନ ବଞ୍ଚାଇଲେ ଛାତ୍ର

**ନୀଳଗିରି: ଏକ୍ସପ୍ରେସ ନ୍ୟୁଜ୍**



ବାଲେଶ୍ୱର ଜିଲ୍ଲା ନୀଳଗିରି ଏକ ପାହାଡ ଓ ଜଙ୍ଗଲ ଅଞ୍ଚଳ। ଜଙ୍ଗଲରେ ବସବାସ କରୁଥିବା ଜୀବଜନ୍ତୁ ଖାଦ୍ୟ ଅନ୍ୱେଷଣରେ ଆସି ବାଟବଣା ହୋଇ ଜଙ୍ଗଲ ପାର୍ଶ୍ୱବର୍ତ୍ତି ଗ୍ରାମରେ ପଶି ଆତଙ୍କ ସୃଷ୍ଟି କରୁଛନ୍ତି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ ପୋଡାଶୁଲ ପାତ୍ରସାହିରେ। ଧୀରେନ୍ଦ୍ର ପାତ୍ରଙ୍କ ୧୩ ବର୍ଷର ନାବାଳକ ପୁତ୍ର ପ୍ରଭାତ ପାତ୍ର ଘରୁ ସକାଳ ୯ଟା ସମୟରେ ଘରୁ ବାହାରକୁ ଯିବାବେଳେ ଗ୍ରାମର ଏକ ବୁଦାମୂଳେ ଲୁଚି ରହିଥିବା ୨ଟି ଭାଲୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଭାଲୁ ଆକ୍ରମଣରେ ପ୍ରଭାତର ପେଟ ଓ ଗୋଡ ଗଭୀର କ୍ଷତ କରିଥିଲେ ମଧ୍ୟ ଏଥିରେ ଭୟଭୀତ ନ ହୋଇ ପ୍ରଭାତ ସାହସର ସହିତ ଭାଲୁଙ୍କ ସହ ଲଢ଼ି ନିଜକୁ ବଞ୍ଚାଇବା ସହ ଘଟଣାସ୍ଥଳରୁ ଭାଲୁଙ୍କୁ ବିଦା କରିଥିଲେ। ଅନ୍ୟ ପକ୍ଷରେ ପ୍ରଭାତ ଗାଁରେ ଭାଲୁ ପଶିଥିବାର ଚିତ୍କାର କରି ଗ୍ରାମବାସୀଙ୍କୁ ଏକାଠି କରିଥିଲେ। ଭାଲୁଙ୍କ ଆକ୍ରମଣରେ ଆହତ ପ୍ରଭାତକୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ପରିବାର ଓ ଗ୍ରାମବାସୀମାନେ। ଗାଁରେ ଭାଲୁ ଥିବାରୁ ଗ୍ରାମବାସୀମାନେ ଭୟଭୀତ ଅବସ୍ଥାରେ ଥିବା ବେଳେ ଭାଲୁଙ୍କ ସହିତ ସାହାସର ଲଢ଼ି ନିଜର ଜୀବନ ବଞ୍ଚାଇଥିବାରୁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ରାସ୍ତା ମରାମତି ଦାବିରେ ଗଣଧାରଣା

**ଧର୍ମଶାଳା: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ୧୬ ନଂ ଜାତୀୟ ରାଜପଥ ଦୀର୍ଘଦିନ ହେବ ଶୋଚନୀୟ ହୋଇପଡିଛି। ଫଳରେ ଏହି ଜାତୀୟ ରାଜପଥ ଠାରୁ ବ୍ଲକ କାର୍ଯ୍ୟାଳୟ ରାସ୍ତା ଖଲଖମାରେ ଭର୍ତ୍ତି ହୋଇଛି। ଫଳରେ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ବ୍ଲକକୁ ଆସୁଥିବା ଜନସାଧାରଣ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏନେଇ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କଲେ କିଛି ସୁଫଳ ନ ମିଳିବାରୁ ବ୍ଲକ କାର୍ଯାଳୟ ଆଗରେ ଯାଜପୁର ଜିଲ୍ଲା କୁଆଖିଆ ଅଞ୍ଚଳର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଗଣଧାରଣା ଦିଆଯାଇଛି। ମଞ୍ଚର ସମସ୍ତ କର୍ମକର୍ତ୍ତା ସାମିଲ ହୋଇ ଏହି ଧାରଣାରେ ବସି ତୁରନ୍ତ ମରାମତି କରିବାକୁ ଦାବି କରିଥିଲେ। ଯେପର୍ଯ୍ୟନ୍ତ ମରାମତି ଓ ଜିଲ୍ଲା ପ୍ରଶାସନଠାରୁ ପ୍ରତିଶ୍ରୁତି ନ ମିଳିଛି ସେ ପର୍ଯ୍ୟନ୍ତ ଏହି ଗଣଧାରଣା ଚାଲୁ ରହିବ ବୋଲି ମଞ୍ଚର ମୁଖ୍ୟ କର୍ମକର୍ତ୍ତା ବିଶ୍ୱଜିତ ମହାନ୍ତି ସୂଚନା ଦେଇଛନ୍ତି। ବ୍ଲକ କାର୍ଯ୍ୟାଳୟକୁ ପ୍ରଶାସନିକ ଅଧିକାରୀମାନେ ଏହି ଖରାପ ରାସ୍ତା ଦେଇ ଆସୁଥିଲେ ମଧ୍ୟ ତାଙ୍କ ନଜର ନ ପଡିବା ଦୁର୍ଭାଗ୍ୟଜନକ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

## ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଦାବି

**ନୂଆପଡା: ଏକ୍ସପ୍ରେସ ନ୍ୟୁଜ୍**

ନୂଆପଡା ଜିଲ୍ଲା ବୋଡନ ବ୍ଲକ୍ ଅନ୍ତର୍ଗତ ଭାଇସାଦଦାନୀ ଗ୍ରାମପଞ୍ଚାୟତର ପାର୍ବତ୍ୟାଞ୍ଚଳ କୋପଟିଆମ୍ବ ଗ୍ରାମରେ ପାନୀୟ ଜଳ ସମସ୍ୟାରେ ଗ୍ରାମବାସୀ ସମ୍ମୁଖୀନ ହେଉଛନ୍ତି। ଏହି ଗ୍ରାମଟି ସମୁଦ୍ର ପତନ ଠାରୁ ୩ ହଜାର ଫୁଟ ଉଚ୍ଚତାରେ ଅବସ୍ଥିତ। ଏହି ଗ୍ରାମର ଏକ କୁଆ ଖୋଲା ଯାଇଥିବା ବେଳେ ସେହି ଜଳକୁ ପାନୀୟ ଜଳ ରୂପେ ଗ୍ରାମବାସୀମାନେ ବ୍ୟବହାର କରନ୍ତି। ଏହି କୂଅ ପାନୀୟ ଜଳକୁ ପାଇପ ଯୋଗେ ଗ୍ରାମର ଦ୍ୱାର ମୁହଁରେ ଯୋଗାଣ ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି। କାରଣ ନିଘଞ୍ଚ ଜଙ୍ଗଲ ଲାଗି ରହିଥିବା ବେଳେ ଗ୍ରାମର ମହିଳା ମାନେ ଜଳ ସଂଗ୍ରହ ମୁଖ୍ୟ କାର୍ଯ୍ୟ ହୋଇଥାଏ। ତେଣୁ ହର ଘର ନଳ ହେଉ, ବସୁନ୍ଧରା ଯୋଜନା ହେଉ ସରକାର ପକ୍ଷରୁ ପାଇପ ଯୋଗେ ଜଳ ଯୋଗାଣ ପାଇଁ ଆଦିବାସୀ ବହୁଳ ଗ୍ରାମ ଦାବି କରୁଛନ୍ତି। ମାଓ ପ୍ରଭାବରେ ଘେରି ରହିଥିବା ଯୋଗୁଁ ଗ୍ରାମରେ ପ୍ରଶାସନ ଅପହଞ୍ଚ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ତାଙ୍କ ଏହି ସମସ୍ୟାକୁ ସରକାର ପର୍ଯ୍ୟନ୍ତ ପହଞ୍ଚାଇବାକୁ ଆହ୍ୱାନ କରିଛନ୍ତି। ଜଙ୍ଗଲ ଥିବା କାରଣରୁ ଦୁଇ ସମୟ ଜଳ ସଂଗ୍ରହ କରିବା ତାଙ୍କ ପାଇଁ କଷ୍ଟ ସାଧ୍ୟ ଅଟେ। ବନ୍ୟପ୍ରାଣୀଙ୍କ ଆକ୍ରମଣର ଭୟ ରହିଥିବା ବେଳେ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମର ମହିଳା ପୁରୁଷ ଏବଂ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି।

### ବାଣିଜ୍ୟ

## ପତଞ୍ଜଳି ଗବେଷଣା ପ୍ରତିଷ୍ଠାନରେ 'ଯୋଗ ଅଲିମ୍ପିଆଡ୍ ଓରିଏଣ୍ଟେସନ୍'

**ହରିଦ୍ୱାର: ଏକ୍ସପ୍ରେସ ନ୍ୟୁଜ୍**



ହରିଦ୍ୱାରର ପତଞ୍ଜଳି ଗବେଷଣା ପ୍ରତିଷ୍ଠାନ ଏବଂ ସୁସ୍ଥତାରେ ନଅ ଦିନିଆ 'ଯୋଗ ଅଲିମ୍ପିଆଡ୍ ଓରିଏଣ୍ଟେସନ୍ ଏବଂ ତାଲିମ କାର୍ଯ୍ୟକ୍ରମ' ଶେଷ ହୋଇଛି। ଜାନୁଆରୀ ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ତାଲିମ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ସଫଳ ହୋଇଥିଲା। ଏହି କାର୍ଯ୍ୟକ୍ରମ ଯୋଗ ଦର୍ଶନ, ମନସ୍ତତ୍ତ୍ୱ ଏବଂ ଆଧ୍ୟାତ୍ମିକତା ଉପରେ ଆଧାରିତ ଥିଲା, ଯାହା ଆନ୍ତରିକ ଶାନ୍ତି ଏବଂ ଆଧ୍ୟାତ୍ମିକ ଚିନ୍ତନ ପାଇଁ ଦିଗଦର୍ଶନ ପ୍ରଦାନ କରୁଥିଲା।

ସିକିମ୍ ସରକାରଙ୍କ ଶିକ୍ଷା ବିଭାଗର ପ୍ରତିନିଧିମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ତାଲିମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗ୍ରାମାଞ୍ଚଳରେ ବିକାଶ, ସମାନତା ଏବଂ ଯୋଗର ବ୍ୟାପକ ପ୍ରସାରକୁ ପ୍ରୋତ୍ସାହିତ କରିବା। କାର୍ଯ୍ୟକ୍ରମଟି ଧ୍ୟାନ, ଶଙ୍ଖ ଫୁଙ୍କଣ ଏବଂ ହବନ ପୂଜନ ସହିତ ଆରମ୍ଭ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି, ପୂଜ୍ୟ ଆୟୁର୍ବେଦ ଶିରୋମଣି ଆଚାର୍ଯ୍ୟ ବାଳକୃଷ୍ଣ କହିଥିଲେ ଯେ ଯୋଗ ପ୍ରାଚୀନ ଭାରତର ଏକ ସମଷ୍ଟିଗତ ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ଅଭ୍ୟାସ। ଯୋଗର ଲକ୍ଷ୍ୟ ହେଉଛି ମନ, ଶରୀର ଏବଂ ଆତ୍ମା ମଧ୍ୟରେ ସନ୍ତୁଳନ ସ୍ଥାପନ କରିବା, ଯାହା ଆତ୍ମ-ସାକ୍ଷାତ, ମାନସିକ ଶାନ୍ତି ଏବଂ ମୋକ୍ଷ ପ୍ରଦାନ କରେ। ଯୋଗ ସାମଗ୍ରିକ ସ୍ୱାସ୍ଥ୍ୟକୁ ଉନ୍ନତ କରେ, ଚାପ ହ୍ରାସ କରେ ଏବଂ ଏକ ଶୃଙ୍ଖଳିତ ଜୀବନଶୈଳୀକୁ ପ୍ରୋତ୍ସାହିତ କରେ।

ଏହି ଅବସରରେ, ଯୋଗ ଋଷି ସ୍ୱାମୀ ରାମଦେବ କହିଥିଲେ ଯେ ପ୍ରାକୃତିକ ଚିକିତ୍ସା, କିମ୍ବା ପ୍ରାକୃତିକ ଔଷଧ, ଏକ ଔଷଧ-ମୁକ୍ତ ଚିକିତ୍ସା ପଦ୍ଧତି ଯାହା ଶରୀରର ପ୍ରାକୃତିକ ଆରୋଗ୍ୟ କ୍ଷମତାକୁ ସକ୍ରିୟ କରିଥାଏ। ଏହା ସନ୍ତୁଳିତ ଖାଦ୍ୟ, ଔଷଧି, ଜଳ ଏବଂ କାଦ ଚିକିତ୍ସା, ଯୋଗ, ପ୍ରାଣାୟାମ, ଉପବାସ, ସୂର୍ଯ୍ୟ ଚିକିତ୍ସା ଏବଂ ଆକ୍ୟୁପଙ୍କଚର ମାଧ୍ୟମରେ ରୋଗର ମୂଳ କାରଣଗୁଡ଼ିକର ଚିକିତ୍ସା କରେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରାକୃତିକ ଚିକିତ୍ସା ଏକ ପ୍ରଭାବଶାଳୀ ପରିପୂରକ ଚିକିତ୍ସା ପଦ୍ଧତି, କିନ୍ତୁ ଗୁରୁତର ରୋଗ ପାଇଁ, ଜଣେ ଅଭିଜ୍ଞ ଚିକିତ୍ସକଙ୍କ ପରାମର୍ଶ ଜରୁରୀ। ସେ ପତଞ୍ଜଳି ଏବଂ ସିକିମ ସରକାରଙ୍କ ମଧ୍ୟରେ ମିଳିତ ପ୍ରୟାସର ସମ୍ଭାବନା ଉପରେ ମଧ୍ୟ ଆଲୋକପାତ କରିଥିଲେ।

ପତଞ୍ଜଳି ସୁସ୍ଥତା ବିଷୟରେ ଉଲ୍ଲେଖ କରି, ଡକ୍ଟର ବିନୀତା ବ୍ୟାଖ୍ୟା କରିଥିଲେ ଯେ ଆୟୁର୍ବେଦ ଏବଂ ଏକ ପ୍ରାକୃତିକ ଜୀବନଶୈଳୀ ଗ୍ରହଣ କରିବା ଦ୍ୱାରା ସୁସ୍ଥ ଶରୀର ଏବଂ ମନ ବଜାୟ ରହିପାରିବ। ରୋଗର ପ୍ରକୃତି, ରୋଗୀର ଅବସ୍ଥା ଏବଂ ବିଶେଷଜ୍ଞଙ୍କ ପରାମର୍ଶ ଉପରେ ଆଧାର କରି ଚିକିତ୍ସା ପଦ୍ଧତି ନିର୍ଣ୍ଣୟ କରାଯାଏ।

କାର୍ଯ୍ୟକ୍ରମ ସମୟରେ, ଡକ୍ଟର ବେଦପ୍ରିୟା ଆର୍ଯ୍ୟ ପତଞ୍ଜଳିର ଗବେଷଣା ଏବଂ ବିକାଶ କାର୍ଯ୍ୟକଳାପର ଏକ ବିସ୍ତୃତ ସମୀକ୍ଷା ଉପସ୍ଥାପନ କରିଥିଲେ। ଡକ୍ଟର ବିଶାଲ, ସୌରଭ ନିର୍ମୋହୀ, ଡକ୍ଟର ଦୀପିକା, ଡକ୍ଟର ବିନୀତା ଏବଂ ଅନ୍ୟାନ୍ୟ ପତଞ୍ଜଳି ବୈଜ୍ଞାନିକମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ।

ପ୍ରତିନିଧିମାନେ ଋଷିକେଶର ପରମାର୍ଥ ନିକେତନ, ଗୀତା ଭବନ ଏବଂ ଗଙ୍ଗା ଆରତୀରେ ମଧ୍ୟ ଅଂଶଗ୍ରହଣ କରିଥିଲେ, ଆଧ୍ୟାତ୍ମିକ ପରିବେଶର ଅନୁଭବ କରିଥିଲେ। ସିକିମର ପ୍ରତିନିଧିମାନେ ପତଞ୍ଜଳି ଗୋଶାଳା, ଗୁରୁକୁଳମ୍, ଆଚାର୍ଯ୍ୟକୁଳମ୍, ଔଷଧୀୟ ଉଦ୍ୟାନ ଏବଂ ଗବେଷଣା କେନ୍ଦ୍ର ପରିଦର୍ଶନ କରିଥିଲେ ଏବଂ ପତଞ୍ଜଳି ଦ୍ୱାରା କରାଯାଉଥିବା କାର୍ଯ୍ୟକୁ ପ୍ରଶଂସା କରିଥିଲେ।

କାର୍ଯ୍ୟକ୍ରମରେ ପ୍ରମୁଖ ପ୍ରତିନିଧି ଭାବରେ ଶ୍ରୀ ଅଧିକାରୀ ଏବଂ ଜାମ୍ୟାଙ୍ଗ ଭୂଟିଆ ଉପସ୍ଥିତ ଥିଲେ। ସମାପନୀ ଉତ୍ସବରେ, ଆଚାର୍ଯ୍ୟ ବାଳକୃଷ୍ଣ ସମସ୍ତ ଅତିଥିଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ ଏବଂ ସେମାନଙ୍କୁ ସ୍ମାରକୀ ଏବଂ ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ। ପୂଜ୍ୟ ଆଚାର୍ଯ୍ୟ ବାଳକୃଷ୍ଣ ଜୀ ମହାରାଜ ଅତିଥିମାନଙ୍କୁ ଶାଲ ଏବଂ ସ୍ମାରକୀ ଦେଇ ସ୍ୱାଗତ କରିଥିଲେ। ପୂଜ୍ୟ ଆଚାର୍ଯ୍ୟ ବାଳକୃଷ୍ଣ ଜୀ ମହାରାଜ ପରିଦର୍ଶକମାନଙ୍କୁ ଶାଲ ଏବଂ ସ୍ମାରକୀ ଦେଇ ସ୍ୱାଗତ କରିଥିଲେ।

## ଯାଜପୁର ୟୁଥ୍ ଫୋରମ ପକ୍ଷରୁ ଦାବିପତ୍ର




**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ୟୁଥ୍ ଫୋରମ ପକ୍ଷରୁ ଶୁକ୍ରବାର ଅପରାହ୍ଣରେ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜାତୀୟ ରାଜପଥ ୧୬ ଓ ଜାତୀୟ ରାଜପଥ ୨୦ର ସଂଯୋଗସ୍ଥଳ ପାଣିକୋଇଲି ଠାରେ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଦୁର୍ଘଟଣାଜନିତ ଆଶୁ ଚିକିତ୍ସାଳୟ (ଟ୍ରମା କେୟାର ଫେସିଲିଟି)ର ୨ଶହ ଶଯ୍ୟା ବିଶିଷ୍ଟ ଭିତ୍ତିଭୂମି ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। କିନ୍ତୁ ସରକାରଙ୍କ ଆନ୍ତରିକତା ଅଭାବରୁ ଆଜି ପର୍ଯ୍ୟନ୍ତ ଆଶୁ ଚିକିତ୍ସାଳୟ କେନ୍ଦ୍ରଟି ଲୋକାର୍ପଣ ହୋଇପାରୁନାହିଁ। ମୁଖ୍ୟମନ୍ତ୍ରୀ ଏହାକୁ ପିପିପି ମୋଡ଼ରେ ଚାଲୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହାକୁ ପିପିପି ମୋଡ଼ରେ ନ କରି ସରକାରୀ ଚିକିତ୍ସାଳୟ କରାଯିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେଣୁ ପିପିପି ମୋଡ଼କୁ ତୁରନ୍ତ ପ୍ରତ୍ୟାହାର କରି ଉପଖଣ୍ଡ ଚିକିତ୍ସାଳୟ ଘୋଷଣା କଲେ କେବଳ ଯାଜପୁର ନୁହେଁ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲାର ଅଧିବାସୀ ଉପକୃତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ମଦନ ମୋହନ ପଣ୍ଡା, ପର୍ଶୁରାମ ଓଝା, ସତ୍ୟ ସୁନ୍ଦର ଦାସ, ଆଦିତ୍ୟ ଦାଶ, ଅଭିଜିତ ମହାନ୍ତି, ସୁଧାଂଶୁ ଶେଖର ସାହୁଙ୍କ ସମେତ ଶତାଧିକ ୟୁଥ୍ ଫୋରମର ସଦସ୍ୟ ଉପସ୍ଥିତ ଥିଲେ।

## ସହରରେ ବଢୁଛି ଦୁର୍ଘଟଣା

**ସମ୍ବଲପୁର: ଏକ୍ସପ୍ରେସ ନ୍ୟୁଜ୍**

ବରାହୀପାଲି ଛକରେ ଟ୍ରାଫିକ ପୋଲିସ ଅନୁପସ୍ଥିତ, ଅଇଁଠାପାଲି ଛକରେ ସିରିଜ ଦୁର୍ଘଟଣା ପୁଣି ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ପ୍ରସୂତି ରୋଗୀକୁ ଡାକ୍ତରଖାନା ଆଣିବା ରାସ୍ତାରେ ଓଡି ୦୨ ଡିଏ ୭୪୩୧ ନମ୍ବର 'ଜନନୀ ଏକ୍ସପ୍ରେସ' ଭଳି ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବା ଘଟଣା ସମ୍ବଲପୁର ଟ୍ରାଫିକ ବ୍ୟବସ୍ଥା ପ୍ରତି ପ୍ରଶ୍ନ ଉଠାଇଛି। ଏହି ଦୁର୍ଘଟଣା ଫଳରେ ଗାଡି ଭିତରେ ଥିବା ରୋଗୀ ସହ ପରିବାର ଲୋକେ ମଧ୍ୟ ଶିକାର ହୋଇଛନ୍ତି। 'ଦ୍ରୁତଗତି ମହାବିପତ୍ତି' ନେଇ ବ୍ୟାପକ ସଚେତନତା ବିଜ୍ଞାପନ ପରେ ବି ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ଘଟଣା ଚିନ୍ତାର କାରଣ ପାଲଟିଛି।

ଅପରପକ୍ଷେ ରୋଗୀବାହାକ ଜନନୀ ଏକ୍ସପ୍ରେସ ଭଳି ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାର କାରଣ କେବଳ ଦ୍ରୁତଗତି। ଗାଡ଼ି ଓ ବେଗ ଉପରେ ସାମାନ୍ୟତମ ନିୟନ୍ତ୍ରଣ ନଥିବା ଚାଳକମାନଙ୍କ ଯୋଗୁଁ ଦୁର୍ଘଟଣା ଏକ ସାମାନ୍ୟ ଘଟଣାରେ ପରିଣତ ହୋଇଛି। ବରାହୀପାଲି ଭଳି ବ୍ୟସ୍ତ ବହୁଳ ଛକରେ ଟ୍ରାଫିକ୍ ପୋଲିସ ଅନୁପସ୍ଥିତ ଓ ଅଇଁଠାପାଲି ଛକରେ କ୍ରମାଗତ ଦୁର୍ଘଟଣା ଘଟି ଅନେକ ଯାନବାହନ ନଷ୍ଟଭ୍ରଷ୍ଟ ହେବା ସମ୍ପ୍ରତି ସଚେତନତାର ଅଭାବ ବୋଲି ସଚେତନ ନାଗରିକ ମହଲରୁ କୁହାଯାଉଛି। ଜାତୀୟ ରାଜପଥ ଠାରୁ ଆରମ୍ଭ କରି ସହରାଞ୍ଚଳର ବିଭିନ୍ନ ରାସ୍ତାଘାଟରେ ଦ୍ରୁତଗତି ଓ ଖାମଖିଆଲି ଭାବେ ଚାଲୁଥିବା ଗାଡ଼ିର କାଗଜପତ୍ର ଯାଞ୍ଚ କରାଯିବା ସହ ଗାଡ଼ି ଚାଳକମାନଙ୍କ ଗାଡିଚାଳନା ସକ୍ଷମତା ଯାଞ୍ଚ୍ କରିବାର ଆବଶ୍ୟକତା ଅନିବାର୍ଯ୍ୟ ହୋଇପଡ଼ିଛି। ଦିନକୁ ଦିନ ସହରରେ ଯାନବାହାନର ସଂଖ୍ୟା ଯେଉଁ ହାରରେ ବୃଦ୍ଧି ପାଇବାରେ ଲାଗିଛି ସେହି ହାରରେ ରାସ୍ତାର ଅଭାବ ଓ ସବୁଠାରୁ ଉଦବେଦର କାରଣ ପାଲଟିଛି 'ଯେତେ ଭିଡ଼ ହେଲେ ବି, ମୁଁ ଆଗ ପଳାଇବି'ର ମାନସିକତା। ଜିଲ୍ଲା ପ୍ରଶାସନ ଏ ଦିଗରେ କଡ଼ାକଡ଼ି ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଜନଜୀବନ ପ୍ରତି ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ।

## ଚଳଚ୍ଚିତ୍ର ପୁରସ୍କାରର ନିରପେକ୍ଷତା ଉପରେ ପ୍ରଶ୍ନ





### ସିନେମାଫିନେମା ଟିଭିଫିବି

ଚଳଚ୍ଚିତ୍ର ନିର୍ମାତା ପା ରଞ୍ଜିତ ରାଜ୍ୟ ଏବଂ ଜାତୀୟସ୍ତରରେ ପୁରସ୍କାର ସଂସ୍ଥାଗୁଡ଼ିକର ନିରପେକ୍ଷତା ଏବଂ ସଚ୍ଚୋଟତା ଉପରେ ପ୍ରଶ୍ନ ଉଠାଇଛନ୍ତି।

ତାମିଲନାଡୁ ସରକାର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଏବଂ ରାଜ୍ୟ ଟେଲିଭିଜନ ପୁରସ୍କାର ଘୋଷଣା କରିବାର କିଛି ସମୟ ପରେ ତାଙ୍କର ମନ୍ତବ୍ୟ ଆସିଛି।

ଘୋଷଣା ପରେ, ଚଳଚ୍ଚିତ୍ର ନିର୍ମାତା ତାଙ୍କର ଏକ୍ସ ଆକାଉଣ୍ଟରେ ତାଙ୍କର ସନ୍ଦେହ ପ୍ରକାଶ କରି 'ସଚ୍ଚୋଟତା' ବିଷୟରେ କଥା ହୋଇ ପ୍ରଶ୍ନ ଉଠାଇଛନ୍ତି ଯେ ପୁରସ୍କାର ସଂଗଠନଗୁଡ଼ିକ ପ୍ରକୃତରେ ନିରପେକ୍ଷ ଭାବରେ କାର୍ଯ୍ୟ କରନ୍ତି କି ନାହିଁ।

ସିଷ୍ଟମ ଉପରେ ପ୍ରଶ୍ନ ଉଠାଇ ରଞ୍ଜିତ ଲେଖିଛନ୍ତି, 'ତାମିଲନାଡୁ ସରକାର ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରିବା ପରିପ୍ରେକ୍ଷୀରେ, ମୋର ଆପଣଙ୍କ ପାଇଁ ଏକ ପ୍ରଶ୍ନ ଅଛି: କ'ଣ ତାମିଲନାଡୁ ଏବଂ ଜାତୀୟସ୍ତରରେ ସରକାରୀ ଏବଂ ବେସରକାରୀ ପୁରସ୍କାର ସଂଗଠନଗୁଡ଼ିକ ପ୍ରକୃତରେ ସଚ୍ଚୋଟତାର ସହିତ କାର୍ଯ୍ୟ କରନ୍ତି ?'

୨୦୧୬ ରୁ ୨୦୨୨ ବର୍ଷ ପାଇଁ ତାମିଲନାଡୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଏବଂ ୨୦୧୪ରୁ ୨୦୨୨ ପାଇଁ ରାଜ୍ୟ ଟେଲିଭିଜନ ପୁରସ୍କାର ଗୁରୁବାର, ଜାନୁଆରୀ ୨୯ ତାରିଖରେ ଘୋଷଣା କରାଯାଇଥିଲା। ଏହି ପୁରସ୍କାରଗୁଡ଼ିକ ଚଳଚ୍ଚିତ୍ର ଏବଂ ଟେଲିଭିଜନ ଶିଳ୍ପର ଅନେକ ଜଣାଶୁଣା ନାମକୁ ସମ୍ମାନିତ କରାଯାଇଥିଲା, ଯେଉଁଥିରେ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଶିଳ୍ପରେ ଅବଦାନ ଦେଇଥିବା ଅଭିନେତା, ନିର୍ଦ୍ଦେଶକ ଏବଂ ସଂଗୀତ ରଚୟିତା ମଧ୍ୟ ସାମିଲ ଥିଲେ।

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ତାଲିକାରେ ଅନେକ ପ୍ରମୁଖ ଅଭିନେତା ସାମିଲ ଥିଲେ। ଧନୁଷ, ବିଜୟ ସେତୁପତି, ସୂରିୟା, ଆର୍ଯ୍ୟ, ବିକ୍ରମ ପ୍ରଭୁ, କାର୍ତ୍ତି ଏବଂ ପାର୍ଥିବାନଙ୍କୁ ବିଭିନ୍ନ ବର୍ଷ ପାଇଁ ଶ୍ରେଷ୍ଠ ଅଭିନେତା ଭାବରେ ମନୋନୀତ କରାଯାଇଥିଲା।

ଶ୍ରେଷ୍ଠ ଅଭିନେତ୍ରୀ (ମହିଳା) ବର୍ଗରେ, ବିଜେତାମାନଙ୍କ ମଧ୍ୟରେ ନୟନତାରା, କୀର୍ତ୍ତି ସୁରେଶ, ଜ୍ୟୋତିକା, ଅପର୍ଣ୍ଣା ବାଲାମୁରାଳି, ଲିଜୋମୋଲ ଜୋସ୍ ଏବଂ ସାଇ ପଲ୍ଲବୀ ସାମିଲ ଥିଲେ।

# ଫାର୍ମ ହାଉସ ମାଲିକଙ୍କ କବଜାରେ ଜଙ୍ଗଲ ଜମି, କାର୍ଯ୍ୟାନୁଷ୍ଠାନ ଦାବି

**୩୧।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକର ସିଂଘାପଡା ପଞ୍ଚାୟତ ଅଧିନ ଦଉପୋଖରୀ, ନୂଆଗାଁ, ହରିହରପ୍ରସାଦ ମୌଜାସ୍ଥିତ ଏକ ଫାର୍ମ ହାଉସ ମାଲିକଙ୍କ କବଜାରେ ଏକର ଏକର ସଂରକ୍ଷିତ ଜଙ୍ଗଲ ଜମି ରହିଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏପରିକି ଫାର୍ମ ହାଉସ ଜାଗା ପାର୍ଶ୍ୱ ଦେଇ ଯାଇଥିବା କ୍ଷୁଦ୍ର ଜଳସେଚନ ବିଭାଗର କେନାଲକୁ ସଂପୃକ୍ତ ଫାର୍ମ ହାଉସ ମାଲିକ ଅନଧିକାର ଭାବେ ଜେସିବି ମେସିନ ଯୋଗେ ଖୋଳତାଡ଼ କରି ନଷ୍ଟ କରିଦେଇଥିବା ବେଳେ ଜଙ୍ଗଲ କିସମ ଜାଗାରେ ଏକ ବିରାଟ ସୌର ବିଦ୍ୟୁତ ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଏବେ କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡିଛି । ଏଥିପ୍ରତି ଖଣ୍ଡପଡ଼ା ତହସିଲ ପ୍ରଶାସନ, ନୟାଗଡ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଦୃଷ୍ଟି ଦେବାକୁ ଦାବି ହେଉଛି । ସିଂଘାପଡା ପଞ୍ଚାୟତବାସୀ ଏ ସଂର୍ପକରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଏହି ଘଟଣାରେ କ୍ରୋଧାନ୍ୱିତ ହୋଇ ଉକ୍ତ ଫାର୍ମ ହାଉସ ମାଲିକ ସ୍ଥାନୀୟ ଗ୍ରାମବାସୀଙ୍କୁ ନାଲିଆଖି ଦେଖାଇ ଧମକ ଦେଇଥିବା ଅଭିଯୋଗ ହେଉଛି । ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ସିଂଘାପଡା ରାଜସ୍ୱ ନିରୀକ୍ଷକଙ୍କ ଜ୍ଞାତସାରରେ ଏକର ଏକର ଜଙ୍ଗଲ ଜମି ଫାର୍ମ ହାଉସ ମାଲିକଙ୍କ କବଜାରେ ଥିବା ନେଇ ଏଥିପୂର୍ବରୁ ସ୍ଥାନୀୟ ବାସିନ୍ଦା ବହୁବାର ପ୍ରଶାସନ ନିକଟରେ ଅଭିଯୋଗ କରି ଆସିଥିଲେ ହେଁ ଜଙ୍ଗଲ ଜମିକୁ ଅକ୍ତିଆର କରିଥିବା ସଂପୃକ୍ତ ଫାର୍ମ ହାଉସ ମାଲିକଙ୍କ ବିରୁଦ୍ଧରେ ପ୍ରଶାସନ ପକ୍ଷରୁ ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ଜଣାପଡିଛି । ପ୍ରଶାସନିକ ସ୍ଥାଣୁତାର ସୁଯୋଗ ନେଇ ସଂପୃକ୍ତ ଫାର୍ମ ହାଉସ ମାଲିକଙ୍କ ଦୌରାତ୍ମ୍ୟ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଥିବାରୁ ସିଂଘାପଡା ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଆଧାରରେ ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ସଂପୃକ୍ତ ଫାର୍ମ ହାଉସ ମାଲିକଙ୍କୁ ତାଗିଦ କରିବାରେ କ୍ଷୁଦ୍ର ଜଳସେଚନ ବିଭାଗର କେନାଲ ଉପରେ ପୋତାଯାଇ ଥିବା ବିଦ୍ୟୁତ ଖୁଣ୍ଟଗୁଡିକୁ ତୁରନ୍ତ ସେଠାରୁ ହଟାଇ ଦିଆଯାଇଥିବା ଜଣାପଡିଛି ।



ସିଙ୍ଘାପଡ଼ା ପଞ୍ଚାୟତବାସୀଙ୍କ ଠାରୁ ମିଳିଥିବା ସୂଚନାନୁଯାୟୀ ଭୁବନେଶ୍ୱର ଅଞ୍ଚଳର ପ୍ରଦୀପ କୁମାର ପଣ୍ଡା ସିଙ୍ଘାପଡ଼ା ଅଞ୍ଚଳରେ ପ୍ରାୟ ୬୦ ଏକରରୁ ଉର୍ଦ୍ଧ୍ୱ ଜଙ୍ଗଲ କିସମ ଜମିକୁ ଫାର୍ମ ହାଉସ ଆଳରେ ଜବରଦଖଲ କରି ରଖିଥିବା ବେଳେ ବେଆଇନ ଭାବେ ଜଙ୍ଗଲ ଜମିରେ ସୌର ବିଦ୍ୟୁତ ଶକ୍ତି ପ୍ରକଳ୍ପ ସ୍ଥାପନ କାର୍ଯ୍ୟ ଆରମ୍ଭ କରିଥିବାରୁ ଜଙ୍ଗଲ ଜମି ନଷ୍ଟ ହେବା ସହ ଜଙ୍ଗଲରେ ବାସ କରୁଥିବା ଜୀବଜନ୍ତୁଙ୍କ ପାଇଁ ଏହା ଭବିଷ୍ୟତରେ ବିପଦର କାରଣ ପାଲଟିବ ବୋଲି ସାଧାରଣରେ ଆଲୋଚନା ହେଉଛି । ଉକ୍ତ ଫାର୍ମ ହାଉସ ମାଲିକଙ୍କ କାର୍ଯ୍ୟକଳାପ ପ୍ରତି ଖଣ୍ଡପଡ଼ା ତହସିଲଦାର, ବନାଞ୍ଚଳ ଅଧିକାରୀ, ନୟାଗଡ ବନଖଣ୍ଡ ଅଧିକାରୀ ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି । ଅଭିଯୋଗ ସଂର୍ପକରେ ଖଣ୍ଡପଡ଼ା ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀ ଓ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାରେ ସେଥିପ୍ରତି ସେମାନେ ଦୃଷ୍ଟି ଦେବେ ବୋଲି କହିଛନ୍ତ । ନୟାଗଡ ଜିଲ୍ଲାପାଳ ଘଟଣାସ୍ଥଳ ପରିଦର୍ଶନ କରି ସଂପୃକ୍ତ ଫାର୍ମ ହାଉସ ମାଲିକଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବାକୁ ସିଂଘାପଡା ପଞ୍ଚାୟତବାସୀ ଦାବି କରିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ରବିବାର– ପୂର୍ଣ୍ଣିମା |
|---|---|
| ୧.୨.୨୦୨୬ | ନକ୍ଷତ୍ର– ପୁଷ୍ୟା, କର୍କଟଚନ୍ଦ୍ର |

| | |
|---|---|
| **ମେଷ** | ମାନସିକ ଦୁଃଶ୍ଚିନ୍ତାରେ ଦିନଟି କଟିବ । |
| **ବୃଷ** | ସ୍ୱାସ୍ଥ୍ୟରେ ଉନ୍ନତି ହେବ । |
| **ମିଥୁନ** | ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ହେବ । |
| **କର୍କଟ** | କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । |
| **ସିଂହ** | ଦୁର୍ଘଟଣା ଭୟ ରହିଛି । |
| **କନ୍ୟା** | ମର୍ଯ୍ୟାଦାଲାଭ କରିବେ । |
| **ତୁଳା** | ବ୍ୟବସାୟରେ ଆୟ ବୃଦ୍ଧି ହେବ । |
| **ବିଛା** | କୌଣସି ଶୁଭ କାର୍ଯ୍ୟ କଲେ ବିଘ୍ନ ଘଟିବ । |
| **ଧନୁ** | ଅପମାନ କଷ୍ଟ ଦେବ । |
| **ମକର** | ବନ୍ଧୁରେ ଲାଭ । |
| **କୁମ୍ଭ** | ନୂତନ ଆୟର ପନ୍ଥା ଖୋଜିବେ । |
| **ମୀନ** | କାର୍ଯ୍ୟକ୍ଷେତ୍ରରେ ଅସନ୍ତୋଷ ଦେଖାଦେବ । |

## ନାମ ଫଳକ ବିହୀନ ମାଗୁଣିର ଶଗଡ଼



**ଖଲ୍ଲିକୋଟ, ୩୧।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଖଲ୍ଲିକୋଟ ଇତିହାସରେ ମାଗୁଣିର ଶଗଡ଼ ଏକ ଜୀବନ ଯନ୍ତ୍ରଣା ଓ ବାସ୍ତବତାର କରୁଣ କାହାଣୀ । ସେହିସମୟରେ ଖଲ୍ଲିକୋଟର ଆବାଳ ବୃଦ୍ଧ ବନୀତା ମାଗୁଣି ଗୌଡ଼ ଓ ତା'ର ଶଗଡ଼କୁ ଭଲଭାବେ ଜାଣିଥିଲେ । ତା'ର ଜୀବନର ଦରଦି ସାଥୀ ବିନିଥିବା କାଳିଆ କସରା ଦୁଇଟି ବଳଦ ଓ ଶଗଡ଼କୁ ନେଇ ଜୀବନ ନିର୍ବାହ କରିଆସୁଥିଲା । ସେ ଦୁହିଁଙ୍କପାଇଁ ତ ମାଗୁଣିର ତେଲ ଲୁଣର ନୀତିଦିନିଆ ସଂସାର ଚଳୁଥିଲା । କାଳିଆ କସରା ପଶୁ ହେଲେମଧ ସେ ଦୁହିଁଙ୍କ ପାଖରେ ମଣିଷଠୁ ଅଧିକ ହୃଦୟ ଥିଲା ।

ଏହି କ୍ରମରେ ନିଆଁଖୁଣ୍ଟା ପତ୍ରିକାର ସମ୍ପାଦକ ତଥା ବିଶିଷ୍ଟ ଗାଳ୍ପିକ ଗୋଦାବରୀଶ ମହାପାତ୍ର ସ୍ୱଲିଖିତ ଜୀବନ୍ତ ଘଟଣା ଉପରେ ଆଧାରିତ ତାହାଙ୍କ ଗଳ୍ପରେ ମାଗୁଣିର ଚିତ୍ର ଆଉ ଚରିତ୍ରକୁ ଅତ୍ୟନ୍ତ ସରଳ ତରଳ ସ୍ୱଳଂବି ଭାଷାରେ ମାଗୁଣିର ଶଗଡ଼ ଗଳ୍ପରେ ଉଲେଖ କରିଛନ୍ତି । ଖରା, ବର୍ଷା ଓ ଶୀତକୁ ଖାତିରି ନକରି ଖଲ୍ଲିକୋଟ ଗଡ଼ରୁ ଷ୍ଟେସନ ଓ ଷ୍ଟେସନ ଠାରୁ ଖଲ୍ଲିକୋଟ ସବୁଦିନେ ତା'ର ଶଗଡ଼ ଚାଲିଥାଏ । ଗତ ୨୦୨୩ମସିହାରେ ବର୍ତ୍ତମାନର ଏନଏସି ଅଧକ୍ଷ ଇଁ. ନିରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ବହୁପ୍ରତିକ୍ଷୀତ ମାଗୁଣିର ଶଗଡ଼ ପ୍ରତିମୂର୍ତ୍ତି ପ୍ରାୟ ୪ଲକ୍ଷ ଟଙ୍କା ଅନୁଦାନରେ ଖଲ୍ଲିକୋଟ ବସ୍‌ଷ୍ଟାଣ୍ଡ ଠାରେ ତିଆରି କରାଗଲା । ଖରା, ବର୍ଷା ଓ କାକରରେ ଏହି ପ୍ରତିମୂର୍ତ୍ତିର ରଙ୍ଗ ଛାଡିଯିବାରୁ ଗତ ୪ମାସ ତଳେ ପୁଣି ଏହି ପ୍ରତିମୂର୍ତ୍ତିର ପୂର୍ଣ୍ଣ ନବୀକରଣ କରାଗଲା । କିନ୍ତୁ ବଡ ଦୁର୍ଭାଗ୍ୟର ବିଷୟ ଗାଁ, ମନ୍ଦିର ଓ ରାସ୍ତା ଜାଣିବା ପାଇଁ ନାମ ଫଳକ ଲଗାଯାଉଥିଲାବେଳେ ଐତିହାସିକ ମାଗୁଣିର ଶଗଡ଼ ପ୍ରତିମୂର୍ତ୍ତିରେ ନାମ ଫଳକ ନାହିଁ । ଏହି ଖଲ୍ଲିକୋଟ ବସଷ୍ଟାଣ୍ଡ ଦେଇ ଦିନକୁ ହଜାର ହଜାର ଯାତ୍ରୀ ଓ ପର୍ଯ୍ୟଟକ ଗତାଗତ କରୁଥିବାବେଳେ ପାଖ ଚା' ଦୋକାନରେ ଚା'ପିଇ ଲୋକଙ୍କୁ ପଚାରନ୍ତି ଏହି ପ୍ରତିମୂର୍ତ୍ତି ଶଗଡ଼ଟି କ'ଣ?

## ଯୁବକଙ୍କ ମୃତ୍ୟୁ ସନ୍ଦେହ ଘେରରେ

**ନିଆଳି, ୩୧।୧ : ଏକ୍ସପ୍ରେସ୍ ନ୍ୟୁଜ୍**



ନିଆଳି ଥାନା ଅଧିନସ୍ଥ ଦେବୀକନ୍ଦଳ ଦୀପାଞ୍ଚଳ ଇରଞ୍ଚ ପଞ୍ଚାୟତ କୁଳଶ୍ରୀ ଗ୍ରାମରେ ସନ୍ଦେହ ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ସୂଚନା ମୁତାବକ କୁଳଶ୍ରୀ ଗ୍ରାମର ରାମ ସାହୁ (୨୬) ଗୁରୁବାର ରାତିରେ ସାଙ୍ଗସାଥୀଙ୍କ ସହ ଭୋଜିଭାତ କରି ଖାଇଥିଲେ । ଉକ୍ତ ଗ୍ରାମରେ ଥିବା କ୍ଲବ ଘରେ ଶୋଇଥିଲେ । ଶୁକ୍ରବାର ଦିନ ୮ଟା ପର୍ଯ୍ୟନ୍ତ ନ ଉଠିବାରୁ ପରିବାର ଲୋକେ ତାଙ୍କୁ ଜଗତସିଂହପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରାମଙ୍କର ମୃତ୍ୟୁ ଏବେ ସନ୍ଦେହ ଘେରକୁ ଆସିଛି । କିଏ ଭୋଜିଭାତ କରିଥିଲେ ଓ କେଉଁଠି କରିଥିଲେ । ରାମ କ୍ଲବ ଘରେ କେମିତି ଶୋଇଲା ଏବଂ ତା' ସହିତ ଆଉକିଏ ଶୋଇଥିଲେ । ପୋଲିସ ଏହାର ବିଧିବଦ୍ଧ ତଦନ୍ତ କଲେ ରାମ ମୃତ୍ୟୁର ସତ୍ୟାସତ୍ୟ ମିଳିବ । ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବାବେଳେ ଭୟର ବାତାବରଣ ଦେଖାଦେଇଛି ।

## ସ୍ୱାମୀର ଅନ୍ତେଷ୍ଟି କ୍ରିୟା ଲାଗି ଦାଣ୍ଡରେ କୁଷ୍ଠ ପୀଡ଼ିତ ସ୍ତ୍ରୀ

**ଜଳେଶ୍ୱର, ୩୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ବ୍ଲକ ଅଧିନ ଗୋବର ଘାଟା ପଞ୍ଚାୟତ ବଣୀ ପୋଖରୀ ନିକଟସ୍ଥ ଏକ ଇଟାଭାଟିରେ ଦୀର୍ଘ ୩୦ ବର୍ଷ ଧରି ଏକ କୁଷ୍ଠରୋଗାକ୍ରାନ୍ତ ପରିବାର ଦୟନୀୟ ଭାବେ ଜୀବନ ଧାରଣ କରୁଛନ୍ତି । ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଚିକିତ୍ସା ଓ ଖାଦ୍ୟ ଅଭାବରୁ ସରସ୍ୱତୀ ପୂଜା ଦିନ ସ୍ୱାମୀ ଖଗେନର ଦୁଃଖଦ ମୃତ୍ୟୁ ଘଟିଥିଲା । କେହି ଆତ୍ମିୟସ୍ୱଜନ ନଥିବା ବେଳେ ଭାଟି ମାଲିକ ଏବଂ ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାର,



ବିଡ଼ିଓଙ୍କ ସହଯୋଗରେ ଶବ ସତ୍କାର ହୋଇଥିଲା । ଦୁସ୍ଥ ପରିବାର ନିକଟରେ କାଣି କଉଡିଟିଏ ନଥିବା ବେଳେ ଅନ୍ତେଷ୍ଟି କ୍ରିୟା ଲାଗି ଘୋର ବାଧା ସୃଷ୍ଟି ହୋଇଛ । କୁଷ୍ଠରୋଗରେ ଜର୍ଜରିତ, ସ୍ତ୍ରୀ ଆକୁଳ ନୟନରେ ଭିକ ମାଗୁଥିବା ବେଳେ ଭୋଟ ଉଠି ନଥିବାରୁ ସ୍ଥାନୀୟ ଜନପ୍ରତିନିଧିମାନେ ମୁହଁ ଫେରାଇ ନେଇଛନ୍ତି । କୁଷ୍ଠ ନିରାକରଣ ଲାଗି ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ି କର୍ମୀ ସେମାନଙ୍କ ଛାଇ ମାଡନ୍ତି ନାହିଁ । ପରିବାର ଅନ୍ୟ ସଦସ୍ୟମାନେ ରୋଗୀର ପୀଡ଼ିତ ହୋଇ ବିକଳାଙ୍ଗ ହୋଇଥିଲେ ମଧ କୌଣସି ସରକାରୀ ସୁବିଧା ଯୋଗାଇ ଦିଆଯାଉନାହିଁ । ଫଳରେ ଏକାଦଶାହ କର୍ମ ଲାଗି ଅସହାୟ ପରିବାର ଗଣମାଧମ ଜରିଆରେ ସହାୟତା ଲୋଡିଛନ୍ତି ।

# ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

**ବୌଦ୍ଧ, ୩୧।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବୌଦ୍ଧ ଜିଲ୍ଲା ରାଜ୍ୟର କେନ୍ଦ୍ରସ୍ଥଳରେ ରହିଛି । ପୂର୍ବ ଓଡିଶା ସହିତ ପଶ୍ଚିମ ଓଡିଶା ଓ ଦକ୍ଷିଣ ଓଡିଶା ସହିତ ଉତ୍ତର ଓ ପଶ୍ଚିମଓଡିଶାକୁ ସଂଯୋଗର କେନ୍ଦ୍ର ପାଲଟିଛି ବୌଦ୍ଧ ଜିଲ୍ଲା । ବୌଦ୍ଧ ଦେଇ ଖୋର୍ଦ୍ଧା–ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ଯାଇଛି । ଏହି ରାଜପଥ ଜିଲ୍ଲାରେ ୧୧୦ କିଲୋମିଟରୁ ଉର୍ଦ୍ଧ୍ୱ ରହିଛି । ହେଲେ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ଭରି ରହିଛି । ଯାହାଫଳରେ ଦୈନନ୍ଦିନ ଦୁର୍ଘଟଣାମାନ ଘଟୁଛି । ଏହାକୁ ଦେଖିଲେ ଲାଗୁଛି ଜାତୀୟ ରାଜପଥଟି ମରଣଯନ୍ତା ପାଲଟିଯାଇଛି । ଏପରିକି ରାସ୍ତାକୁ ଦେଖିଲେ ସମତଳ କମ ଖାଲଢିପ ଅଧିକ ରହିଥିବା ଭଳି ମନେହେଉଛି । ସେହିପରି ଜାତୀୟ ରାଜପଥରେ ନିର୍ମାଣ ହୋଇଥିବା ପୋଲଗୁଡିକ ରାସ୍ତା ସହିତ ସଂଯୋଗ ସ୍ଥାନରେ ଦବି ଯାଇଥିବାରୁ ଦ୍ରୁତଗତିରେ ଯାଉଥିବା ଯାନାବାହାନ ଗୁଡିକ ସେହି ସ୍ଥାନରେ ଛେଚି ହେବାସହିତ ଭାରସାମ୍ୟ ହରାଇ ଅନେକ ସମୟରେ ଦୁର୍ଘଟଣାର ଶୀକାର ହେଉଥିବା ଅଭିଯୋଗ ହେଉଛି । ଜାତୀୟ ରାଜପଥ ଜିଲ୍ଲାର ମନମୁଣ୍ଡା ଠାରୁ ବୌଦ୍ଧ ଜିଲ୍ଲା ସୀମା ନୟାଗଡ ଜିଲ୍ଲା ବାଣୀଗୋଛା ପର୍ଯ୍ୟନ୍ତ ଲମ୍ବିଯାଇଛି । ବର୍ତ୍ତମାନ ଏହି ରାସ୍ତାରେ ବଡ ବଡ ଖାଲ ରହିଥିବା ବେଳେ ଗାଡିଗୁଡିକ ଓଭରଟେକ କଲାବେଳେ ଖାଲ ଯୋଗୁଁ ଯାନବାହାନ ଗୁଡିକ ଭାରସାମ୍ୟ ହରାଇ ରାସ୍ତା କଡକୁ ଖସି ପଡୁଛି । ଯାହାଫଳରେ ଅକାରଣରେ ଧନଜୀବନ କ୍ଷତି ହେଉଛି । ବୌଦ୍ଧ ଜିଲ୍ଲାରେ ଦୁର୍ଘଟଣା ହାର ଉଦବେଗଜନକ ସ୍ଥିତିରେ ପହଞ୍ଚିଛି । ସେହିପରି ବୌଦ୍ଧ–କିଆକଟା ମହାନଦୀ ସେତୁ ଦକ୍ଷିଣ ଓଡିଶା ସହିତ ପଶ୍ଚିମ ଓଡିଶା ଓ ଉତ୍ତର ଓଡିଶାକୁ ସଂଯୋଗର ସେତୁ ପାଲଟିଛି । ଏହି ରାସ୍ତାଦେଇପ୍ରତିଦିନ ଶହ ଶହ ଯାନବାହାନ ଚଳାଚଳ କରୁଛନ୍ତି । ଯେକେହି ଯାତ୍ରୀ ଏହି ରାସ୍ତାରେ ଯିବା ଆସିବା କରିଥାନ୍ତି ରାସ୍ତାକୁ ନେଇ ବିଭିନ୍ନ ଅରୁଚିକର ମନ୍ତବ୍ୟ ଦେଇଥାନ୍ତି । ଏପରିକି ପ୍ରଶାସନ ଓ ସରକାରଙ୍କୁ ଦାୟୀ କରିଥାନ୍ତି । ଅନ୍ୟପଟେ ଦେଖିବାକୁ ଗଲେ ହରଭଙ୍ଗା ବ୍ଲକର ରାମ୍ପୀକଟା ନିକଟରେ ଏକ ଟୋଲଗେଟ ନିର୍ମାଣ ଚାଲୁ ରହିଛି । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଲାଣି । ଜାତୀୟ ରାଜପଥ ସଜାଡିବା ପରିବର୍ତ୍ତେ ସରକାର ଏକ ଟୋଲଗେଟ ନିର୍ମାଣ କରିବାକୁ ଯାଉଛନ୍ତି । ଜିଲ୍ଲାରେ ଜାତୀୟ ରାଜପଥର ଉପଯୁକ୍ତ ମରାମତିର ଆବଶ୍ୟକତା ରହିଥିବା ବେଳେ ଜାତୀୟ ରାଜପଥ ବିଭାଗ ନିରବ ଦ୍ରଷ୍ଟା ସାଜିଛି । ତେଣୁ ପ୍ରଶାସନ ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଅଛି ।

## ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**ଢେଙ୍କାନାଳ, ୩୧।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଏତଲାକାରୀ ନାବାଳିକାର ଜେଜେମା' କଙ୍କଡ଼ାହାଡ଼ ଥାନାରେ ୨୦୨୪ ଅକ୍ଟୋବର ୨୨ ତାରିଖରେ ରିପୋର୍ଟ ଦେଇଥିଲେ କି, ଅପରାହ୍ନ ୩ଟାବେଳେ ତାଙ୍କ ୯ବର୍ଷର ନାତୁଣୀ କାଠପାଳ ଦୋକାନକୁ ସଉଦା ପାଇଁ ଯାଇଥିଲା । ସଉଦା ଆଣି ଘରକୁ ଫେରୁଥିବା ବେଳେ ତାଙ୍କ ଗ୍ରାମର ବିରଞ୍ଚି ବାଙ୍କିରା ପିତା ଅର୍ଜୁନ ବାଙ୍କୀର ବାଟରେ ଭେଟିଥିଲା ଓ ଘରକୁ ଛାଡି ଦେବାକୁ କହି ମୋଟରସାଇକେଲରେ ବସାଇ ଆଣି ବାଟରେ ଦୁଷ୍କର୍ମ କରିଥିଲା । ଦୁଷ୍କର୍ମ କରିବା ଫଳରେ ନାବାଳିକା କଷ୍ଟ ଅନୁଭବ କରିବାରୁ ଚିତ୍କାର କରିଥିଲା । ଅଭିଯୁକ୍ତ ବିରଞ୍ଚି ନାବାଳିକାକୁ ଦୁଷ୍କର୍ମ କରି ବାଡ଼ିଆପିଟା କରିଥିଲା ଓ ଏକଥା କାହା ଆଗରେ କହିଲେ ଜୀବନରୁ ମାରି ଶେଷ କରିଦେବ ବୋଲି ଧମକ ଦେଇଥିଲା । ନାବାଳିକା ଘରକୁ ଫେରି ତା'ର ଜେଜେମାକୁ କାନ୍ଦି କାନ୍ଦି କହିଥିଲା ଏବଂ ତା'ର ଜେଜେମା' କଙ୍କଡ଼ାହାଡ଼ ଥାନାରେ ଏତଲା ଦେବା ଫଳରେ କଙ୍କଡ଼ାହାଡ଼ ଥାନା କେସ ନ ୨୧୯/୨୦୨୪ ଦଫା ୬୫(୨)/୧୫୫(୨)/୩୫୧(୨) ଭାରତୀୟ ନ୍ୟାୟ ସଂହିତା ଏବଂ ଦଫା ୬ ପୋକ୍ସୋ ଆକ୍ଟରେ ମାମଲା ରୁଜୁ ହୋଇଥିଲା । କଙ୍କଡ଼ାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା ଆସାମୀ ବିରଞ୍ଚିକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଚାର୍ଜସିଟ ଦାଖଲ ପରେ ମାମଲାର ବିଚାର ସି.ଟି.ସ୍ପେସିଆଲ ପୋକ୍ସୋ କେସ ନ ୪୬/୨୦୨୪ ରେ ବିଚାର ଅତିରିକ୍ତ ଜିଲ୍ଲା ଦୌରା ଜଜ ତଥା ପୋକ୍ସୋ କୋର୍ଟର ବିଚାରପତି ସୁଶିଲ କୁମାର ସାହୁଙ୍କ ଅଦାଲତରେ ଚାଲିଥିଲା । ଗତ ୨୯ ତାରିଖ ଦିନ ମାନ୍ୟବର ଅତିରିକ୍ତ ଜିଲ୍ଲା ଦୌରା ଜଜ ତଥା ପୋକ୍ସୋ କୋର୍ଟର ବିଚାରପତି ସୁଶିଲ କୁମାର ସାହୁ ପୀଡିତା ସହ ୨୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ , ଡାକ୍ତରୀ ରିପୋର୍ଟ ଓ ଅନ୍ୟାନ୍ୟ ଦସ୍ତାବିଜକୁ ଆଧାର କରି ଆସାମୀ ବିରଞ୍ଚି ବାଙ୍କିରାଙ୍କୁ ୨୦ ବର୍ଷ ଜେଲ ସହିତ ୨୦ ହଜାର ଟଙ୍କା ଜୋରିମନା ଅନାଦେୟ ଅଧିକ ଛଅ ମାସ ଜେଲ ଭୋଗିବାକୁ ପଡିବ ବୋଲି ରାୟ ପ୍ରଦାନ କରିଛନ୍ତି । ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ କ୍ୟାଡର ଅଡିସନାଲ ପିପି ତଥା ପୋକ୍ସୋ ପିପି ଦାୟିତ୍ୱରେ ଥିବା ଶ୍ରୀମତୀ ସ୍ମିତା ପଟ୍ଟନାୟକ ମାମଲାର ପରିଚାଳନା କରୁଥିଲେ ।

## ବୁଡ଼ିବାକୁ ବସିଲାଣି ଖୋର୍ଦ୍ଧା କ୍ରସର ଶିଳ୍ପ

**ଖୋର୍ଦ୍ଧା, ୩୧।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା କ୍ରସର ଶିଳ୍ପ ଉପରେ ଖୋର୍ଦ୍ଧା ସମେତ ଆଖପାଖ ଜିଲ୍ଲାର ହଜାର ହଜାର ଶ୍ରମିକ ନିର୍ଭର କରୁଥିଲେ । ମାତ୍ର ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଦୀର୍ଘବର୍ଷ ଧରି ବନ୍ଦ ପଡିଛି କ୍ରସର ଶିଳ୍ପ । ଏହି ଶିଳ୍ପ ଏବେ ବୁଡିବାକୁ ବସିଥିବାବେଳେ କ୍ରସର ଉପରେ ନିର୍ଭର କରୁଥିବା ଶ୍ରମିକ ଏବେ କାମ ଅନ୍ୱେଷଣରେ ବାହାରକୁ ଗଲେଣି ତ ଆଉ କିଏ ଭୋକ ଉପାସରେ ପଡିଛି । କେବଳ ସେତିକି ନୁହେଁ କ୍ରସର ଶିଳ୍ପକୁ ଦୃଷ୍ଟିରେ ରଖି କରାଯାଇଥିବା ଆସବାବପତ୍ର ଯଥା: ଟ୍ରକ, ଜେସିବି ମେସିନ୍, ଟ୍ରାକ୍ଟର, ବ୍ରେକର, ପ୍ରୋକଲିନ୍ ପ୍ରଭୃତି ଏବେ ପଡି ଖତ ଖାଉଥିବା ଦେଖାଯାଇଛି ।



ଅନ୍ୟପକ୍ଷରେ ଧାର କରଜ କରି କ୍ରସର ଶିଳ୍ପ କରିଥିବା ମାଲିକଙ୍କ ଅବସ୍ଥା କହିଲେ ନସରେ । କେଉଁଠି ବ୍ୟାଙ୍କ କର୍ତ୍ତୃପକ୍ଷ କିସ୍ତି ପାଇଁ ଦ୍ୱାରକୁ ଆସିଲେଣି ତ ଆଉ କେଉଁଠି ମହାଜନ ଟଙ୍କା ଫେରାଇବାକୁ ଦାବି କଲାଣି । ଏଥିସହିତ ଟ୍ରକ, ଜେସିବି ମେସିନ୍, ଟ୍ରାକ୍ଟର, ବ୍ରେକର, ପ୍ରୋକଲିନ୍ ପ୍ରଭୃତି କରିଥିବା ମାଲିକଙ୍କ ଅବସ୍ଥା ମଧ୍ୟ ସମାନ । ଯାହା ଆଜି କିଛି କ୍ରସର ମାଲିକ କୋହଭରା କଣ୍ଠରେ ପ୍ରକାଶ କରିବା ଘଟଣା ସ୍ୱଷ୍ଟ କରୁଛି । ଗାଡି ଓ କ୍ରସର ବାବଦ ବ୍ୟାଙ୍କ ଋଣ ଅର୍ଥ ସୁଝିବାକୁ ଯାଇ ଘରେ ଥିବା ସୁନା ଗହଣା ବ୍ୟାଙ୍କରେ ବନ୍ଧା ପଡିଥିବାବେଳେ ତାହା ମଧ ଏବେ ବୁଡିବାକୁ ବସିଲାଣି । ସେପଟେ କ୍ରସର ଶିଳ୍ପ ଚାଲିବା ଲାଗି କୌଣସି ବାଟ ଫିଟୁନଥିବାବେଳେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଯେଉଁ ଜମିରେ କ୍ରସର ବସିଛି ତା'ର ପାଉଣା ଲାଗି ତାଗିଦ କରିବା ଏବେ ମାଲିକମାନଙ୍କୁ ବେଡି ଉପରେ କୋରଡା ମାଡ ସଦୃଶ ହୋଇଛି ।

ପ୍ରକାଶ ଥାଉକି, ଖୋର୍ଦ୍ଧାର ଦଳେଇପୁଟ, କୁରାଢମଲ୍ଲ, ଦୁର୍ଗାପୁର, ବାଜପୁର, ଛତ୍ରମା, ଦଧିମାଛଗାଡିଆ, ତାପଙ୍ଗ, ମଳିପଡା, କଁପୁର, ଗୋଡା ପ୍ରଭୃତି ଅଞ୍ଚଳରେ ରହିଛି ୪୫୦ରୁ ଉର୍ଦ୍ଧ୍ୱର କ୍ରସର ଶିଳ୍ପ । କ୍ରସର ଶିଳ୍ପ ଚାଲିଲେ ଖୋର୍ଦ୍ଧା ବଜାର ସମେତ ଏହାର ଉପକଣ୍ଠ ଅଞ୍ଚଳ ବଜାର ସରଗରମ ହେଉଥିଲା । ମାତ୍ର କିଛି ବର୍ଷ ହେବ ଉପରୋକ୍ତ ଅଞ୍ଚଳମାନଙ୍କରେ କ୍ରସର ଶିଳ୍ପ ଉପରେ ନିର୍ଭର କରି ଚାଲୁଥିବା ସାପ୍ତାହିକ ହାଟ ଓ ବ୍ୟବସାୟିକ ଅନୁଷ୍ଠାନ କ୍ରସର ଶିଳ୍ପ ବନ୍ଦ ଯୋଗୁ ଏବେ ଧୀରେ ଧୀରେ ତାଲା ପଡିବାକୁ ବସିଲାଣି । ସେହିପରି କ୍ରସର ଶିଳ୍ପ ବନ୍ଦ ଯୋଗୁ ହଜାର ହଜାର ଶ୍ରମିକଙ୍କ ପରିବାର ଅନ୍ଧାକାରମୟ ଭିତରକୁ ଠେଲି ହୋଇଛନ୍ତି । ଦୀର୍ଘ ବର୍ଷ କ୍ରସର ଶିଳ୍ପ ବନ୍ଦ ହେବା ଯୋଗୁ ଶ୍ରମିକମାନେ ପରିବାରର ଗୁଜୁରାଣ ମେଣ୍ଟାଇବାକୁ ଏବେ ଦାଦନ ମୁହାଁ ହେଉଥିବା ଦେଖିବାକୁ ମିଳିଛି । ତେଣୁ ଖୋର୍ଦ୍ଧା ଅଞ୍ଚଳରେ ଥିବା ସମସ୍ତ କ୍ରସରଶିଳ୍ପକୁ ଆଇନ ମୁତାବକ ଚାଲିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରିବା ସହ କ୍ରସର ଶିଳ୍ପକୁ କଞ୍ଚାମାଲ ଉଚିତ ମୂଲ୍ୟରେ ଯୋଗାଇ ଦେବା ଲାଗି ପାହାଡ ଗୁଡିକ ଚଳାଇବାକୁ ସୁବନ୍ଦବସ୍ତ କରିବା ଲାଗି ଦାବି ହେଉଛି ।

## ଯୋରନ୍ଦା ମେଳାରେ ଦୋକାନ ଉଚ୍ଛେଦକୁ ନେଇ ଅସନ୍ତୋଷ



**ଢେଙ୍କାନାଳ, ୩୧।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ମହିମାଗାଦିଠାରେ ଚଳିତବର୍ଷ ମେଳା ପଡ଼ିଆରେ ଅସ୍ଥାୟୀ ଦୋକାନ ବଜାର ଆରମ୍ଭ ହୋଇଗଲାଣି । ଶୁକ୍ରବାର ଅପରାହ୍ନରେ ବଲ୍କଲଧାରୀ ମହିମା ସମାଜ ଉତ୍ତର ସିଂହଦ୍ୱାର ପାର୍ଶ୍ୱରେ ବର୍ଷସାରା ଭୋଗ, ମାଳି, ଖେଳନା ପ୍ରଭୃତି ବିକ୍ରି କରୁଥିବା ୧୨ରୁ ଉର୍ଦ୍ଧ୍ୱ ଅସ୍ଥାୟୀ ଦୋକାନକୁ ପ୍ରଶାସନ ପକ୍ଷରୁ ପୋଲିସ ଉପସ୍ଥିତିରେ ଉଚ୍ଛେଦ କରାଯିବା ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି ।

ଏଠାରେ ସୂଚନା ଥାଉକି ଏହି ସ୍ଥାନରେ ବର୍ଷସାରା ଦୋକାନ କରି ନିଜର ଗୁଜୁରାଣ ମେଉଛନ୍ତି । ଚଳିତବର୍ଷ ମେଳାରେ ଏଠାରେ ଦୋକାନ କରିବା ପାଇଁ ପଞ୍ଚାୟତରୁ ରସିଦ୍ କାଟିଛନ୍ତି । ବ୍ୟବସାୟୀମାନେ ଦୀର୍ଘ ଏକ ମାସ ହେଲା ଧାର ଉଧାର କରି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଜିନିଷ କିଣିଛନ୍ତି ମେଳାରେ ବିକ୍ରି କରି କିଛି ରୋଜଗାର କରିବା ପାଇଁ କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଲକ୍ଷ୍ୟ କରି ସୁରକ୍ଷା ଦୃଷ୍ଟିରୁ ଦୋକାନଗୁଡିକୁ ଆଜି ଅନ୍ୟତ୍ର ଉଠାଇ ଦେବାକୁ ବାଧ କରିଥିଲେ ପ୍ରଶାସନ । ଆଉ ଦିନକ ପରେ ମେଳା ଆରମ୍ଭ ହେଉଥିବା କାରଣରୁ ବ୍ୟବସାୟୀମାନେ କ'ଣ କରିବେ କିଛି ଚିନ୍ତା କରିପାରୁନାହାନ୍ତି । ଏସମ୍ପର୍କରେ ବ୍ୟବସାୟୀ ଉମେଶ ରାଉତ, ହିରଣ୍ୟ ବେହେରା, ଅଭିମନ୍ୟୁ ବେହେରା, ପ୍ରହ୍ଲାଦ ସାହୁ, ରାମଚନ୍ଦ୍ର ବେହେରା, ବ୍ରହ୍ମାନନ୍ଦ ସାହୁ, ଗୁଣ୍ଡିଚା ସାହୁ, ଦେବରାଜ ସାହୁ, ଅଜୟ ସାହୁ ଓ ପ୍ରଫୁଲ୍ଲ ସାହୁ ପ୍ରମୁଖ ଜିଲ୍ଲାପାଳଙ୍କୁ ଗୁହାରି କରିଥିଲେ ମଧ କିଛି ଫଳ ମିଳିନାହିଁ । ପୋଲିସ ପ୍ରଶାସନ ନିଜ ନିଷ୍ପତ୍ତିରେ ଅଟଳ ରହିଛି । ଫଳରେ ବ୍ୟବସାୟୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପ୍ରଶାସନ ପକ୍ଷରୁ ଏହାର ପୁନର୍ବିଚାର କରିବା ପାଇଁ ଯୋରନ୍ଦା ଆଞ୍ଚଳିକ ବିକାଶ ପରିଷଦ କର୍ମକର୍ତ୍ତା, ବରିଷ୍ଠ ସାଧୁ ସମାଜ, ଯୋରନ୍ଦା ମିଳିତ ବଜାର କମିଟି ପକ୍ଷରୁ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ନିବେଦନ କରିଛନ୍ତି ।

# ବୀରଭଦ୍ରେଶ୍ୱର ଶୈବପୀଠରେ ଘଣ୍ଟି ଗଣିହୁଏ ନାହିଁ

**ମାହାଙ୍ଗା, ୩୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଉତ୍କଳ କଳାର ଦେଶ ଉତ୍କଳ । ଯେଉଁଠି ମାଟି, ପାଣି, ପବନ କଥା କହେ । କଥା କହେ ତା'ର ପଥର ଖଣ୍ଡ । ଉତ୍କଳର ଐତିହ୍ୟ ତା'ର ଗିରି ଗୁହାରେ ରହିଛି ଓଡିଆ ଜାତିର କଳାର ଚାତୁରି । କିଛି କଥା ଓ କାହାଣୀରେ ବିଦ୍ୟମାନ । ପ୍ରାଚୀନ ଶୈବ ମନ୍ଦିରଙ୍କ ମଧ୍ୟରୁ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଦ୍ରେଶ୍ୱର ଠାରେ ଥିବା ଗଙ୍ଗବଂଶୀୟ ପୁରାତନ ଶୈବପୀଠ । ସେହି ଇତିହାସ ପ୍ରସିଦ୍ଧ ଶୈବ କିର୍ତ୍ତୀକୁ ନେଇ ଆଜି ସମଗ୍ର ଅଞ୍ଚଳ ଚଳଚଞ୍ଚଳ ଓ ଗର୍ବିତ । କଟକ ଚାନ୍ଦବାଲି ରାସ୍ତାରେ କଟକରୁ କେନ୍ଦ୍ରପଡା ଯିବା ରାସ୍ତାର ୩୦ କିମି ଅତିକ୍ରମ କଲାପରେ ନିଶ୍ଚିନ୍ତକୋଇଲି ବଜାର ଠାରୁ ବାମ ପାର୍ଶ୍ୱରେ ଯାଇଥିବା ନିଶ୍ଚିନ୍ତକୋଇଲି – ଲଳିତଗିରି ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ପ୍ରାୟ ୮ କିମି ଅତିକ୍ରମ କରିବା ପରେ ଭଦ୍ରେଶ୍ୱର ପଞ୍ଚାୟତ ଅଧିନ ବାଲିଆ ଚକା ସେଠାରୁ ମାତ୍ର ୨ କିମି ପୂର୍ବକୁ ଗଲେ ପ୍ରସିଦ୍ଧ ଐତିହାସିକ ଶୈବ ମନ୍ଦିର । ଏହି ଶୈବ ପୀଠଟି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଞ୍ଚାୟତ ଅନ୍ତର୍ଗତ ପାଣ୍ଡିଆ ଗ୍ରାମସ୍ଥିତ ଶ୍ରୀ ଶ୍ରୀ ବୀର ଭଦ୍ରେଶ୍ୱର ଶୈବ ମନ୍ଦିର । ଏହା ନବମ ଓ ଦଶମ ଶତାବ୍ଦୀର ପୁରାତନ ଉତ୍କଳର ଗଙ୍ଗବଂଶୀୟ ରାଜାମାନଙ୍କ ଦ୍ୱାରା ନିର୍ମାଣ ହୋଇଥିଲା ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ଦିଅନ୍ତି । ଏହି ମନ୍ଦିର ୧୯୭୮ ମସିହାରୁ ରାଜ୍ୟ ଦେବୋତ୍ତର ବିଭାଗକୁ ଯାଇଛି । ତେବେ ଏହି ମନ୍ଦିରର ପୂଜା ପାର୍ବଣ ରୀତିନୀତିକୁ ସଂପାଦନ କରୁଥିବା ମହାଦେବଙ୍କ ପୂଜାରୀ ରାହୁଳ ସଂପ୍ରଦାୟର ଅଟନ୍ତି । ଏହି ଶୈବପୀଠଟି ଓଡିଶା ମାନଚିତ୍ରରେ ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତା ପାଇଛି । ଏହି ମନ୍ଦିର ଚତୁଃପାର୍ଶ୍ୱ ବେଶ ମନ ମୁଗ୍ଧକର ଓ ଆକର୍ଷଣୀୟ । ଶିବଙ୍କର ନାମ ପୂର୍ବରୁ କେଉଁଠାରେ ବୀର ଶବ୍ଦ ବସିଥିବା ଦେଖିବାକୁ ମିଳେ ନାହିଁ । ତେବେ ଏହି ଶବ୍ଦକୁ ନେଇ ଐତିହାସିକ ତଥ୍ୟ ନାହିଁ । କେବଳ ପୌରାଣିକ କଥା । ବିଭିନ୍ନ ମହାପୁରୁଷଙ୍କର ଲିଖିତ ପ୍ରମାଣ ଜନଶ୍ରୁତିକୁ ନେଇ ପୁରୁଖା ଲୋକମାନେ ନିଜର ମତ ବ୍ୟକ୍ତ କରନ୍ତି । ଦକ୍ଷ ଯଜ୍ଞ ସମୟରେ ଶିବଙ୍କୁ ନିମନ୍ତ୍ରଣ କରାଯାଇନଥିଲା । ପିତା



ଯଜ୍ଞ କରୁଥିବାରୁ ଶିବଙ୍କ ପତ୍ନୀ ସତୀ ଯଜ୍ଞ ଦେଖିବା ପାଇଁ ଯଜ୍ଞସ୍ଥଳରେ ଉପସ୍ଥିତ ହୁଅନ୍ତେ । ଦକ୍ଷ ରାଜାଙ୍କ ଭର୍ତ୍ସନାକୁ ସହ୍ୟ ନ କରି ସେ ସେହି ଯଜ୍ଞ କୁଣ୍ଡରେ ଆତ୍ମହୁତି ଦେବା ପରେ ସେ କଥା ଶିବଙ୍କ ନିକଟରେ ପହଞ୍ଚିବା ପରେ ଶିବ କୋପନଳ ହୋଇ ନିଜ କେଶ ଉପାଡି ଭୂମିରେ ପକାଇ ଦେଇଥିଲେ । ସେହି କେଶରୁ ବୀର ଭଦ୍ରେଶ୍ୱର ସୃଷ୍ଟି ହୋଇଛନ୍ତି । ଯେ କି ଦକ୍ଷ ଯଜ୍ଞକୁ ଧ୍ୱସ୍ତବିଧ୍ୱସ୍ତ କରି ଦେଇଥିଲା । ସେହିପରି ଭାରତବର୍ଷର ୧୦୮ ଶୈବପୀଠ କ୍ଷେତ୍ରରେ ବୀର ଭଦ୍ରେଶ୍ୱରଙ୍କ ନାମ ରହିଅଛି । ଏହି ଶିବ ଲିଙ୍ଗଟି ପାତାଳି ହୋଇଥିବାବେଳେ ଶିବ ଲିଙ୍ଗରେ ଅର୍ଦ୍ଧ ନାରୀଶ୍ୱେରୀ ସମଗ୍ର ବିଶ୍ୱରେ ଏକ ବିରଳ। ଅନ୍ୟ ସ୍ଥାନମାନଙ୍କରେ ଲିଙ୍ଗା କୃତୀ ଶୈବ କୃତୀ ରହିଥିବାବେଳେ ଭଦ୍ରେଶ୍ୱର ଶିବ ଲିଙ୍ଗରେ ଶିବ ଶକ୍ତିରେ ପାର୍ବତୀଙ୍କ ମୁଖା ରହିଛି । ଏହି ମୂର୍ତ୍ତି ସମଗ୍ର ବିଶ୍ୱରେ ବିସ୍ମୟ । କଳା ମୁଗୁନି ପଥରରେ ଲିଙ୍ଗ ଦେହରେ ଶିବ ଓ ଶିବଶକ୍ତିର ମୁଖା ରହିଛି । ଶୁଣିଲେ ଲାଗେ ପୁରା ମିଛ । କିନ୍ତୁ ଥରେ ଯାଇ ପରୀକ୍ଷା କରି ଦେଖିଲେ ଜଣାପଡିବ ଘଟଣାଟି ସତ୍ୟ । କାହାଣୀ ନୁହେଁ କି ଲୋକ କଥା ନୁହେଁ । ବୀର ଭଦ୍ରେଶ୍ୱର ପ୍ରବେଶ ଦ୍ୱାରରେ ରହିଛି ପ୍ରଭୂଙ୍କ ବାହାନ ବାସୁଆ ବଳଦ ସୁନ୍ଦର ମୂର୍ତ୍ତି । ବାସୁଆ ବଳଦ ବେକରେ ଖୋଦିତ ହୋଇଛି ୧୦୮ ଘଣ୍ଟି ଚିହ୍ନ । ଏହି ଘଣ୍ଟିଗୁଡିକୁ ସହଜରେ ଗଣି ହୁଏ ନାହିଁ । ଗଣିବାରେ ଚେଷ୍ଟା ଯିଏ କରିଛି ତେବେ ସେ ଗୋଲକ ଧନ୍ଦାରେ ପଡିଛି । କେହି ପର୍ଯ୍ୟଟକ ଯଦି ଏହାକୁ ଗଣିବାକୁ ଆରମ୍ଭ କରିଛି ତେବେ ସେ ସଂଖ୍ୟା ଖେଳରେ ଏମିତି ପଡିଯିବ ଯେ ତା'ର ସମାଧାନ ପାଇବେ ନା ସେଥିରୁ ମୁକୁଳି ପାରିବେ । ତେବେ ଏହି ଗଣତି ସମୟରେ ଘାଗୁଡିର ପରିମାଣର ସଂଖ୍ୟା ଅଲଗା ଅଲଗା ମିଳିବ । କେତେ ବେଳେ କମ ତ କେତେବେଳେ ବେଶୀ । କି ସମାନ ବି ହେବ ନାହିଁ । ଯଦି ରଙ୍ଗ ମାରି ଗଣନା କରାଯାଏ ତେବେ ବି ଭ୍ରମରେ ପଡିବାର ଆଶଙ୍କା ଥାଏ । ତେବେ ଗଣନାର ସୂତ୍ର ସମସ୍ତଙ୍କ ପାଇଁ ଅଜଣା । ଏପରି ବାସୁଆ ବଳଦ ଭାରତବର୍ଷରେ ଥିବା ଶୈବ ମନ୍ଦିରରେ ଦେଖିବାକୁ ମିଳେ ନାହିଁ । ଏହି ମନ୍ଦିର ପ୍ରବେଶ ଦ୍ୱାରରେ ଏକ ବିଶାଳ ପ୍ରସ୍ତର ଖଣ୍ଡରେ ଖୋଦିତ ରହିଛି । ମୁଖଶାଳା ଗର୍ଭଗୃହର ମଧ୍ୟରେ ରହିଛି ଏକାଦଶ ରୁଦ୍ର ବୀର ହନୁମାନଙ୍କ ମୂର୍ତ୍ତି । ମନ୍ଦିରର ମୁଖ୍ୟ ଦ୍ୱାରରେ ନନ୍ଦୀ ଓ ଭୃଙ୍ଗୀଙ୍କର ସୁନ୍ଦର ମୂର୍ତ୍ତି ଶୋଭା ପାଉଛି । ଭଦ୍ରେଶ୍ୱର ମନ୍ଦିର ବାହାର ପାଖରେ ଦକ୍ଷିଣ ପାର୍ଶ୍ୱରେ ରହିଛି ଗଣେଶଙ୍କ କମନୀୟ ବିଗ୍ରହ । ପଶ୍ଚିମ ପାର୍ଶ୍ୱରେ କାର୍ତ୍ତିକେଶ୍ୱର ଗଙ୍ଗା ଦେବୀଙ୍କ ସହ ଦଶ ଦିଗପାଳ ଚନ୍ଦ୍ର, ନୈରୁତ, କୁବେର ଓ ଯମଙ୍କ ବିଗ୍ରହ ମଧ ସ୍ଥାଣିତ ହୋଇଛି । ଏହି ମନ୍ଦିର ପରିସରରେ ପୁରାତନ ଗୋପୀନାଥ ଜୀଉ ମନ୍ଦିର । ଦୋଳ ମଣ୍ଡପ, ଯଜ୍ଞ ମଣ୍ଡପ ଆଦି ରହିଛି । ଏହି ମନ୍ଦିରର ପୂଜକମାନେ ପ୍ରଥମ କରି ପୂଜା କରିବା ସମୟରେ ଏହି ପାଦୁକା ଯଦି କୁଣ୍ଡ ଭିତରକୁ ଚାଲି ଯାଏ । ତେବେ ପାଗ ଶୁଖିଲା ରହିଥାଏ ବୋଲି ଜଣାପଡେ । ଯଦି ପାଦୁକ ଉପରକୁ ଫୁଲି ଉଠେ ତେବେ ବର୍ଷା ହେବାର ସୂଚନା ମିଳେ ବୋଲି ପୌରାଣିକ ଓ ବୁଦ୍ଧିଜିବୀ ମତ ରହିଛି ।

**ଆଜିକାଲି ଯେଉଁସବୁ ସାଦା ପାନ ମସଲା ବିକ୍ରି ହେଉଛି ସେସବୁଥିରେ ଯେ ଗ୍ରାହକଙ୍କୁ ନିଶାସକ୍ତ କଲାଭଳି କିଛି ଉପାଦାନ ନାହିଁ ଏକଥାକୁ କ'ଣ ଗ୍ରହଣ କରିହେବ ଆମ ଦେଶରେ, ଯେଉଁ ଦେଶରେ ବିଶୁଦ୍ଧ ଗୁଆଘିଅ ଖାଇବା ପାଇଁ ଉପଯୁକ୍ତ ନୁହେଁ ବୋଲି ଲେଖାଯାଇ ବିକ୍ରି ହୁଏ ଖୋଲାଖୋଲି ଭାବରେ? ତେଣୁ ସବୁ ଚାଲିଛି ଠାରଠୁରରେ, ଚାଲିବ ଠାରଠୁରରେ । କିଏ ସାଦା କିଏ କଡ଼ା– ଏକଥା ଦୋକାନୀ ଜାଣେ, ଗ୍ରାହକ ଜାଣନ୍ତି ଏବଂ ସରକାରଙ୍କୁ ମଧ୍ୟ ଏ ଠାର ଅଜଣା ନୁହେଁ ।**


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧ ଫେବୃଆରୀ ୨୦୨୬ | ରବିବାର

# ଓଡ଼ିଶା ଏକ୍ସପ୍ରେସ୍


## ଅସଲି ଗୁଆଘିଅ ଦୀପ ଜାଳିବା ପାଇଁ!

**ବ**ଜାରରୁ ଗୁଆଘିଅ କିଣିଲା ବେଳେ ଆମକୁ ସତର୍କ ହେବାକୁ ପଡୁଛି । ଡବା ବା ପ୍ୟାକିଂ ଉପରେ ଲେଖାଥିବ– ଅସଲି ଗୁଆଘିଅ, କିନ୍ତୁ ସେଇଟା ଖାଇବା ପାଇଁ କି ନୁହେଁ ଆପଣଙ୍କୁ ପଚାରିବାକୁ ପଡ଼ିବ ଦୋକାନୀକୁ । ତଳେ ହୁଏତ ଛୋଟ ଛୋଟ ଅକ୍ଷରରେ ଲେଖାଥିବ– କେବଳ ଦୀପ ଜାଳିବା ପାଇଁ । ଦୋକାନୀ କହିବ– ଖାଇବା ପାଇଁ ମଧ୍ୟ ଏଇ ବ୍ରାଣ୍ଡର ଘିଅ ଅଛି, ଦେବି? ସେଇଟା ଅଧିକା ଦାମ୍ ପଡ଼ିବ ।

ଆମେ ନିଜେ ଖାଇବା ପାଇଁ ଉତ୍ତମମାନର ଘିଅ କିଣୁ, କିନ୍ତୁ ଠାକୁରଙ୍କ ପାଖରେ ଦୀପ ଜାଳିବା ପାଇଁ ଅସଲି ଲେଖାଥିବା ନକଲି ଘିଅ କିଣୁ । ଆମେ ଭାବୁ ଠାକୁର କ'ଣ ଓଡ଼ିଆ କିମ୍ବା ଇଂରାଜୀ ପଢ଼ିପାରୁଥିବେ? ସିଏ କେବଳ ସଂସ୍କୃତ ବୁଝନ୍ତି, ସେଇଥିପାଇଁ ବୋଧେ ସବୁପ୍ରକାର ମନ୍ତ୍ର ସଂସ୍କୃତରେ ସୃଷ୍ଟି କରାଯାଇଛି । ଏଇଥିରୁ ଜାଣିହୁଏ ଆମେ ଭଗବାନଙ୍କୁ କେତେ ଭକ୍ତି କରୁ ଆଉ ଭୟ କରୁ । ତେଣୁ ଦୋକାନୀଟିଏ ଭୟ କରିବ କାହିଁକି?

ଏତେ ମୟୂରଚନ୍ଦ୍ରିକା ଦେବାର ଅସଲ ଉଦ୍ଦେଶ୍ୟ ହେଲା– ରାଜ୍ୟରେ ପାନ ମସଲା ବିକ୍ରି ଜାରି ରହିବ । ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟୀକରଣ ଦେଇଛନ୍ତି– ତମାଖୁ ନଥିବା ପାନମସଲା ବିକ୍ରି ହୋଇପାରିବ । ଗୁଟ୍‌ଖା ନିଷିଦ୍ଧ ପାଇଁ ରାଜ୍ୟ ସରକାର ନିଜ ବିଜ୍ଞପ୍ତିକୁ ନିଜେ ସଂଶୋଧନ କରିବା ପରେ ଚଢ଼ଉ ଆରମ୍ଭ କରିଥିବା ସଂସ୍ଥାଗୁଡ଼ିକ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି । କାହାକୁ ସେମାନେ ଧରିବେ ଏବଂ କାହାକୁ ଛାଡ଼ିବେ ସେ ନେଇ ସମସ୍ୟାରେ ପଡିଛନ୍ତି । କେବଳ ସେତିକି ନୁହେଁ, ଯେଉଁ ବ୍ରାଣ୍ଡରେ ନିକୋଟିନ ଯୁକ୍ତ ପାନ ମସଲା ମିଳୁଛି ସେଇ ବ୍ରାଣ୍ଡର ସାଦା ମୁଖବାସ ମସଲା ମଧ୍ୟ ଖୋଲାଖୋଲି ଭାବରେ ବଜାରରେ ମିଳୁଛି । ପାନ ମସଲାର ମାଳମାଳ ବିଜ୍ଞାପନ ଏବଂ ହୋର୍ଡିଂ ଆପଣଙ୍କ ଆଖିରେ ପଡୁଥିବ ନିଶ୍ଚେ ।

ସମାନ ନାଁରେ ଅସଲି ଗୁଆଘିଅ ଖାଇବା ପାଇଁ ଏବଂ ଦୀପ ଜାଳିବା ପାଇଁ ଯେଉଁଭଳି ଭାବରେ ଆଇନ୍ ସମ୍ମତ ରୂପେ ବିକ୍ରି ହୋଇପାରୁଛି ଗ୍ରାହକ ଦ୍ୱନ୍ଦ୍ୱରେ ପଡ଼ିଲେ ମଧ୍ୟ, ଠକାମିର ଶିକାର ହେବାର ସମ୍ଭାବନା ଥିଲେ ମଧ୍ୟ– ଠିକ୍ ସେଇଭଳି ସାଦା ପାନ ମସଲାରେ କଡ଼ା ନିକୋଟିନ୍ ଯେ ଉପଲବ୍ଧ ନ ହୋଇପାରିବ ଏକଥାକୁ କ'ଣ ଆମ ଦେଶରେ ଅସ୍ୱୀକାର କରିବା ସମ୍ଭବ କି? ଗଳାବାଟ ବାହାର କରିବାରେ ଆମ ଦେଶର ଲୋକେ ଓସ୍ତାଦ । ସରକାରଙ୍କର ଯେ ଏଥିରେ ସହଯୋଗ ନଥାଏ, ଏକଥା କହିବା ଭୁଲ୍ ହେବ ।

ଯେଉଁ ବଡ଼ ବଡ଼ ନାମୀ କମ୍ପାନୀମାନେ କଡ଼ା ପାନ ମସଲା ତିଆରି କରୁଛନ୍ତି ସେଇମାନେ ହିଁ ଦେଶର ନାମୀ ସିନେ ତାରକାଙ୍କୁ ମଡେଲ ଭାବରେ ନେଇ ସେମାନଙ୍କ ସାଦା ପାନ ମସଲାର ବିଜ୍ଞାପନ କରୁଛନ୍ତି । ହୋର୍ଡିଂଠାରୁ ଆରମ୍ଭ କରି ସମ୍ବାଦପତ୍ରରେ ଏସବୁ ବିଜ୍ଞାପନ ଆଖିରେ ପଡ଼େ । ମଦ ନିର୍ମାତା କମ୍ପାନୀ ପାନୀୟ ଜଳ ମଧ୍ୟ ବିକୁଛି । ତେଣୁ ବିଜ୍ଞାପନ ଦେଖି ଗ୍ରାହକ ଦ୍ୱନ୍ଦ୍ୱରେ ପଡ଼ିବା ସ୍ୱାଭାବିକ ।

ଆଜିକାଲି ଯେଉଁସବୁ ସାଦା ପାନ ମସଲା ବିକ୍ରି ହେଉଛି ସେସବୁଥିରେ ଯେ ଗ୍ରାହକଙ୍କୁ ନିଶାସକ୍ତ କଲାଭଳି କିଛି ଉପାଦାନ ନାହିଁ ଏକଥାକୁ କ'ଣ ଗ୍ରହଣ କରିହେବ ଆମ ଦେଶରେ, ଯେଉଁ ଦେଶରେ ବିଶୁଦ୍ଧ ଗୁଆଘିଅ ଖାଇବା ପାଇଁ ଉପଯୁକ୍ତ ନୁହେଁ ବୋଲି ଲେଖାଯାଇ ବିକ୍ରି ହୁଏ ଖୋଲାଖୋଲି ଭାବରେ?

ତେଣୁ ସବୁ ଚାଲିଛି ଠାରଠୁରରେ, ଚାଲିବ ଠାରଠୁରରେ । କିଏ ସାଦା କିଏ କଡ଼ା– ଏକଥା ଦୋକାନୀ ଜାଣେ, ଗ୍ରାହକ ଜାଣନ୍ତି ଏବଂ ସରକାରଙ୍କୁ ମଧ୍ୟ ଏ ଠାର ଅଜଣା ନୁହେଁ ।

# ସଡ଼କ ସୁରକ୍ଷା କର୍ତ୍ତବ୍ୟ ରକ୍ଷା

## ମୂଲ୍ୟବୋଧ



**ଅରବିନ୍ଦ ରାଉତରାୟ**

**ସ**ଡ଼କ ସୁରକ୍ଷା ପରିବାର ରକ୍ଷା ପରିବର୍ତ୍ତେ ଏବେ କର୍ତ୍ତବ୍ୟ ରକ୍ଷା ସ୍ଲୋଗାନରେ ପରିଣତ ହେଲାଣି । ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ଭାରତରେ ସଡ଼କ ଦୁର୍ଘଟଣା ରୋକିବା ଜରୁରୀ ଆବଶ୍ୟକତାକୁ ବଳି ପଡିଲାଣି । ଦେଶର ଦୁର୍ଘଟଣା ହାର ଏତେ ଦ୍ରୁତ ଗତିଶୀଳ ହୋଇଗଲାଣି ଯେ ପ୍ରତିବର୍ଷ ସାମଗ୍ରୀକ ଜାତୀୟ ଉତ୍ପାଦନ ବା ଜିଡିପିର ତିନିଶତାଂଶ ରାଜସ୍ୱ କେବଳ ଏ ବାବଦରେ କ୍ଷତି ଘଟୁଛି । ଦୁର୍ଘଟଣାଜନିତ ମାନବସମ୍ବଳର କ୍ଷୟକ୍ଷତି ଓ ଜୀବନହାନି ଅଣଉତ୍ପାଦନ କ୍ଷେତ୍ରକୁ ପ୍ରୋତ୍ସାହିତ କରୁଛି ଓ ସ୍ୱାସ୍ଥ୍ୟସେବା ବ୍ୟୟ କାୟାବିସ୍ତାର କରିଚାଲିଛି । ବିଗତ ଆର୍ଥିକ ବର୍ଷରେ ସଡ଼କ ସୁରକ୍ଷାର ଅଭାବ ଓ ଦୁର୍ଘଟଣାରେ କେବଳ ଏକଲକ୍ଷ ଅଶୀହଜାର ଲୋକ ପ୍ରାଣ ହରାଇଛନ୍ତି । ପୂର୍ବବର୍ଷ ଅପେକ୍ଷା ଦୁର୍ଘଟଣା ମୃତ୍ୟୁହାର ସାମାନ୍ୟ ଅଧିକ ହୋଇଥିବାରୁ ଆଗାମୀ ପାଞ୍ଚବର୍ଷ ବା ୨୦୩୦ ବେଳକୁ ସେଥିରେ ପଚାଶ ପ୍ରତିଶତ ହ୍ରାସ କରାଯିବା ପାଇଁ ଯୋଜନା ନିର୍ଦ୍ଧାରିତ ହୋଇଛି । ଦେଶରେ ଜାତୀୟ ରାଜପଥ ମାତ୍ର ଦୁଇ ପ୍ରତିଶତ ବୃଦ୍ଧି ପାଉଛି, ହେଲେ ସମଗ୍ର ମୃତ୍ୟୁ ସଂଖ୍ୟାର ୩୫ ଶତାଂଶ କେବଳ ଜାତୀୟ ରାଜପଥ ଦୁର୍ଘଟଣାଜନିତ । ଏହାର କାରଣ ବହୁବିଧ ହେଲେ ସୁଦ୍ଧା ଦୁଇଚକିଆ ଯାନ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ସର୍ବାଧିକ । ସାଧାରଣତଃ ଅଠର ବର୍ଷରୁ ଅଧିକ ଯୁବବର୍ଗଙ୍କ ଠାରୁ ଆରମ୍ଭ କରି ୪୫ ବର୍ଷ ବୟସ୍କ ବ୍ୟକ୍ତି ଏଥିରେ ଅକାଳରେ ପ୍ରାଣ ହରାଉଛନ୍ତି । ରାସ୍ତାଘାଟ ଆଦି ଭିତ୍ତିଭୂମିର ବିକାଶ ପାଇଁ ଦେଶରେ ଉଚ୍ଚ କାରିଗରୀ କୌଶଳ ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ସତ୍ତ୍ୱେ ରାସ୍ତା ଦୁର୍ଘଟଣା ଜନିତ ପ୍ରାଣହାନି ଥମିବାର ନା ଧରୁନାହିଁ । କେରଳରେ ମଟରଯାନ ସଂଖ୍ୟା ଓ ଚଳାଚଳ ହାର ସର୍ବାଧିକ ଥିଲେ ସୁଦ୍ଧା ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ଦୁର୍ଘଟଣା ହାରକୁ ନିଜ ନିୟନ୍ତ୍ରଣାଧୀନ କରିପାରିଛି । ଓଡ଼ିଶା ସରକାର ଏ କ୍ଷେତ୍ରରେ ସଫଳତା ଆଣିବା ପାଇଁ ମାଡ୍ରାସ ପ୍ରଯୁକ୍ତି କ୍ଷେତ୍ର ଦ୍ୱାରା ପ୍ରସ୍ତୁତ ଉନ୍ନତ କୌଶଳ ବା 'ରୋଡ୍ ସେଫ୍‌ଟି ଡ୍ୟାସ୍‌ବୋର୍ଡ' ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଛନ୍ତି । ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ଉତ୍ତର ପ୍ରଦେଶ ଓ ତାମିଲନାଡୁ ଟ୍ରାଫିକ୍ ଆଇ କ୍ୟାମେରା ମାଧ୍ୟମରେ ଦୁର୍ଘଟଣା ହାର କମାଇବାରେ ସଫଳ ହୋଇଛନ୍ତି । ରାସ୍ତା ଦୁର୍ଘଟଣା ମୃତ୍ୟୁହାର ବୃଦ୍ଧି ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଥିବାରୁ ପୂର୍ବ ପ୍ରଚଳିତ ପୁରୁଣା ଆଇନରେ ପରିବର୍ତ୍ତନ ସହିତ ନୂତନ ଆଇନ ପ୍ରଣୟନ କରାଯାଉଛି । ଆଇନର ସଫଳ ରୂପାୟନ କେବଳ ସରକାରୀ ଖାତା–ଖତିଆନରେ ରହିଯାଉଛି । ବେପରୁଆ ଗାଡ଼ିଚାଳନା ନିଜ ପରିବାର ପାଇଁ ଯେତିକି ବିପଦ, ଦୋଷତ୍ରୁଟି ନଥାଇ ରାସ୍ତାରେ ଯାତାୟାତ କରୁଥିବା ନିରୀହ ଜନତାଙ୍କ ସୁରକ୍ଷିତ ଜୀବନ ଲାଗି ମଧ୍ୟ ସେତିକି ବିପଦ । ଦେଶବାସୀ ସଡ଼କ ସୁରକ୍ଷା ଆଇନ ଓ ବ୍ୟବସ୍ଥାକୁ ଯେପର୍ଯ୍ୟନ୍ତ ନିଜସ୍ୱ କର୍ତ୍ତବ୍ୟ ରୂପେ କାୟ–ମନ–ବାକ୍ୟରେ ଗ୍ରହଣ ନକରିବେ, ସେପର୍ଯ୍ୟନ୍ତ ସରକାରୀ ଯୋଜନା କେବଳ ଯୋଜନାରେ ହିଁ ରହିଯିବ ।

ରାସ୍ତା ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁସଂଖ୍ୟା ବୃଦ୍ଧିର କାରଣ ଖୋଜିବସିଲେ, ବହୁ ପ୍ରସଙ୍ଗ ଆଲୋଚନା ପରିସରଭୁକ୍ତ ହେବାରେ ବାଧା ନାହିଁ । ପୂର୍ବରୁ ଦୁର୍ଘଟଣାର ମୁଖ୍ୟକାରଣ କେବଳ ଚାଳକର ବେପରୁଆ ଗାଡ଼ିଚାଳନାକୁ ମୁଖ୍ୟ ଭାବେ ଗ୍ରହଣ କରାଯାଉଥିଲା । ମାତ୍ର ଏବେ ଅଧିକାଂଶ ଦୁର୍ଘଟଣା ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ ବିନା ଘଟୁଥିବାରୁ ସେ କ୍ଷେତ୍ରର ଫୋକସରେ ପରିବର୍ତ୍ତନ ଅଣାଯାଇଛି । ଦ୍ରୁତ ଗାଡ଼ି ଚାଳନା ସର୍ବାଧିକ ଜୀବନହାନିର ମୂଳପିଣ୍ଡ ପାଲଟିଛି । ରାସ୍ତା ଦୁର୍ଘଟଣା ମୃତ୍ୟୁ ସଂଖ୍ୟାର ସତୁରୀ ଭାଗ କେବଳ ସମ୍ଭବ ହେଉଛି ଦ୍ରୁତ ଗାଡ଼ି ଚାଳନାରୁ । ବୈଜ୍ଞାନିକ ଦୃଷ୍ଟିକୋଣରୁ ମଟରଯାନର ଦ୍ରୁତଗତି ଯଦି ଏକ ପ୍ରତିଶତ ବୃଦ୍ଧିପାଏ, ତେବେ ଦୁର୍ଘଟଣା ଆଶଙ୍କା ଚାରିଗୁଣ ବଢ଼ିଯାଇଥାଏ । ଦ୍ରୁତଗାଡ଼ିଚାଳନା ନିଜ ପରିବାରକୁ ହରାଇବାର ପଥ ଉନ୍ମୁକ୍ତ କରିବା ସହିତ ପଛରୁ ବା ବିପରୀତ ଦିଗରୁ ଆସୁଥିବା ଅଜଣା ଓ ନିରୀହ ଚାଳକର ପରିବାର ପାଇଁ ଦୁଃଖର କାରଣ ସୃଷ୍ଟି କରିଦିଏ । ବିନା ଦୋଷତ୍ରୁଟିରେ ଚାଳକ ଓ ଯାତ୍ରୀଙ୍କ ମନୁଷ୍ୟକୃତ ମୃତ୍ୟୁ ଅସଂଖ୍ୟ ପରିବାରର ଆୟପନ୍ଥାରେ ପୂର୍ଣ୍ଣଚ୍ଛେଦ ଟାଣି ଦିଏ । ରୋଗଶଯ୍ୟାରେ ପଡି ଜୀବନ ସହ ସଂଗ୍ରାମ କରୁଥିବା ପିତାମାତାଙ୍କ ପାଇଁ ଔଷଧ ଆଣିବାକୁ ବଜାର ଯାଉଥିବା ପୁତ୍ରକୁ ସଜୀବ ଘରକୁ ଫେରିବା ଅସମ୍ଭବ ହୋଇପଡୁଛି ।

ଜାତୀୟ ରାଜପଥରେ ଟ୍ରାଫିକ୍ ଆଇନ ଉଲ୍ଲଙ୍ଘନ ନକରି ସୁଦ୍ଧା ଗତିଶୀଳ ହେଉଥିବା ଚାଳକଙ୍କୁ କେତେକ ସ୍ଥାନରେ ଅକାରଣରେ ଜୀବନ ଉତ୍ସର୍ଗ କରିବାକୁ ପଡୁଛି । ରାସ୍ତା ନିର୍ମାଣ କ୍ଷେତ୍ରରେ ବୈଷୟିକ ତ୍ରୁଟି ଯୋଗୁ ନିର୍ଦ୍ଦିଷ୍ଟ ସ୍ଥଳ 'ଦୁର୍ଘଟଣା ବହୁଳ ସ୍ଥଳ'ରେ ପରିଣତ ହୋଇଯାଉଛି । ରାତିରେ ଆବଶ୍ୟକ ଆଲୋକର ଅଭାବ ହେଉ ବା ସଡ଼କ ନିରାପତ୍ତା ପାଇଁ ଆବଶ୍ୟକ ସତର୍କସୂଚନା ବୋର୍ଡର ଅଭାବ ହେଉ ସଂପୃକ୍ତି ସ୍ଥଳ ମୃତ୍ୟୁଯନ୍ତା ପାଲଟିଯାଉଛି । ରାସ୍ତା ନିର୍ମାଣ ପୂର୍ବରୁ ବୈଷୟିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ଖଇଚିଆ ମନୋବୃତ୍ତି ମରଣଯନ୍ତାର ମୁଖ୍ୟ କାରଣ ଜଣାପଡିବା ପୂର୍ବରୁ ଜୀବନହାନି ସଂଖ୍ୟା ଏକ ନିର୍ଦ୍ଦିଷ୍ଟ ସ୍ତରରେ ପହଞ୍ଚାଇଥାଏ । ତେବେ ମାନବୀୟ ଅସଂଯମତା ମଧ୍ୟ ଦେଶର ବଡ ବଡ ସହରରେ ଦୁର୍ଘଟଣା ମୃତ୍ୟୁହାରକୁ ପ୍ରୋତ୍ସାହିତ କରୁଛି । ଗତବର୍ଷ କେବଳ ରାଜଧାନୀ ନୂଆଦିଲ୍ଲୀରେ ଏହି କାରଣଜନିତ ମୃତ୍ୟୁସଂଖ୍ୟା ନଅ ଶତାଂଶ ବଢିଯାଇଥିଲା । ସେଥି ମଧ୍ୟରେ ମଦ୍ୟପାନ ଜନିତ ଗାଡ଼ିଚାଳନା ଅନ୍ୟତମ । ମଦ୍ୟପ ଚାଳକକୁ ଧରିବା ଲାଗି ସରକାରଙ୍କ ପ୍ରଣୀତ ବିଧି ବ୍ୟବସ୍ଥା ଅନେକ ସମୟରେ ବିଫଳ ହେଉଥିବାର ନଜିର ରହିଛି । ଜାତୀୟ ରାଜପଥରେ ପ୍ରତି ତିନିଚାରି କିଲୋମିଟର ବ୍ୟବଧାନରେ ଉଚ୍ଚଶକ୍ତି ସଂପନ୍ନ କ୍ୟାମେରା ଦ୍ରୁତଗତିକୁ ରୋକିବା ଓ ଜୋରିମାନା ସଂଗ୍ରହ ଲାଗି ରହିଛି ସତ, ଚାଳକ ତା' ବାଟରେ ଗାଡ଼ିଚାଳନାରେ ମାହିର । କ୍ୟାମେରା ସଂଲଗ୍ନ ଟାୱାରଗୁଡ଼ିକ ଦୂରରୁ ଜଣାପଡି ଯାଉଥିବାରୁ ଚାଳକ ଅଧିକ ଚତୁରତା ଅବଲମ୍ବନ କରିବାକୁ ପଶ୍ଚୋରୁ ନାହିଁ । ଟାୱାର ଆସିଗଲେ ଗାଡ଼ି ଧୀର ଓ ଅତିକ୍ରମ କରିବା କ୍ଷଣି ଶହେ ଟପିବା କିଛି ନୂଆ କଥା ନୁହେଁ । ହାତରେ ମୋବାଇଲ ଧରି ଗାଡ଼ି ଚଳାଇବା ଧର୍ତ୍ତବ୍ୟ ଅପରାଧ ହୋଇଥିଲେ ସୁଦ୍ଧା ତାକୁ ମାନୁଛି କିଏ ? ସହର ବଜାରରେ ଦୁଇଚକିଆଯାନ ଚାଳକ କାନ୍ଧ ଓ କାନ ମଝିରେ ମୋବାଇଲ ଚାପି ରଖିବା ଅଭ୍ୟାସ ଦ୍ରୁତ ବେଗରେ ବଢିଯାଇଛି । ଚତୁର ଚାଳକମାନେ ହେଲ୍‌ମେଟ୍ ଭିତରେ ମୋବାଇଲ ପୁରାଇ ଗାଡ଼ି ଚଳାଉଥିବାର ଅଭିନବ ଦୃଶ୍ୟ ଟ୍ରାଫିକ୍ ବ୍ୟବସ୍ଥାରେ ନୂଆ କଥା ନୁହେଁ ।

ଜାତୀୟ ରାଜପଥରେ ଭିତ୍ତିଭୂମିର ଅଭାବ ଓ ତତ୍‌କ୍ଷଣାତ ମରାମତିର ଅଭାବ ଅଧିକାଂଶ ସମୟରେ ଦୁର୍ଘଟଣାର କାରଣ ପାଲଟିଯାଉଛି । ପାଦଚଲା ରାସ୍ତାର ଅଭାବ ଓ ଡିଭାଇଡର ଭାଙ୍ଗିରୁଜି ଏଣେତେଣେ ପଡିବାର ଦୃଶ୍ୟ ସହଜ ଓ ସରଳ ଉପାୟରେ ଦୁର୍ଘଟଣାକୁ ଆମନ୍ତ୍ରଣ କରିଥାଏ । ଦୂରଗାମୀ ଓ ରାତ୍ରିକାଳୀନ ବସ୍ ଟ୍ରକ୍‌ରେ ଢୋଳାଇବା ଅବସ୍ଥାରେ ଗାଡ଼ିଚାଳନା ରୋକାଯିବା ନୂତନ ସଡ଼କ ସୁରକ୍ଷା ବ୍ୟବସ୍ଥାରେ ଅଗ୍ରାଧିକାର ଲାଭ କରିଛି । ଯାଞ୍ଚ ପାଇଁ ସ୍ୱତନ୍ତ୍ର କିଟ୍‌ର ପ୍ରୟୋଗକୁ ରାଜ୍ୟ ସରକାର ଗୁରୁତ୍ୱ ଦେବା ଏକ ଶୁଭଲକ୍ଷଣ ହୋଇପାରେ । ନିୟମିତ ବ୍ୟବଧାନରେ ଗାଡ଼ିର ଯନ୍ତ୍ରାଂଶ ଯାଞ୍ଚ ଓ ମରାମତି ଦୁର୍ଘଟଣା ହାର କମାଇବାରେ ସଫଳ ନ ହେବାର କାରଣ ନାହିଁ ।

ଓଡ଼ିଶା ସରକାର ସଡ଼କ ସୁରକ୍ଷା ପରିବାର ରକ୍ଷା ସ୍ଲୋଗାନକୁ ପରେ ଘରେ ପହଞ୍ଚାଇବା ପାଇଁ ନୂତନ ବର୍ଷ ପ୍ରାରମ୍ଭରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରିଛନ୍ତି । ଆମ ସୁବାହକ ଯୋଜନାରେ ସମଗ୍ର ରାଜ୍ୟରେ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି ନୂତନ ଅଧ୍ୟାୟ ସୃଷ୍ଟି କ୍ଷେତ୍ରରେ ସମର୍ଥ ହେଉଛି । ସ୍କୁଲ କଲେଜ ସ୍ତରରେ ସଡ଼କ ସୁରକ୍ଷା ବକ୍ତୃତା ପ୍ରତିଯୋଗିତା ଠାରୁ ଆରମ୍ଭ କରି ସଚେତନତା ସୃଷ୍ଟି ଓ 'ଷ୍ଟାର ରେଟିଂ ସ୍କୁଲ' ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି । ବିଭିନ୍ନ ଦ୍ରୁତଗାମୀ ରାସ୍ତାରେ ମରଣଯନ୍ତା ସ୍ଥଳ ଚିହ୍ନଟ ଓ ବୈଷୟିକ ପରିବର୍ତ୍ତନ ପ୍ରକ୍ରିୟା ସଡ଼କ ସୁରକ୍ଷା ମାସ ପାଳନର ଅନ୍ତର୍ଭୁକ୍ତ ହୋଇଛି । ଦୁର୍ଘଟଣା ରୋକିବା ପାଇଁ ସଚେତନତା ସୃଷ୍ଟି ଲାଗି ସରକାରଙ୍କର ଯେତିକି ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି, ସମପରିମାଣ କର୍ତ୍ତବ୍ୟ ରହିଛି ସାଧାରଣ ଜନତାଙ୍କର । ଆଇନ ପ୍ରଣୟନ ଓ ତା'ର ଶତପ୍ରତିଶତ କାର୍ଯ୍ୟକାରିତା ମଧ୍ୟରେ ରହୁଥିବା ପାର୍ଥକ୍ୟ ଦୂର ଦାୟିତ୍ୱ ସଂପୂର୍ଣ୍ଣ ଜନସାଧାରଣଙ୍କର । ସାମାଜିକ ବ୍ୟବସ୍ଥାରେ ଏହା ଯେପର୍ଯ୍ୟନ୍ତ ମୌଳିକ କର୍ତ୍ତବ୍ୟ ଆଖ୍ୟା ନ ପାଇବ, ସେ ପର୍ଯ୍ୟନ୍ତ ଲକ୍ଷ୍ୟ ହାସଲ ଅସମ୍ଭବ ହୋଇପଡିବ । ଦୁର୍ଘଟଣାଜନିତ ଜୀବନ ହାନିର ନୂଆ ନୂଆ ରୂପ ଓ ଗ୍ରହଣୀୟତା ଅନାୟସରେ ବଢି ଚାଲିବ । ଏବେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ବୃଦ୍ଧିର ଆଉ ଏକ କାରଣ ପାଲଟିଛି ଗୁଡ଼ିଉଡା ଓ ସେଥିପାଇଁ ବ୍ୟବହୃତ ଚୀନ ପ୍ରସ୍ତୁତ ସୁପରକ୍ୱାଲିଟି ନଟେଇରେ ଗୁଡାଯାଇଥିବା ସୂତା । ସୂତାକୁ ମଜବୁତ ଓ ତୀକ୍ଷ୍ଣ କରିବା ପାଇଁ ବ୍ୟବହୃତ ହେଉଥିବା 'ଚାଇନିଜ୍ ମାଂ' ଅକାରଣରେ ଜୀବନ ନେଉଥିବାର ଦୁର୍ଘଟଣା ସମଗ୍ର ଦେଶରେ ଘଟୁଛି । ଗୁଡ଼ି ଉଡାଣ ସୂତାରେ ମାଞ୍ଜାର ଆବଶ୍ୟକତା ହୋଇଥାଏ ସାଧାରଣ ପ୍ରତିଯୋଗିତା ପାଇଁ । ଉଡାଣ ବେଳେ କିଏ କାହା ଗୁଡ଼ିକୁ ଅନାୟସରେ କାଟି ଅଜଣାରେ ଆନନ୍ଦିତ ହେବାର ବହୁ ନଜିର ରହିଛି ର୍ବମାନ ଓ ଅତୀତରେ । ହେଲେ ସେହି କ୍ଷଣିକ ଆନନ୍ଦ ଯେ ରାସ୍ତା ଦୁର୍ଘଟଣା ରୂପରେ ସବୁଦିନ ପାଇଁ ଏକ ପରିବାରର ସୁଖଶାନ୍ତି ପୋଛି ଦେଇପାରୁଛି, ତା'ଠାରୁ ଅଧିକ ଦୁଃଖ ଆଉ କ'ଣ ହୋଇପାରେ? ବର୍ଷ ପ୍ରାରମ୍ଭରେ କିଏ ସଡ଼କ ସୁରକ୍ଷା ମାସ ପାଳନ କରୁଛି ତ, ଆଉ କିଏ ଚାଇନିଜ୍ ମାଞ୍ଜାରେ ରାସ୍ତା ଦୁର୍ଘଟଣା ବଢାଇବାରେ ସହାୟକ ହେଉଛି । ବହୁ ରାଜ୍ୟ ସରକାର ସେଭଳି ଅମାନବୀୟ ଗୁଡ଼ି ଉଡା ନିଷିଦ୍ଧ କରିଛନ୍ତି ସତ, ହେଲେ ସେଥିପ୍ରତି ସତର୍କତା କାହିଁ ? ଗାଁ–ଗଣ୍ଡା, ସହରାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳରେ ଏଭଳି ଦୁର୍ଘଟଣା ଘଟୁଥିବା ବେଳେ ଜନ ସଚେତନା ସୃଷ୍ଟିର ନଜିର କାହିଁ ?

ରାସ୍ତା ଦୁର୍ଘଟଣା ଓ ସଡ଼କ ସୁରକ୍ଷା ଯେ କେବଳ ଭାରତ ପାଇଁ ସ୍ୱାସ୍ଥ୍ୟ ରକ୍ଷା ଓ ବିକାଶ କ୍ଷେତ୍ରରେ କେବଳ ପ୍ରତିବନ୍ଧକ ସୃଷ୍ଟି କରୁଛି ତାହା ନୁହେଁ, ସମଗ୍ର ବିଶ୍ୱ ପାଇଁ ବଡ ଆହ୍ୱାନ ହୋଇଛି । ବିଗତ ବର୍ଷ ବିଶ୍ୱରେ ପ୍ରତି ୨୬ ସେକେଣ୍ଡରେ ଜଣେ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛି । ବିଶ୍ୱର ଷାଠିଏ ପ୍ରତିଶତ ମଟରଯାନ କେବଳ ସ୍ୱଳ୍ପ ଓ ମଧ୍ୟ ଆୟ ବର୍ଗୀୟ ଦେଶରେ ଥିବାବେଳେ ୯୨ ଶତାଂଶ ରାସ୍ତା ଦୁର୍ଘଟଣା ସେମାନଙ୍କ ପାଇଁ ଦୁଃଖର କାରଣ ପାଲଟିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନ୍ତର୍ଗତ ୟୁରୋପୀୟ ଦେଶରେ ଏହି ଦୁର୍ଘଟଣାଜନିତ ମୃତ୍ୟୁହାର ସବୁଠାରୁ କମ୍ । ଆଫ୍ରିକୀୟ ରାଷ୍ଟ୍ରରେ ଏହା ଅଧିକ । ଗତବର୍ଷ ଫେବୃଆରୀରେ ମରକୋ ଠାରେ ଅନୁଷ୍ଠିତ ଚତୁର୍ଥ ବିଶ୍ୱମନ୍ତ୍ରୀସ୍ତରୀୟ ବୈଠକ ଏଥିପାଇଁ ଉଦ୍‌ବେଗ ପ୍ରକାଶ କରିଛି ।

ବିକଶିତ ରାଷ୍ଟ୍ର ଆମେରିକା ଓ ଚୀନ୍‌ରେ ଗତବର୍ଷ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଯଥାକ୍ରମେ ୮ ଦଶମିକ ୨ ଓ ୮ ଦଶମିକ ୭ ଶତାଂଶ ହ୍ରାସ ପାଇଛି । ଏହି ସକରାତ୍ମକ ପରିବର୍ତ୍ତନର ମୁଖ୍ୟକାରଣ ହେଲା ଟ୍ରାଫିକ୍ ନିୟମର କଡ଼ାକଡ଼ି ପାଳନ, ସଡ଼କ ସୁରକ୍ଷାକୁ ନିଜସ୍ୱ ସୁରକ୍ଷା ଭାବେ ଗ୍ରହଣୀୟତା । ଏହାର ଉଲ୍ଲଙ୍ଘନ ଦେଶ ଓ ଜାତି ପାଇଁ ନିଜ କର୍ତ୍ତବ୍ୟର ଉଲ୍ଲଙ୍ଘନ ସହ ସମାନ । ସଡ଼କ–ସୁରକ୍ଷା ସଂପର୍କରେ ସଚେତନତା ସୃଷ୍ଟି ନିଜସ୍ୱ କର୍ତ୍ତବ୍ୟ ସୁରକ୍ଷାର ଅନ୍ତର୍ଭୁକ୍ତ ହେବା ଦେଶ ଓ ସମଗ୍ର ସମାଜ ପାଇଁ ଏକ ସକରାତ୍ମକ ଆହ୍ୱାନ କହିଲେ ଅତ୍ୟୁକ୍ତି ହେବନାହିଁ । ଯଦି ବିକଶିତ ରାଷ୍ଟ୍ରରେ ଏହା ସମ୍ଭବ, ତେବେ ବିକଶିତ ରାଷ୍ଟ୍ର ମାନ୍ୟତା ହାସଲ ପାଇଁ ପରିକଳ୍ପନା କରିଥିବା ଦେଶ ଭାରତ ପାଇଁ ସହଜ ନ ହେବାର କାରଣ ନାହିଁ ।


**ବରିଷ୍ଠ ସାମ୍ବାଦିକ, କଟକ**
**ମୋ– ୯୪୩୭୧୩୪୪୦୦**


# ବିଶ୍ୱରେ ଗଣତନ୍ତ୍ରର ଭବିଷ୍ୟତ

**■ ସୌଭାଗ୍ୟ ରଞ୍ଜନ ମହାନ୍ତି**

**୩**୫ଟି ଦେଶକୁ ନେଇ ଗଠିତ ଅନ୍ତ ସରକାରୀ ସଂଗଠନ ଇଣ୍ଟରନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଫର ଡେମୋକ୍ରାସି ଆଣ୍ଡ ଇଲେକ୍ଟୋରାଲ ଆସିଷ୍ଟାନସ୍ ଇଣ୍ଟରନ୍ୟାସନାଲ (ଆଇଡିଏୟଇଏ)ର ସେକ୍ରେଟାରୀ–ଜେନେରାଲ କେଭିନ୍ କାସିସ–ଜାମୋରା ଗତ ସପ୍ତାହରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀକୁ ସମ୍ବୋଧନ କରିବା ଅବସରରେ ଯେଉଁ ଚେତାବନୀ ଦେଇଛନ୍ତି, ତାହାକୁ ସମଗ୍ର ବିଶ୍ୱ ଅଣଦେଖା ବା ଉପେକ୍ଷା କରିବା ଉଚିତ୍ ନୁହେଁ । ବିଶ୍ୱର ବିଭିନ୍ନ ଭାଗରେ କେତେକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଦେଖାଦେଇଥିବା ବିବାଦ ଯାହାକି ବହୁ ଚ୍ୟାଲେଞ୍ଜ ସୃଷ୍ଟି କରିଛି, ସେ ନେଇ କାସିସ–ଜାମୋରା କଡା ଚେତାବନୀ ଦେଇ କହିଛନ୍ତି ଯେ, ଏବେ ଗଣତନ୍ତ୍ରର ଧାରଣା ନୂତନ ଶ୍ରେଷ୍ଠ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଆବଶ୍ୟକ କରେ। ଭାରତ ପରି ଏକ ବିଶାଳ ଗଣତାନ୍ତ୍ରୀକ ରାଷ୍ଟ୍ରର ନେତୃତ୍ୱକୁ ସେ ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଭାରତ ପରି ଏକ ଜନବହୁଳ ଦେଶରେ ସୁବ୍ୟବସ୍ଥିତ ଏବଂ ବହୁ ପରୀକ୍ଷିତ ନିର୍ବାନୀ ମେସିନାରୀ ରହିଛି। ଭାରତରେ ଗଣତନ୍ତ୍ରର କ୍ରମବିକାଶ ନେଇ ଦେଶାବସୀ ବାସ୍ତବରେ ଗର୍ବିତ। ମାତ୍ର ଭାରତରେ ଗଣତନ୍ତ୍ର ନିଜ ସହ ନିଜେ ବିବାଦରେ ଥିବା ନେଇ ବିଶ୍ୱସ୍ତରରେ ବହୁ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଏହାର ବହୁ ଜଟିଳ ଦିଗକୁ ଦର୍ଶାଇଛି । ଗଣତାନ୍ତ୍ରୀକ ଉପଲବ୍ଧିକୁ ହାଲୁକା ଭାବେ ଗ୍ରହଣ କରାଯାଇପାରିବ ନାହିଁ ଏବଂ ଅନେକଙ୍କ ଦ୍ୱାରା ପୂର୍ବ ପରିକଳ୍ପିତ ତୁଳନାରେ ଏହାର ଓଲଟାଗତି ସହଜ ସାଧ ବୋଲି କୁହାଯାଏ। ଉଦାହରଣ ସ୍ୱରୂପ ପ୍ରତିଷ୍ଠିତ ଏବଂ ଅଭିଜ୍ଞତା ବିହୀନ ରାଷ୍ଟ୍ରଗୁଡିକ ଏବେ ନିର୍ବାଚନୀକ ମର୍ଯ୍ୟାଦା ବଜାୟ ରଖିବା ପାଇଁ ସଂଗ୍ରାମ କରୁଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା ଯେ କି ନିଜକୁ ଗଣତନ୍ତ୍ରର ମାର୍ଗଦର୍ଶକ ଦୀପ ଭାବେ ଘୋଷିତ କରିଛି, ଏବେ ଜଣେ ନେତାଙ୍କ ଦ୍ୱାରା ଶାସିତ ହେଉଛି, ଯିଏ ଏବେ ବି ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ନିଜ ପରାଜୟକୁ ପ୍ରତ୍ୟାଖ୍ୟାନ କରି ଆସୁଛନ୍ତି। କେବଳ ଏତିକି ନୁହେଁ, ଏବେ ସେ ନିଜକୁ ବିଶ୍ୱର ସର୍ବେସର୍ବା ଭାବେ ଭାବି ଦେଶର ଗଣତାନ୍ତ୍ରୀକ ସଂସ୍ଥାଗୁଡିକୁ ହେୟଜ୍ଞାନ କରି ନିଜ ଇଚ୍ଛାନୁସାରେ ନିଷ୍ପତି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ତାଙ୍କର ଶାସନ ଢାଞ୍ଚାରେ ଦେଖାଯାଏ। ସେହିପରି ୨୦୨୪ରେ ପାକିସ୍ଥାନ, ୨୦୨୫ରେ ବଙ୍ଗଳା ଦେଶ ଓ ଭେନେଜୁଏଲା ଏବଂ ନିକଟରେ ଉଗାଣ୍ଡାରେ ନିର୍ବାଚନରୁ ବିରୋଧୀ ଦଳ ଓ ଏହାର ନେତାଙ୍କୁ ବଞ୍ଚିତ କରାଯାଇଥିଲା। ଆସନ୍ତା ମାସ ୧୨ତାରିଖରେ ହେବାକୁ ଯାଉଥିବା ବଙ୍ଗଳାଦେଶୀ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତାକୁ ମୁଖ୍ୟ ବିରୋଧୀ ଦଳ ଆୱାମୀ ଲିଗ୍ୟୁ ଏବଂ ଏହାର ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ବଞ୍ଚିତ କରାଯାଇଛି। ବଙ୍ଗଳା ଦେଶର ନିର୍ବାଚନ କମିଶନ ଆୱାମୀ ଲିଗ୍ୟୁର ପଞ୍ଜୀକରଣକୁ ରଦ୍ଦ କରିବା ସହ ନିର୍ବାଚନରେ ଅଂଶଗ୍ରହଣକୁ ନିଷିଦ୍ଧ ଘୋଷଣା କରିଛନ୍ତି। କହିବା ବାହୁଲ୍ୟ ଯେ, ଅତୀତରେ ଆୱାମୀ ଲିଗ୍ୟୁ କ୍ଷମତାରେ ଥିବା ବେଳେ ଏବେ ବଙ୍ଗଳାଦେଶରେ କ୍ଷମତାସୀନ ଥିବା ସରକାର ତାହାର ପୁନରାବୃତି କରିଛନ୍ତି । ପଶ୍ଚିମ ଆଫ୍ରିକାର ଦେଶ ୨୦୧୦ରେ ସମଗ୍ର ଅଞ୍ଚଳରେ ଗଣତନ୍ତ୍ରର ମଡେଲ ଭାବେ ଗୃହୀତ ହୋଇଥିବାବେଳେ ଏବେ ସେହି ଆଦର୍ଶରୁ ଅତ୍ୟନ୍ତ ନାଟକୀୟ ଭାବେ ପାଦଖସା ଦେଇଛି। ଶାନ୍ତିପୂର୍ଣ୍ଣ କ୍ଷମତା ହସ୍ତାନ୍ତରରୁ ଦୂରେଇ ଯାଇଛି। କ୍ଷମତା ନେଇ ମାଲିରେ ୨୦୨୦ରେ ସାମରିକ ବିଦ୍ରୋହ ହୋଇଥିବାବେଳେ ୨୦୨୧ରେ ଗୁଏନା, ୨୦୨୨ରେ ବୁରକନା ଫାସୋରେ ଦୁଇଥର, ୨୦୨୩ରେ ନିଗେର ଓ ଗବୋନ ଏବଂ ଗୁଏନା–ବିସ୍ସୁଏରେ ଗତ ୨୦୨୫ରେ ସାମରିକ ବିଦ୍ରୋହ ଘଟିଥାଏ। ଆନ୍ତର୍ଜାତିକ ସ୍ତରରେ ଗଣତାନ୍ତ୍ରୀକ ଢାଞ୍ଚାରେ ନୈତିକ ସ୍ଖଳନ ଘଟିଥିବା ସତ୍ତ୍ୱେ ଭାରତରେ ଗଣତାନ୍ତ୍ରୀକ ପଦ୍ଧତି ଏବଂ ସ୍ଥିରତା ଅକ୍ଷୁଣ୍ଣ ରହିଛି। ଦୀର୍ଘ ୭୭ବର୍ଷରେ କ୍ଷମତା ହସ୍ତାନ୍ତର ସୁରୁଖୁରରେ ଚାଲିଛି। ଏବେ ଭୋଟର ତାଲିକା ଯାଞ୍ଚ ପାଇଁ ଦେଶବ୍ୟାପୀ ସ୍ୱେଶାଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ଚାଲିଛି। ତେବେ ଯେଉଁ ଭଳି ଢାଞ୍ଚାରେ ଏସଆଇଆର ଚାଲିଛି, ଏହାର ଆଇନଗତ ମର୍ଯ୍ୟାଦା ନେଇ ପ୍ରଶ୍ନବାଚୀ ଉଠିବା ସ୍ୱାଭିବିକ। ଜନସାଧାରଣଙ୍କ ଉଦ୍‌ବେଗକୁ ନେଇ ସୁପ୍ରିମକୋର୍ଟଙ୍କୁ ବାରମ୍ବାର ହସ୍ତକ୍ଷେପ କରିବାକୁ ପଡିଛି। ଭୋଟର ତାଲିକାରେ ଅନିୟମିତତା ନେଇ ବିରୋଧିଦଳଗୁଡିକ ପ୍ରଶ୍ନ ଉଠାଇଛନ୍ତି। ମାତ୍ର ଏଥିପ୍ରତି ଅଧିକ ଧ୍ୟାନ ଦେବା ତୁଳନାରେ ପ୍ରତିଆରୋପ ଅଧିକ ହେଉଛି। ଏହା ନିସନ୍ଦେହ ଯେ, ବିଶ୍ୱର ବହୁ ଗଣତାନ୍ତ୍ରୀକ ରାଷ୍ଟ୍ର ଓଲଟା ଦିଗରେ ଗତି କରୁଥିବାବେଳେ ବହୁ ରାଷ୍ଟ୍ର ମଧ୍ୟ ଲୋକଙ୍କ ପାଇଁ ଗଣତାନ୍ତ୍ରୀକ ଶାସନ ପଦ୍ଧତି ଆପଣାଇବା ପାଇଁ କିମ୍ବା ପୁନର୍ଜୀବିତ କରିବା ପାଇଁ ପ୍ରୟାସରତ। ତେବେ ସେମାନେ ଅତୀତରେ କରିଥିବା ଭୁଲରୁ କିଛି ଶିକ୍ଷା କରିବା ସେମାନଙ୍କ ଉପରେ ନିର୍ଭର କରେ। ବିଶ୍ୱରେ ଗଣତନ୍ତ୍ରର ଭବିଷ୍ୟତ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଏହା ନିସନ୍ଦେହ।


ମୋ. ୭୯୭୮୬୬୬୪୦୩


# ବିଦାୟ ମାର୍କ ଟଲି

**■ ଡା. ରାଜକିଶୋର ପଣ୍ଡା ■**

**ସା**ର ଉଇଲିୟମ୍ ମାର୍କ ଟଲି (୨୪ ଅକ୍ଟୋବର ୧୯୩୫ – ୨୫ ଜାନୁୟାରୀ ୨୦୨୬) ଏକାଧାରରେ ଭାରତବର୍ଷର ଜଣେ ବିଶିଷ୍ଟ ସାମ୍ବାଦିକ, ସମ୍ବାଦ ଉପସ୍ଥାପକ, ସାମାଜିକ ଚିନ୍ତକ, ବକ୍ତା ଓ ସ୍ତମ୍ଭକାର ଥିଲେ । ନିଜର ପେଶାଦାର ଉପସ୍ଥାପନାଶୈଳୀ ଯୋଗୁଁ ସେ ବିଶ୍ୱସ୍ତରରେ ପରିଚିତ ହୋଇପାରିଥିଲେ ଭାରତର ସ୍ୱର ଭାବରେ । ଟଲିଙ୍କର ବୃତ୍ତିଗତ ଜୀବନ ପାଞ୍ଚ ଦଶକରୁ ଅଧିକ ସମୟ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା, ଯେଉଁଥିରେ ସେ ଭାରତର ଅନେକ ଯୁଗାନ୍ତକାରୀ ଘଟଣାକୁ ଏହାର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଭାବାର୍ଥ ସହିତ ସମଗ୍ର ବିଶ୍ୱ ସମ୍ମୁଖରେ ପରିବେଷଣ କରିଥିଲେ । ଏହି ସମୟ ମଧ୍ୟରେ ଭାରତର ସାମ୍ବାଦିକତା ଜଗତକୁ ତାଙ୍କର ଅବଦାନ ମଧ୍ୟ ଅବର୍ଣ୍ଣନୀୟ। ଆଜି ଯେତେବେଳେ ସମଗ୍ର ବିଶ୍ୱରେ ସାମ୍ବାଦିକତା ଓ ସମ୍ବାଦ ଉପସ୍ଥାପନା ଆଦି ଚାଞ୍ଚଲ୍ୟ ଓ ରୋମାଞ୍ଚକତା ଉପରେ ପର୍ଯ୍ୟବେସିତ, ଟଲି କିନ୍ତୁ ପ୍ରାଧାନ୍ୟ ଦେଉଥିଲେ ଖବରର ତୃଣମୂଳ ସ୍ତରର ସତ୍ୟତା ଉପରେ, ଏହାର ଦୀର୍ଘ ଆଲୋଚନାତ୍ମକ ବିଶ୍ଳେଷଣ ଉପରେ । ଦିଲ୍ଲୀଠାରେ ନବେ ବର୍ଷ ବୟସରେ ତାଙ୍କର ଦେହାନ୍ତ ଭାରତ ଓ ଦକ୍ଷିଣ ଏସିଆର ସାମ୍ବାଦିକତା କ୍ଷେତ୍ରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛ । ଭାରତବର୍ଷରେ ବ୍ରିଟିଶ ରାଜତ୍ୱର ଶେଷ ଭାଗରେ ମାର୍କ ଟଲି ଜନ୍ମଗ୍ରହଣ କରିଥିଲେ କଲିକତାର ଟଲିଗଞ୍ଜ ଠାରେ । ପରିବାର ଥିଲା ତାଙ୍କର ଅପେକ୍ଷାକୃତ ରକ୍ଷଣଶୀଳ । ମାର୍କଙ୍କ ମନରେ କିନ୍ତୁ ପିଲାବେଳୁ ନିଷ୍କପଟ ଭଲପାଇବା ଥିଲା ଭାରତର ମାଟି, ଏହାର ଜନସାଧାରଣ, ଏହାର ଐତିହ୍ୟ ଓ ପରମ୍ପରା ପ୍ରତି। ଇଂଲଣ୍ଡର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ସେ ଧର୍ମ ବିଦ୍ୟାରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ଏକ ଧର୍ମଯାଜକ ହେବା ସେତେବେଳେ ତାଙ୍କ ଜୀବନର ଲକ୍ଷ୍ୟ ଥିଲା ଏବଂ କିଛି କାଳ ସେ ଏ ବୃତ୍ତିରେ ଥିଲେ ମଧ୍ୟ । କିନ୍ତୁ ନିଜର କଥନ ଓ ଲେଖନ ଯୋଗୁଁ ବିଶ୍ୱପ୍ରସିଦ୍ଧି ଲାଭ କରିବା ଯାହା ଭାଗ୍ୟରେ ଅଛି, ସେ ବା ଚର୍ଚ୍ଚର ଚାରିକାନ୍ଥ ମଧ୍ୟରେ ସୀମିତ ରହିପାରିବ କିପରି? ୧୯୬୪ ମସିହାରେ ସେ ବିବିସିରେ ଯୋଗ ଦେଲେ। ୧୯୬୫ ମସିହାରେ ଭାରତକୁ ଆସି ଏଠାରେ ସାମ୍ବାଦିକ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ ଓ କାଳକ୍ରମେ ନିଜର ପ୍ରତିଭା ଯୋଗୁଁ ସେ ଦିଲ୍ଲୀଠାରେ ବିବିସିର ବ୍ୟୁରୋ ମୁଖ୍ୟ ପଦରେ ମଧ୍ୟ ଅବସ୍ଥାପିତ ହୋଇପାରିଥିଲେ। ସାମ୍ବାଦିକତାର ଗଭୀର ଅନୁଭବ ତାଙ୍କୁ ଭାରତର ସମସାମୟିକ ସାମାଜିକ ଓ ରାଜନୈତିକ ଘଟଣାବଳୀଗୁଡ଼ିକୁ ଅନୁଶୀଳନ କରିବାରେ ଓ ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିବାରେ ଯଥେଷ୍ଟ ସାହାଯ୍ୟ ମଧ୍ୟ କରିଥିଲା। ମାର୍କ ଟଲି ଓ ଅନ୍ୟ ବୈଦେଶିକ ସାମ୍ବାଦିକମାନଙ୍କ ମଧ୍ୟରେ ଆମେ ଗୋଟିଏ ପାର୍ଥକ୍ୟ ଲକ୍ଷ୍ୟ କରିପାରିବା, ସେଇଟି ହେଉଛି ଔପନିବେଶିକ ଦୃଷ୍ଟିକୋଣରେ ଭାରତକୁ ଦେଖିବା । ମାର୍କଙ୍କ ମଧ୍ୟରେ ଉପରୋକ୍ତ ମାନସିକତାର ଅନୁପସ୍ଥିତି ହିଁ ତାଙ୍କୁ ପ୍ରସିଦ୍ଧି ଆଣିଦେଇଥିଲା ଦକ୍ଷିଣ ଏସିଆର ଅନ୍ୟତମ ମହାନ ସାମ୍ବାଦିକ ଭାବରେ । ଭାରତ ଥିଲା ତାଙ୍କ ନିଜର ଓ ଭାରତର ସାଧାରଣ ଜନତା ମଧ୍ୟରେ ସେ ଥିଲେ ଅତିପ୍ରିୟ ଟଲି ସାହେବ ।

ବିଶିଷ୍ଟ ସାମ୍ବାଦିକ ରାହୁଲ ବେଦୀ ଟ୍ରିବ୍ୟୁନ୍ ଖବର କାଗଜରେ ମାର୍କ ଟଲିଙ୍କ ସ୍ମୃତିଚାରଣ କରି ଲେଖିଛନ୍ତି, ୧୯୮୦ ରେ ଯେତେବେଳେ ପଞ୍ଜାବ ଖଲିସ୍ତାନୀ ବିଦ୍ରୋହୀଙ୍କ ଦଙ୍ଗାରେ ଥରହର ହେଉଥିଲା ଏବଂ ସହର, ଗାଁରେ ଲୋକମାନେ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ଥିଲେ ସେତେବେଳେ ଟଲିଙ୍କ ସହ ସେ ପଞ୍ଜାବର ଅନେକ ସ୍ଥାନକୁ ଖବର ସଂଗ୍ରହ କରିବା ଓ ଲୋକଙ୍କ ଅବସ୍ଥା ବୁଝିବା ଉଦ୍ଦେଶ୍ୟରେ ଗସ୍ତ କରିଥିଲେ । ଆଶ୍ଚର୍ଯ୍ୟର କଥା ଲୋକମାନେ ସଂତ୍ରସ୍ତ ଅବସ୍ଥାରେ ଥିବା ସତ୍ତ୍ୱେ ଟଲି ସାହେବ ଆସିଛନ୍ତି ବୋଲି ଜାଣିବା ମାତ୍ରେ କବାଟ ଖୋଲି ତାଙ୍କୁ ଅଭିବାଦନ କରୁଥିଲେ ଓ ଖାଇବା ପିଇବାର ବ୍ୟବସ୍ଥା ମଧ୍ୟ କରୁଥିଲେ। ଏଥିରୁ ମାର୍କ ଟଲିଙ୍କ ଗ୍ରହଣୀୟତା ସ୍ପଷ୍ଟ ଭାବେ ଅନୁମେୟ ।

ଏଥର ଆସିବା ମାର୍କ ଟଲି ସାମ୍ବାଦିକତା କରିଥିବା ଭାରତର ଓ ଦକ୍ଷିଣ ଏସିଆର କିଛି ମହତ୍ତ୍ୱପୂର୍ଣ୍ଣ ଘଟଣା ସମୂହକୁ । ୧୯୬୫, ୧୯୭୧ ମସିହାର ଭାରତ, ପାକିସ୍ତାନ ଯୁଦ୍ଧ ଓ ବାଂଲାଦେଶର ସୃଷ୍ଟିରେ ସେ ତୃଣମୂଳ ସ୍ତରରେ ସାମ୍ବାଦିକତା କରି



ପ୍ରତ୍ୟେକ ଘଟଣାରେ ନିମଜ୍ଜିତ କୌଣସି ନା କୌଣସି ଗୁରୁତର ଚିନ୍ତାଧାରାକୁ ସେ ଜନମାନସ ସମ୍ମୁଖରେ ଉତ୍ଥାପନ କରିଛନ୍ତି । ଦୃଷ୍ଟାନ୍ତ ଭାବେ ଆମେ ଏକ ଗୁରୁ ଉତ୍ତରଦାୟିତ୍ୱକୁ ସୂଚାରୁ ଭାବେ ନିର୍ବାହ କରିଥିଲେ। ଉପରୋକ୍ତ ଘଟଣାରେ ତାଙ୍କର ତଥ୍ୟ ଓ ରିପୋର୍ଟମାନ ମାନବୀୟ ମୂଲ୍ୟବୋଧ ଓ ବିଭାଜନ ସଂକ୍ରାନ୍ତୀୟ ବେଦନାକୁ ଉଜ୍ଜୀବିତ କରିଥିଲା । ୧୯୭୫ ମସିହାରେ ଜରୁରିକାଳୀନ ପରିସ୍ଥିତିରେ ମଧ୍ୟ ତାଙ୍କର ସାମ୍ବାଦିକତା, ନାଗରିକ ଅଧିକାର ପ୍ରସଙ୍ଗକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିଥିଲା। ଏହି ସମୟରେ ନିଜ କାର୍ଯ୍ୟ ଯୋଗୁଁ ଉଚ୍ଚ ପ୍ରଶଂସିତ ମାର୍କ, ଦେଶରୁ ନିଷ୍କାସିତ ମଧ୍ୟ ହୋଇଥିଲେ ଯଦିଓ ଅଳ୍ପ ସମୟ ପରେ ପୁନର୍ବାର ଭାରତକୁ ଫେରିଆସିଥିଲେ। ନିଜର ସାମ୍ବାଦିକତା ଜୀବନରେ ନେଇପାରିବା ଇନ୍ଦିରା ଗାନ୍ଧୀଙ୍କ ଅପରେସନ୍ ବ୍ଲୁଷ୍ଟାର, ତତ୍ ପରବର୍ତ୍ତୀ ଶିଖ୍ ଦଙ୍ଗାରେ ସାମ୍ପ୍ରଦାୟିକବାଦକୁ, ଭୋପାଳ ଗ୍ୟାସ୍ ଦୁର୍ଘଟଣାରେ ସରକାରୀ ଓ କର୍ପୋରେଟ୍ ଜଗତର ଅବହେଳା ଓ ଉଦାସୀନତାକୁ ଓ ପି.ଭି. ନରସିଂହ ରାଓଙ୍କ ଆର୍ଥିକ ଉଦାରୀକରଣକୁ ।

ନିଜର ସମସାମୟିକଙ୍କ ଠାରୁ ବିପରୀତ, ମାର୍କ ଟଲି ସଦାସର୍ବଦା ଅତିଶୟୋକ୍ତିଠାରୁ ନିଜକୁ ଦୂରରେ ରଖୁଥିଲେ ଏବଂ ଯଥା ସମ୍ଭବ ଶାନ୍ତ, ଗମ୍ଭୀର ଓ ଶ୍ରୋତାମାନେ ବୁଝିପାରିବା ଭଳି, ତଥ୍ୟ ସହିତ ବିବିସି ତରଫରୁ ରେଡିଓ ମାଧ୍ୟମରେ ସମ୍ବାଦ ପରିବେଷଣ କରୁଥିଲେ ଏବଂ କହିବା ବାହୁଲ୍ୟ ତାଙ୍କ ଯୋଗୁଁ ହିଁ ବିବିସି, ଭାରତୀୟ ରେଡିଓ ଜଗତରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା । ଟଲି ଧୀର ସାମ୍ବାଦିକତା ଉପରେ ଜୋର ଦେବା ସହିତ ସମ୍ବାଦର ନିର୍ଭୁଲତା, ପ୍ରାମାଣିକତା ଉପରେ ଗୁରୁତ୍ୱ ପ୍ରଦାନ କରିଆସୁଥିଲେ । ତାଙ୍କର ଏହି ସିଦ୍ଧାନ୍ତ ନବେ ଦଶକର ରୋମାଞ୍ଚକ ସାମ୍ବାଦିକତା ସହ ଦୃଢ଼ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ କରିଥିଲା । କୁହାଯାଏ ରେଡିଓ ମାଧ୍ୟମରେ ଭାରତର ଜନତା, ସାଧାରଣ ନିର୍ବାଚନର ଫଳାଫଳକୁ ଜାଣିବା ପାଇଁ ମାର୍କ ଟଲିଙ୍କ ବିବରଣୀକୁ ଅପେକ୍ଷା କରି ବସୁଥିଲେ ଓ କେବଳ ତାଙ୍କରି ଘୋଷଣାକୁ ସତ୍ୟ ବୋଲି ବିବେଚନା କରୁଥିଲେ । ଦକ୍ଷିଣ ଏସିଆର ପ୍ରମୁଖ ଘଟଣାବଳୀ ଯେପରିକି ବାଂଲାଦେଶର ସୃଷ୍ଟି, ତାଲିବାନର ଆଫଗାନିସ୍ତାନ ଅଧିକାର, ପାକିସ୍ତାନ ଓ ଶ୍ରୀଲଙ୍କାର ଗୃହଯୁଦ୍ଧରେ ତାଙ୍କର ସାମ୍ବାଦିକତା ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଉନ୍ମୋଚନ କରିଛି । କିଛି ଅନିବାର୍ଯ୍ୟ କାରଣ ବଶତଃ ନବେ ଦଶକରେ ମାର୍କ ଟଲି ଭାରତରେ ଯେତେ ଲୋକପ୍ରିୟତା ହାସଲ କଲେ ବିବିସି ସହିତ ତାଙ୍କ ସମ୍ପର୍କରେ ସେତିକି ଭଙ୍ଗା ପଡ଼ିବାରେ ଲାଗିଲା ଓ ପରିଶେଷରେ ସେ ସେଥିରୁ ଇସ୍ତଫା ଦେଇ ସ୍ୱାଧୀନ ଭାବେ ସାମ୍ବାଦିକତା କରିଥିଲେ। ଏହା ସହିତ ଭାରତର ରାଜନୀତି, ଖେଳ, ସିନେମା ଓ ଭାଷା ସାହିତ୍ୟରେ ସେ ମଧ୍ୟ ହୋଇଗଲେ ସମ୍ପୂର୍ଣ୍ଣ ଭାବେ ନିମଜ୍ଜିତ।

ଜଣେ ପୁସ୍ତକ ରଚୟିତା ଭାବେ ମଧ୍ୟ ମାର୍କ ଟଲି ବିଶ୍ୱ ବିଖ୍ୟାତ। ତାଙ୍କ ରଚିତ ଇଂରାଜୀ ପୁସ୍ତକ ମଧ୍ୟରେ ନୋ ଫୁଲ ଷ୍ଟପସ୍ ଇନ୍ ଇଣ୍ଡିଆ, ଇଣ୍ଡିଆ ଇନ୍ ସ୍ଲୋ ମୋସନ୍, ଦି ହାର୍ଟ ଅଫ୍ ଇଣ୍ଡିଆ ଆଦି ପ୍ରମୁଖ। ନୋ ଫୁଲ ଷ୍ଟପସ୍ ଇନ୍ ଇଣ୍ଡିଆ ତାଙ୍କର ଭାରତ ସମ୍ପର୍କିତ ଏକ ପ୍ରବନ୍ଧ ସଙ୍କଳନ। ଏଥିରେ ଟଲି ଦର୍ଶାଇଛନ୍ତି ଯେ ଭାରତର ବିଭିନ୍ନ କ୍ଷେତ୍ରରେ ଦେଖାଯାଉଥିବା ବିରୋଧାଭାସ, କେବେ ବି ଏକ ସାମାଜିକ ବିଚ୍ୟୁତି ନୁହେଁ ବରଂ ଏହା ଭାରତର ପୁରାତନ ସଭ୍ୟତା ଓ ଆଧୁନିକ ସମାଜ ମଧ୍ୟରେ ଘଟୁଥିବା ସଂଘର୍ଷର ଫଳାଫଳ। ସେହିପରି ସତିଶ ଜାକୋବ୍‌ଙ୍କ ସହ ସଂଯୁକ୍ତ ଭାବେ ମଧ୍ୟ ସେ ରଚନା କରିଛନ୍ତି ଅମ୍ରିତସର: ମିସେସ୍ ଗାନ୍ଧୀସ୍ ଲାଷ୍ଟ ବ୍ୟାଟେଲ୍ । ଏହା ଇନ୍ଦିରା ଗାନ୍ଧୀଙ୍କ ଅପରେସନ ବ୍ଲୁଷ୍ଟାର ଓ ଶିଖ୍ ଦଙ୍ଗା ଉପରେ ପର୍ଯ୍ୟବେସିତ। ପ୍ରଖ୍ୟାତ ଚଳଚ୍ଚିତ୍ର ଓ ସିରିଏଲ ନିର୍ମାତା ରାମାନନ୍ଦ ସାଗରଙ୍କର ରାମାୟଣର ସୁଟିଙ୍ଗ ଉପରେ ଏକ ଚମତ୍କାର ଆଲେଖ୍ୟ ମାର୍କ ଟଲି ଲେଖିଥିଲେ, ଯାହାକୁ ଏ ଲେଖକ ୨୦୦୭ ମସିହାରେ ଯୁକ୍ତ ଦୁଇ ଇଂରାଜୀରେ ପଢ଼ିଥିଲା। ଏଥିରେ ରାମାୟଣର ସୁଟିଙ୍ଗ ପ୍ରକ୍ରିୟା ବିଷୟରେ ସୁନ୍ଦର ଭାବେ ଆଲୋକପାତ କରାଯାଇଥିଲା । ନିଜର ଜୀବନବ୍ୟାପୀ ଅବଦାନ ପାଇଁ ତାଙ୍କୁ ଭାରତ ସରକାର ପଦ୍ମଶ୍ରୀ ଓ ପଦ୍ମଭୂଷଣ ଉପାଧିରେ ସମ୍ମାନିତ କରିଥିଲେ । ଇଂଲଣ୍ଡ ମଧ୍ୟ ତାଙ୍କୁ ନାଇଟ୍ ଉପାଧି ପ୍ରଦାନ କରିଥିଲା।

ଟଲିଙ୍କ କାର୍ଯ୍ୟର ବିଶେଷ୍ଲଣ କଲେ ଆମେ ଲକ୍ଷ୍ୟ କରିପାରିବେ ଯେ, ସେ ସର୍ବଦା ପାରମ୍ପରିକ ସୀମାରେଖାରୁ ବାହାରୀ ନିଜର ସାମ୍ବାଦିକତା କରିଥିଲେ। ତାଙ୍କ ସାମ୍ବାଦିକତାରେ ଥିଲା ସହାନୁଭୂତି, ଥିଲା ମଧ୍ୟ ବ୍ୟବସ୍ଥା ପ୍ରତି ତୀର୍ଯ୍ୟକ୍ ସମାଲୋଚନା। ବିଦାୟ ଟଲି ସାହେବ ଭାରତର ଜନତାଙ୍କର ସ୍ମୃତିପଟଳରେ ତୁମେ ସର୍ବଦା ଚିରସ୍ମରଣୀୟ ହୋଇ ରହିବ। ଆଉ କେବେ ଶୁଣିବାକୁ ମିଳିବ ନାହିଁ ରେଡିଓରେ, ଦିଲ୍ଲୀରୁ ତୁମର ଗମ୍ଭୀର କଣ୍ଠରେ, ଦିସ୍ ଇଜ୍ ମାର୍କ ଟଲି, ରିପୋର୍ଟିଙ୍ଗ ଫ୍ରମ୍ ଦିଲ୍ଲୀ ।


**ଓଡ଼ିଶା ସ୍ୱାସ୍ଥ୍ୟସେବା**
**ଭୁବନେଶ୍ୱର**
**ମୋ. ୮୧୪୪୦୪୨୯୯୭**

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ






ପଟାୟା ମୁଖ୍ୟତଃ ବୌଦ୍ଧ ଧର୍ମାବଲମ୍ବିଙ୍କ ସହର । ଏଠାରେ ବୁଦ୍ଧ ମନ୍ଦିର ସଂଖ୍ୟା ଯଥେଷ୍ଟ । ଆପଣଙ୍କର ବୌଦ୍ଧଧର୍ମରେ ଆଗ୍ରହ ନଥାଇପାରେ କିନ୍ତୁ ଏସବୁ ମନ୍ଦିରର ସୌନ୍ଦର୍ଯ୍ୟ ଉପଭୋଗ କରିବାରୁ ନିଜକୁ ବଞ୍ଚିତ କରନ୍ତୁ ନାହିଁ । ଏଠାରେ ଥିବା ମନ୍ଦିର ମଧ୍ୟରୁ ସବୁଠାରୁ ପ୍ରସିଦ୍ଧ ବୁଦ୍ଧ ହିଲ୍‌ର ଗୋଲ୍‌ଡେନ ବୁଦ୍ଧ ।

ଏ ସହର ଏମିତି ଯେଉଁଠି କେବେ ଅନ୍ଧାର ହୁଏନି । ଚକମକ କରୁଥିବା ଆଲୋକମାଳା ଏହାକୁ ଦିନ ଓ ରାତିର ପ୍ରଭେଦ ଜାଣିବାକୁ ଦିଏନି । ପଟାୟା ସହର ଏହା । ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍ ଠାରୁ ବସ୍‌ରେ ମାତ୍ର ଦୁଇ ଘଣ୍ଟାର ରାସ୍ତା ପଟାୟା । ପଟାୟାର ଚଳଚଞ୍ଚଳ ତଥା ମନମୋହକ ସମୁଦ୍ରବେଳା ଓ ଦ୍ୱୀପ ସାରା ଦୁନିଆରେ ବିଖ୍ୟାତ । ପୁଣି ଏହାର ଚକମକ ରାତି ସହରକୁ ଆହୁରି ରଙ୍ଗୀନ କରିଦିଏ । ସାରା ବିଶ୍ୱରୁ ପର୍ଯ୍ୟଟକ ଆସନ୍ତି ରାତିଦିନ ଏକ କରି ପଟାୟାକୁ ଉପଭୋଗ କରିବା ପାଇଁ । କେବଳ ସହର ଯେ ସଦା ଜାଗ୍ରତ, ତା' ନୁହେଁ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ସାରା ରାତି ଉଜାଗର ରୁହନ୍ତି ପଟାୟାକୁ ମନଭରି ଉପଭୋଗ କରିବାକୁ । ଏଠାର ବ୍ୟାଙ୍କିଙ୍ଗ ଷ୍ଟ୍ରୀଟର ଚେହେରା ଲସ୍ ଭେଗାସ୍ ପରି ।

# ସହର ସାରା ରାତି ଉଜାଗର





ପଟାୟାର କ୍ୟାସିନୋ ଓ ନାଇଟ୍ କ୍ଲବ ସାରା ଦୁନିଆର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରେ । ପଟାୟା ଭ୍ରମଣରେ ଗଲେ ଏହାର ଟିଫ୍‌ନି ଶୋ' ଦେଖିବାକୁ ଭୁଲିବେ ନାହିଁ । ଆଧୁନିକ ଜ୍ଞାନ କୌଶଳ ସହ ଉନ୍ନତମାନର ନୃତ୍ୟନାଟିକା ପ୍ରଦର୍ଶନ ହୁଏ ଏଥିରେ । ଦୁନିଆର ଟପ୍ ଟେନ୍ ଶୋ ଭିତରେ ଫ୍ରାନ୍ସର ମେଲିନ ଶୋ', ଲସ୍ ଭେଗାସର ସିଗ ଫ୍ରାଏଡ୍ ଓ ମେଇଷ୍ଟ୍ରସ୍‌ର ଶୋ' ପରେ ପଟାୟାର ଟିଫ୍‌ନି ଶୋ ବିଶ୍ୱ ର୍‍ୟାଙ୍କିଙ୍ଗରେ ଚତୁର୍ଥ ସ୍ଥାନରେ ଅଛି । ଏକ ଘଣ୍ଟା ୨୦ ମିନିଟ୍‌ର ଏହି ନନ୍‌ଷ୍ଟପ୍ ଶୋ'ରେ ଗୋଟିଏ କାର୍ଯ୍ୟକ୍ରମ ଶେଷ ହେବା ପୂର୍ବରୁ ଦ୍ୱିତୀୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଏ । ଟିଫ୍‌ନିର ଇତିହାସ ଖୁବ୍ ମଜାଦାର । ୧୯୭୪ ମସିହାରେ କେତେଜଣ ସାଙ୍ଗ ନୂଆବର୍ଷ ସନ୍ଧ୍ୟାରେ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ । ସେବେଠାରୁ ପ୍ରତିଦିନ ଲଗାତର ଏହି ଶୋ' ଚାଲିଛି ଗତ ୩୭ ବର୍ଷ ହେବ । ଟିଫ୍‌ନୀ କଳାକାରମାନଙ୍କର ନିଜ କମ୍ପାନୀ ଓ ନିଜସ୍ୱ ଅଡିଟୋରିୟମ ଅଛି । ଏହି ଶୋ' ପାଇଁ ଆଗୁଆ ଟିକେଟ ବୁକିଂ କରିବା ଦରକାର ହୁଏ । ତତ୍କାଳ ଟିକେଟ ମଧ୍ୟ ମିଳିପାରେ ହେଲେ ଏହା ବାଲକୋନୀରେ ମିଳେ, ଯେଉଁଠାରେ ଶୋ'ର ଅସଲ ମଜା ମିଳିପାରେନି ।

ପଟାୟାର ଅନ୍ୟତମ ଆକର୍ଷଣ ୱାଟର ସ୍ପୋର୍ଟ୍ସ । ଏଠାରେ ଆପଣ ପାରାଗ୍ଲାଇଡିଂ ସହ ସମୁଦ୍ରରେ ଡୁବ ମାରିପାରିବେ, ନିଜେ ବୋଟ୍ ଚଲାଇ ସମୁଦ୍ର ଭିତରକୁ ଯାଇପାରିବେ ଏବଂ ସମୁଦ୍ର ତଳକୁ ଯାଇ ଗଭୀରତା ମାପିପାରିବେ । କୋରାଲ ଆଇଲ୍ୟାଣ୍ଡ ଯିବା ରାସ୍ତାରେ କିଛି କିଲୋମିଟର ପର୍ଯ୍ୟନ୍ତ ସମୁଦ୍ର ଯାତ୍ରା ଆପଣଙ୍କୁ ସତେଜ କରିଦେବ । ଏହାପରେ କୋରାଲ ବିଚ୍‌ରେ ସମୁଦ୍ରର ସ୍ୱଚ୍ଛ ପାଣିରେ ସ୍ନାନ କରିବାର ସୁଯୋଗକୁ ପର୍ଯ୍ୟଟକମାନେ ହାତଛଡ଼ା କରନ୍ତି ନାହିଁ ।

ଶକ୍ତି, ଉଦ୍ୟୋଗ ଏବଂ କୃଷି ଥାଇଲାଣ୍ଡର ମୁଖ୍ୟ ରୋଜଗାରର ସ୍ରୋତ ଥିଲା । ମାତ୍ର ଗତ କିଛିଦଶକ ହେବ ପର୍ଯ୍ୟଟନ ଏହାର ଆୟର ମୁଖ୍ୟ ପନ୍ଥା ହୋଇଛି । ପ୍ରଥମେ ଟୁରିଜିମ୍ ପାଇଁ ବ୍ୟାଙ୍କକ୍ ବ୍ୟତୀତ ଫୁକେଟ୍ ଏକ ଭଲ ବିକଳ୍ପ ଥିଲା । କିନ୍ତୁ ଗତ ୭/୮ବର୍ଷ ହେବ ଥାଇଲାଣ୍ଡ ଟୁରିଜିମ୍‌ର ମୁଖ୍ୟ ଆକର୍ଷଣ ପଟାୟା । ଏମିତିରେ ଦେଖିବାକୁ ଗଲେ ସାରା ବିଶ୍ୱର ପର୍ଯ୍ୟଟକ ଏଠାକୁ ଆସନ୍ତି, ମାତ୍ର ଏସୀୟ ପର୍ଯ୍ୟଟକଙ୍କ ସଂଖ୍ୟା ଏଠାରେ ସର୍ବାଧିକ । ସେମାନଙ୍କ ପାଇଁ ଏଠାକୁ ଆସିବା ଓ ରହିବା ଅପେକ୍ଷାକୃତ ଶସ୍ତା । ଆନ୍ତର୍ଜାତିକ ପର୍ଯ୍ୟଟନସ୍ଥଳ ହୋଇଥିବାରୁ ଏଠି ଆମ ଦେଶରେ ଚା' ପାନ ଦୋକାନ ପରି ମନି ଏକ୍ସଚେଞ୍ଜ କାଉଣ୍ଟର ବହୁ ସଂଖ୍ୟାରେ ଦେଖିବାକୁ ମିଳେ । ପର୍ଯ୍ୟଟନ ଯୋଗୁଁ ଦିନକୁ ଦିନ ଥାଇ ମୁଦ୍ରା ୱାଟ୍‌ର ସ୍ଥିତି ମଧ୍ୟ ମଜଭୁତ ହେବାରେ ଲାଗିଛି ।

ପଟାୟାରେ ଆପଣ ଖୋଲା ଟ୍ୟାକ୍ସିରେ ବୁଲି ରାତିର ସୁନ୍ଦର ଦୃଶ୍ୟ ଉପଭୋଗ କରିପାରିବେ । ଦୁଇଚକିଆ ଯାନ ବି ଆପଣ ଭଡ଼ାରେ ନେଇପାରନ୍ତି । ଏଠାର ସି'ଫୁଡ୍ ଖୁବ୍ ପ୍ରସିଦ୍ଧ । ହିନ୍ଦୁସ୍ତାନୀ ରେଷ୍ଟୁରାଣ୍ଟର ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ ।

ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ ୪ମାସ ପୂର୍ବରୁ ବନ୍ୟାରେ ସମ୍ପୂର୍ଣ୍ଣ ଧୋଇଯାଇଥିଲା । ହେଲେ ଆଜି ଏଠାରେ ଏହାର ଝଲକ ଆପଣ ଦେଖିପାରିବେ ନାହିଁ । ସରକାରଙ୍କ ସହ ଜନସାଧାରଣ ମିଶି ରାତିଦିନ ଏକ କରି ସହରକୁ ପୁଣି ସଜାଡ଼ି ଦେଇଛନ୍ତି । ଯେମିତିକି ଏ ଦେଶକୁ ଆସୁଥିବା ପର୍ଯ୍ୟଟକ ମୁହଁ ମୋଡ଼ି ଚାଲିନଯିବେ ।





**ପଟାୟାରେ ଆଉ କିଛି :** ଅନେକ ଲୋକ ପଟାୟା ଭ୍ରମଣରେ ଯାଆନ୍ତି, ସମୁଦ୍ର ଓ ରାତ୍ରି ଜୀବନର ମଜା ଲୁଟନ୍ତି । ହେଲେ ଫେରିଆସିବା ପରେ ଜାଣନ୍ତି ପଟାୟାକୁ ସମ୍ପୂର୍ଣ୍ଣ ଭାବରେ ଦେଖିପାରିଲେ ନାହିଁ ସେମାନେ । ତା'ହେଲେ ଆସନ୍ତୁ ଜାଣିବା କ'ଣ କ'ଣ ଅନୁଭବ ନକଲେ ପଟାୟା ଭ୍ରମଣ ଅସମ୍ପୂର୍ଣ୍ଣ ରହିଯିବ ଆପଣଙ୍କର ।

**ମୁୟେ ଥାଇ ବକ୍ସିଂ :** ପଟାୟାକୁ ଯାଇ ଆପଣ ବକ୍ସିଂ କରିବେ ଏକଥା କହୁନୁ । କିନ୍ତୁ ଏହାକୁ ଉପଭୋଗ କରନ୍ତୁ । ମୁୟେ ଥାଇ ବକ୍ସିଂ ଥାଇଲାଣ୍ଡର ଜାତୀୟ କ୍ରୀଡା । ବିଶ୍ୱର ଅନ୍ୟତମ ଭୟଙ୍କର ଯୁଦ୍ଧକଳା ଏହା । ପଟାୟାର ସମୁଦ୍ର ବେଳାଭୂମି, ବାର୍ ଓ ରାସ୍ତାରେ ଏହି ବକ୍ସିଂ ଦେଖିପାରିବେ ଆପଣ । ବର୍ଷ ବର୍ଷ ଧରି ଶିଖିବା ପରେ ଥାଇ ଯୋଦ୍ଧାମାନେ ଏହି ବକ୍ସିଂ କରିପାରନ୍ତି ।

**ୱାଟ୍ :** ଥାଇ ଭାଷାରେ ୱାଟ୍‌ର ଅର୍ଥ ମନ୍ଦିର । ପଟାୟା ମୁଖ୍ୟତଃ ବୌଦ୍ଧ ଧର୍ମାବଲମ୍ବିଙ୍କ ସହର । ତେଣୁ ଏଠାରେ ବୁଦ୍ଧ ମନ୍ଦିର ସଂଖ୍ୟା ଯଥେଷ୍ଟ । ଆପଣଙ୍କର ବୌଦ୍ଧଧର୍ମରେ ଆଗ୍ରହ ନଥାଇପାରେ କିନ୍ତୁ ଏସବୁ ମନ୍ଦିରର ସୌନ୍ଦର୍ଯ୍ୟ ଉପଭୋଗ କରିବାରୁ ନିଜକୁ ବଞ୍ଚିତ କରନ୍ତୁ ନାହିଁ । ଏଠାରେ ଅନେକ ସୁନ୍ଦର ବୁଦ୍ଧ ମନ୍ଦିର ରହିଛି । ସେ ମଧ୍ୟରେ ସବୁଠାରୁ ପ୍ରସିଦ୍ଧ ବୁଦ୍ଧ ହିଲ୍‌ର ଗୋଲ୍‌ଡେନ ବୁଦ୍ଧ । ଏହା ବ୍ୟତୀତ ୱାଟ୍ ଚାଇ ମଙ୍ଗକୋନ୍, ୱାଟ୍ ୟୋନସାଙ୍ଗୱାରାରମ, ୱାଟ୍ ସେନସୁକ, ୱାଟ୍ ଚାଇ ମଙ୍ଗଖାନ ଆଦି ପ୍ରସିଦ୍ଧ ବୁଦ୍ଧ ମନ୍ଦିର ରହିଛି ଏଠାରେ ।

**ଷ୍ଟ୍ରିଟ୍ ଫୁଡ୍ :** ପଟାୟାରେ ସି' ଫୁଡ୍‌ର ଅସଲ ମଜା ଆପଣ ପାଇପାରିବେ ବୁଲା ବିକାଳୀମାନଙ୍କ ଠାରୁ । ସମୁଦ୍ର ବେଳାଭୂମିରେ ଏମିତି ବୁଲା ବିକାଳିଙ୍କ ସଂଖ୍ୟା ଅଧିକ । ଅତିକମ୍‌ରେ ଥରେ ଏହି ଖାଦ୍ୟର ସ୍ୱାଦ ନିଅନ୍ତୁ । ଅସଲି ସ୍ୱାଦ ଆପଣ ପାଇପାରିବେ ।

**ଫ୍ଲି ମାର୍କେଟ୍ :** ପଟାୟା ସହରରେ ଆପଣ ଅନେକ ଛୋଟ ଛୋଟ ରାସ୍ତାକଡ଼ ମାର୍କେଟ ଦେଖିପାରିବେ । ତେବେ ସବୁଠୁ ପ୍ରସିଦ୍ଧ ହେଉଛି ରବିବାରର ଥେପାରିଷ୍ଟ ରୋଡ ମାର୍କେଟ ଏବଂ ଶୋଇ ବୌଖାଓର ବୁଧ ଓ ଶୁକ୍ରବାର ମାର୍କେଟ । ଏଠି ଆପଣ ପୁରୁଣାକାଳିଆ ଜିନିଷ ଠାରୁ ଆରମ୍ଭ କରି ଘର ସଜା ସାମଗ୍ରୀ, ପୋଷା ଜୀବ, ପୋଷାକପତ୍ର, ବହି, ସେରାମିକ୍, ହସ୍ତକଳା ସାମଗ୍ରୀ ଓ ଧାର୍ମିକ ଜିନିଷ ଏକାଠି ପାଇପାରିବେ । କିଣିବାକୁ ନଚାହିଁଲେ ବି ଆପଣ ଏସବୁ ବୁଲି ଦେଖିପାରିବେ । ହଁ ଏସବୁ କିଣିବା ପାଇଁ ଆପଣଙ୍କୁ ଭଲ ଭାବେ ମୁଲଚାଲ କରିବାକୁ ହେବ । କାରଣ ଦୋକାନିମାନେ ଯେଉଁ ଦାମ ପ୍ରଥମରୁ କହିବେ ତା'ର ୧୦ ଭାଗ ଦାମ୍‌ରେ ସେମାନେ ଏହାକୁ ବିକିବେ ।

**ମାଲିସ୍ :** ଥାଇ ମସାଜ୍, ଫୁଟ୍ ମସାଜ୍, ଫୁଲ୍ ବଡି ମସାଜ୍, ଏମିତି ଲେଖାଥିବା ବୋର୍ଡ ଆପଣ ପଟାୟାର ସବୁଆଡେ ଦେଖିବାକୁ ପାଇବେ । ଛୋଟରୁ ବଡ଼ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ମସାଜ୍ ପାର୍ଲର ଏଠାରେ ଅଛି । ପଟାୟା ଯାଉଥିବା ପର୍ଯ୍ୟଟକମାନେ ଏହାର ମଜା ନେବା ଆବଶ୍ୟକ । ୫୦୦ ଡଲାରରୁ ୨୦୦ ୱାଟ୍ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇପାରେ ଏଥିରେ ।



# ବେଦ ଓ ବିଜ୍ଞାନରେ ତିଳକର ମହିମା

ଭାରତୀୟ ସଂସ୍କୃତିରେ ଯେକୌଣସି ପୂଜା, ଯଜ୍ଞ ଅନୁଷ୍ଠାନ ଆଦିରେ ତିଳକ ଧାରଣ କରାଯାଏ । ଧର୍ମ ବିଶ୍ୱାସ ଅନୁଯାୟୀ ମସ୍ତକ ସବୁଠାରୁ ଅସୁରକ୍ଷିତ, ଏହା ଉପରେ ଅଶୁଭ ପ୍ରଭାବ ସବୁଠାରୁ ଅଧିକ ପଡେ । ତେଣୁ ଏଠାରେ ଚନ୍ଦନ, ସିନ୍ଦୂର, କୁଙ୍କୁମ, ମାଟି ତଥା ଭସ୍ମ ଆଦିର ତିଳକ ଲଗାଯାଏ । ପୂଜା ଓ ଭକ୍ତିର ଏକ ପ୍ରମୁଖ ଅଙ୍ଗ ତିଳକ । ତିଳକ ମସ୍ତକରେ ଦୁଇ ଭ୍ରୂଲତାର ମଧ୍ୟ ଭାଗରେ ନାକର ଆଦ୍ୟ ସ୍ଥାନ ଉପରେ ଲଗାଯାଏ । ଏହା ଆମର ଚିନ୍ତନ-ମନନର ସ୍ଥାନ, ଚେତନ ଓ ଅବଚେତନ ଅବସ୍ଥାରେ ବି ଏହା ଜାଗୃତ ଓ ସକ୍ରିୟ ରୁହେ । ଏହି ସ୍ଥାନକୁ ଆଜ୍ଞାଚକ୍ର ମଧ୍ୟ କୁହାଯାଏ । ଏହାକୁ ଶିବନେତ୍ର ଅର୍ଥାତ୍ କଲ୍ୟାଣକାରୀ ବିଚାରର କେନ୍ଦ୍ର

ବୈଜ୍ଞାନିକମାନେ ଏହାକୁ ପିନିୟଲ୍ ଗ୍ରନ୍ଥି ବୋଲି କୁହନ୍ତି । ପ୍ରମାଣ ମିଳିଛି ଯେ ଆଲୋକ ସହ ଏହାର ଗଭୀର ସମ୍ପର୍କ ଅଛି । ଧ୍ୟାନ, ଜପ ଦ୍ୱାରା ସାଧକ ମଧ୍ୟରେ ଯେଉଁ ପ୍ରକାଶ ଉତ୍ପନ୍ନ ହୁଏ ଏହାକୁ ଆଜ୍ଞାଚକ୍ର କୁହାଯାଏ ।

ଆମ ଋଷିମାନଙ୍କୁ ଏକଥା ଭଲଭାବରେ ଜଣାଥିଲା ଯେ ଆଜ୍ଞାଚକ୍ରରେ ସନ୍ତୁଳନ ରଖେ । ତେଣୁ ସେମାନେ ତିଳକ ଧାରଣ କରିବାର ପରମ୍ପରାକୁ ପୂଜା-ଉପାସନା ସହ ସବୁ ପ୍ରକାର ଶୁଭକର୍ମ ସହ ଯୋଡ଼ି ଧର୍ମର ଅଭିନ୍ନ ଅଂଶ କରିଦେଲେ ।

ଏହାଦ୍ୱାରା ଲୋକମାନେ ନିୟମିତ ଭାବରେ ଆଜ୍ଞାଚକ୍ରକୁ ସ୍ପର୍ଶ କରି ତିଳକ ଲଗାଇଲେ ଓ ଏହାର ସ୍ୱାସ୍ଥ୍ୟଗତ ଲାଭ ପାଇଲେ ।

### ତିଳକ ଓ ସିନ୍ଦୂର

ମହିଳାମାନେ ସୁନ୍ଥା ଓ ମଥାରେ ଧାରଣ କରୁଥିବା ସିନ୍ଦୂରର ଉପାଦାନ ହେଉଛି ମର୍କୁରୀ ରେଡ୍ ଅକ୍ସାଇଡ୍ । ଏହା ଶରୀର ପାଇଁ ଲାଭଦାୟକ । ସୁନ୍ଥାରେ ସିନ୍ଦୂର ଓ ଶୁଦ୍ଧ ଚନ୍ଦନର ପ୍ରୟୋଗ ଯୋଗୁ ଚେହେରାରେ କୁଞ୍ଚନ ଆସେ ନାହିଁ । ଏହା ମସ୍ତିଷ୍କ ସମ୍ପର୍କିତ କ୍ରୀୟାକୁ ନିୟନ୍ତ୍ରିତ, ସନ୍ତୁଳିତ ତଥା ନିୟମିତ ରଖେ । ଏହାଦ୍ୱାରା ମସ୍ତିଷ୍କ ବିକାର ନଷ୍ଟ ହୁଏ । ଲଲାଟରେ ନିୟମିତ ତିଳକ କରିବା ଦ୍ୱାରା ମସ୍ତିଷ୍କର ରାସାୟନିକ ଉପାଦାନ ସେରାଟୋନିନ୍ ଓ ବିଟା ଏଣ୍ଡୋର୍ଫିନ୍‌ର କ୍ଷରଣ ସନ୍ତୁଳିତ ରହେ । ଏହାଦ୍ୱାରା ମନର ଉଦାସ ଭାବେ ବଦଳି ଯାଏ, ମୁଣ୍ଡବ୍ୟଥା ହୁଏ ନାହିଁ ଓ ବୁଦ୍ଧି ତୀକ୍ଷ୍ଣ ହୁଏ ।







### ତିଳକ ଲଗାଇବାର ବିଧି

ସାଧାରଣତଃ ଚନ୍ଦନ, କୁଙ୍କୁମ, ହଳଦୀ, ଯଜ୍ଞ ପାଉଁଶ, ଗୋଧୂଳି, ତୁଳସୀ ବା ଓସ୍ତ ଗଛର ମାଟି ଆଦିର ତିଳକ ଲଗାଯାଏ ।

ଚନ୍ଦନର ତିଳକ ଲଗାଇଲେ ପାପ ନାଶ ହୁଏ । ବ୍ୟକ୍ତି ସଙ୍କଟରୁ ରକ୍ଷାପାଏ ।, ତା' ଉପରେ ଲକ୍ଷ୍ମୀ କୃପା ରହେ, ଜ୍ଞାନତନ୍ତୁ ସଂଯମିତ ଓ ସକ୍ରିୟ ରହିଛି ।

ଶ୍ୱେତ ଓ ରକ୍ତ ଚନ୍ଦନ ଉଭୟେ ଭକ୍ତିର ପ୍ରତୀକ ।

କୁଙ୍କୁମରେ ହଳଦୀ ଥିବାରୁ ଏହା ତ୍ୱଚାକୁ ଶୁଦ୍ଧ ରଖିବାରେ ସହାୟତା କରେ ଓ ମସ୍ତିଷ୍କ ସ୍ନାୟୁର ସଂଯୋଜନ ପ୍ରାକୃତିକ ଭାବରେ ହୋଇଯାଏ । ସଂକ୍ରାମକ କୀଟାଣୁ ନଷ୍ଟ କରିବା ନିମନ୍ତେ ଶୁଦ୍ଧ ମାଟିର ତିଳକ ସବୁଠାରୁ ଲାଭଦାୟକ । ଯଜ୍ଞ ଭସ୍ମରେ ତିଳକ କଲେ ସୌଭାଗ୍ୟ ବଢ଼େ । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ତିଳକ ଲଗାଇବା ଦ୍ୱାରା ଗ୍ରହ ଶାନ୍ତି ହୁଏ ।

### ବାର ଅନୁଯାୟୀ ତିଳକ

**ସୋମବାର** : ଏହି ଦିନର ସ୍ୱାମୀ ଚନ୍ଦ୍ରମା । ଚନ୍ଦ୍ରମା ମନର ଗ୍ରହ । ତେଣୁ ତାଙ୍କୁ ଅନୁକୂଳ ରଖିବା ପାଇଁ ଶ୍ରୀଖଣ୍ଡ ଚନ୍ଦନ ବା ଦହିର ତିଳକ ଲଗାଯିବା ଉଚିତ । ଏଥିରେ ମସ୍ତିଷ୍କ ଶୀତଳ ଓ ଶାନ୍ତ ରହେ ।

**ମଙ୍ଗଳବାର** : ଏହି ଦିନ ମଙ୍ଗଳ ଗ୍ରହର ପ୍ରଭାବ ଥାଏ । ଏହି ଗ୍ରହର ପ୍ରତିନିଧି ରଙ୍ଗ ଲାଲ୍ । ଶକ୍ତି ଓ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ମଙ୍ଗଳବାର ଦିନ ରକ୍ତଚନ୍ଦନ ବା ସିନ୍ଦୂରର ତିଳକ ଶୁଭ ଫଳଦାୟୀ ହୁଏ ।

**ବୁଧବାର** : ଏହି ଦିନ ବୁଧ ଗ୍ରହର ପ୍ରଭାବ ଥାଏ । ଏହାର ସ୍ୱାମୀ ଗଣେଶ । ଗଣେଶଙ୍କର ସିନ୍ଦୂର ତିଳକ ପ୍ରିୟ । ତେଣୁ ବୁଧବାର ଦିନ ସିନ୍ଦୂର ଲଗାଇବା ଉଚିତ । ଏଥିରେ ବୌଦ୍ଧିକ ଓ ମାନସିକ କ୍ଷମତା ବୃଦ୍ଧି ହୁଏ ।

**ଗୁରୁବାର** : ଏହି ଦିନର ସ୍ୱାମୀ ଧନକାରକ ବୃହସ୍ପତି । ଗୁରୁଙ୍କ ପ୍ରିୟ ରଙ୍ଗ ହଳଦିଆ । ପ୍ରତି ଗୁରୁବାର, କେଶର ହଳଦୀ ତିଳକ ଲଗାଇବା ଦ୍ୱାରା ଗୁରୁଙ୍କ ଶୁଭ ପ୍ରଭାବ ବଢ଼େ । ମନରେ ସାତ୍ତ୍ୱିକ ଭାବନା ବଢ଼େ ଓ ଆର୍ଥିକ ସମସ୍ୟା କମ୍ ହୋଇଯାଏ ।

**ଶୁକ୍ରବାର** : ଏହି ଦିନର ସ୍ୱାମୀ ଶୁକ୍ର ଗ୍ରହ । ଶୁକ୍ରବାରରେ ସିନ୍ଦୂର ବା ରକ୍ତ ଚନ୍ଦନର ନିୟମିତ ତିଳକ ଦାମ୍ପତ୍ୟ ଜୀବନର ସମସ୍ୟା ଦୂର କରିବାରେ ସହାୟକ ହୁଏ । ଭୌତିକ ସୁଖ ସୁବିଧାରେ ବୃଦ୍ଧି ପାଇଁ ମଧ୍ୟ ଏହା ଲାଭପ୍ରଦ ହୁଏ ।

**ଶନିବାର** : ଏହି ଦିନର ସ୍ୱାମୀ ଶନି । ଏହାଙ୍କୁ ଅନୁକୂଳ ରଖିବା ପାଇଁ ଶନିବାର ଦିନ ରକ୍ତ ଚନ୍ଦନ ଲଗାଇବା ଦରକାର ।

**ରବିବାର** : ଏହି ଦିନର ସ୍ୱାମୀ ଗ୍ରହ ରାଜ ସୂର୍ଯ୍ୟ । ତାଙ୍କର ଶୁଭ ଦୃଷ୍ଟି ପାଇଁ ଶ୍ରୀଖଣ୍ଡ ଚନ୍ଦନ ବା ରକ୍ତ ଚନ୍ଦନର ତିଳକ ଲଗାଇବା ଦରକାର ।

# ପ୍ରସାଧନ ପ୍ରତାରଣା



ମାତ୍ର ଗୋଟିଏ ସପ୍ତାହରେ ଚେହେରାରେ ଚମକ ଆସିଯିବ । ମାତ୍ର କେଇ ଦିନରେ ପାଆନ୍ତୁ ଗୋରା ଆଉ ସତେଜ ତ୍ୱଚା । ଏଇ କ୍ରିମଟି ଲଗାନ୍ତୁ ଆଉ ପାଆନ୍ତି ଦାଗମୁକ୍ତ ଉଜ୍ଜ୍ୱଳ କୋମଳ ତ୍ୱଚା । ଏମିତି ପ୍ରତିଶ୍ରୁତିର ତାଲିକା ଖୁବ୍ ଲମ୍ବା ପ୍ରସାଧନ କମ୍ପାନୀଗୁଡିକର । କମ୍ପାନୀଗୁଡିକ ନିଜ ଉତ୍ପାଦର ସୁଗୁଣଗୁଡିକୁ ଖୁବ୍ ବଢେଇ ଚଢେଇ କୁହନ୍ତି ହେଲେ ଖୁବ୍ ଚତୁରତାର ସହ ଅନେକ ଜରୁରୀ କଥା ସେମାନେ ଲୁଚେଇ ଦିଅନ୍ତି ଆପଣଙ୍କ ଠାରୁ । ଏବେ ଭାରତରେ ପ୍ରସାଧନ ସାମଗ୍ରୀର ପ୍ରତିଶ୍ରୁତି ଉପରେ କୌଣସି ନିୟନ୍ତ୍ରଣ ନାହିଁ । ତେଣୁ ପ୍ରସାଧନ କମ୍ପାନୀଗୁଡିକ ନିଜ ଉତ୍ପାଦ ସମ୍ପର୍କରେ ଅନେକ ଫମ୍ପା ପ୍ରତିଶ୍ରୁତି ଦିଅନ୍ତି । କିନ୍ତୁ ଏହାକୁ ପ୍ରମାଣିତ କରିବା ପାଇଁ କିଛି ତଥ୍ୟ ସେମାନଙ୍କ ପାଖରେ ନଥାଏ । ଖୁବ୍ ଚତୁର ଭାଷାରେ ପ୍ରସାଧନ ସାମଗ୍ରୀ ନିର୍ମାତା କମ୍ପାନୀଗୁଡିକ ନିଜ ଉତ୍ପାଦର ସୁଗୁଣ ଓ ନିଜ ପ୍ରତିଶ୍ରୁତି ବଖାଣନ୍ତି । ପ୍ରତିଶ୍ରୁତି ଏତେ ସୁନ୍ଦର କିନ୍ତୁ ଅବୁଝା ଭାଷାରେ ଥାଏ ଯେ ସତ-ମିଛ ଭିତରେ ଫରକ ଜାଣିବା ସମ୍ଭବ ହୁଏନି । ଅଧିକାଂଶ କମ୍ପାନୀର ତଥାକଥିତ ଗବେଷଣାର କୌଣସି ବୈଜ୍ଞାନିକ ଆଧାର ମଧ୍ୟ ନଥାଏ । ଏହାଛଡ଼ା ଉତ୍ପାଦର ଲାଭ ପାଇବା ପାଇଁ ଯେଉଁ ସର୍ତ୍ତ ରଖାଯାଇଥାଏ ତାହା ପାଳନ କରିବା ସମ୍ଭବ ହୁଏନି ।

### ବୟସର ପ୍ରଭାବ ହରାଏ ସନ୍‌ସ୍କ୍ରିନ୍ ଲୋଶନ

ସନ୍‌କ୍ରିନ୍ ବିଜ୍ଞାପନ ଗୁଡିକରେ ଦେଖାଏ- ଯଦି ଆପଣ ବୟସର ଛାପ ତ୍ୱଚାରେ ଦେଖାଯିବା ନେଇ ଚିନ୍ତିତ ତା'ହେଲେ ଏଥିପାଇଁ କେବଳ ସନ୍‌ସ୍କ୍ରିନ୍ ଲୋସନ ହିଁ ଯଥେଷ୍ଟ । ଏହାଦ୍ୱାରା ଆପଣଙ୍କ ତ୍ୱଚା ସୂର୍ଯ୍ୟର ହାନିକାରକ କିରଣ ପ୍ରଭାବରୁ ରକ୍ଷା ପାଇବ । ଏହା ନିୟମିତ ଭାବରେ ବ୍ୟବହାର କଲେ ଅନ୍ୟ ଉତ୍ପାଦ ଆବଶ୍ୟକ ହେବନି ତ୍ୱଚାର ବୟସ ରୋକିବାକୁ । ସନସ୍କ୍ରିନ୍ ଆପଣଙ୍କୁ ହାନିକାରକ ଅଲଟ୍ରାଭାଓଲେଟ୍ କିରଣରୁ ରକ୍ଷା କରିବ । ଫଳରେ ଆପଣଙ୍କ ତ୍ୱଚାରେ କୁଞ୍ଚ ପଡିବନି କିମ୍ବା ଚର୍ମକର୍କଟର ଆଶଙ୍କା ରହିବନି, ସନସ୍କ୍ରିନ୍‌ରେ ଥିବା ଟାଇଟେନିୟମ ଡାଇଅକ୍ସାଇଡ, ଜିଙ୍କ ଅକ୍ସାଇଡ ଓ ଏବୋବେନ୍‌ଜୋନ୍ ଆପଣଙ୍କ ତ୍ୱଚାକୁ କୋମଳ ସତେଜ ଆଉ ଉଜ୍ଜ୍ୱଳ ରଖିବ । ସନସ୍କ୍ରିନ୍ ବିଜ୍ଞାପନରେ ଏହି ତଥ୍ୟ ଠିକ୍ କିନ୍ତୁ ଅଧିକାଂଶ



ସନସ୍କ୍ରିନ୍‌ରେ ଏସବୁ ଉପାଦାନ ନଥାଏ । ତେଣୁ ତଥ୍ୟ ଠିକ୍ ଥାଇକି ପ୍ରତିଶ୍ରୁତିରେ କେବଳ ବାହାନା ଥାଏ । ତେଣୁ ଏହାପରେ ଆପଣ ଯେବେ ସନସ୍କ୍ରିନ୍ କିଣିବେ, ଏସବୁ ଉପାଦାନକୁ ଟିକେ ପରଖି ନେବେ ।

**ପ୍ରାକୃତିକ ଉପାଦାନର ସୁରକ୍ଷା :** କୌଣସି ଉତ୍ପାଦରେ ପ୍ରାକୃତିକ ଉପାଦାନ ଥିଲେ ଯେ ଏହା ଏକଦମ ସୁରକ୍ଷିତ ଏକଥାର ପ୍ରମାଣ ନାହିଁ । କିନ୍ତୁ କସ୍‌ମେଟିକ୍ କମ୍ପାନୀମାନେ ସେମାନଙ୍କ ଉତ୍ପାଦ ପ୍ରାକୃତିକ ଉପାଦାନରେ ପ୍ରସ୍ତୁତ, ତେଣୁ ଲାଭଦାୟୀ ବୋଲି ବିଜ୍ଞାପନରେ ଦେଖାନ୍ତି । କିନ୍ତୁ ଏସବୁ ପ୍ରାକୃତିକ ଉତ୍ପାଦ ଆପଣଙ୍କ ତ୍ୱଚା ପାଇଁ କ୍ଷତିକାରକ ମଧ୍ୟ ହୋଇପାରେ । ବିଭିନ୍ନ ପ୍ରସାଧନ ସାମଗ୍ରୀରେ ଥିବା ପୋଦିନା ତେଲ, ଖଟାଳିଆ ପଦାର୍ଥ, ଲାଭେଣ୍ଡର ତେଲ ଆଦି ଅନେକଙ୍କ ତ୍ୱଚା ପାଇଁ ସମ୍ବେଦନଶୀଳ ହେଇଥାଏ । ଅବଶ୍ୟ ପ୍ରାକୃତିକ ଉପାଦାନରେ ପ୍ରସ୍ତୁତ ପ୍ରସାଧନ ସାମଗ୍ରୀ ଅନ୍ୟ ତୁଳନାରେ ନିଶ୍ଚୟ ଭଲ ।

**ପ୍ରଦୂଷଣରୁ ରକ୍ଷା କରେନି ମେକ୍‌ଅପ୍ :** ଅନେକ ବିଜ୍ଞାପନ ଦର୍ଶାଏ ଅମୁକ କ୍ରିମ ଆପଣଙ୍କ ତ୍ୱଚାକୁ ସାରା ଦିନର ପ୍ରଦୂଷଣ, ଖରା, ଧୂଳି, ଆଦିରୁ ରକ୍ଷା କରିବ । କିନ୍ତୁ ପ୍ରକୃତରେ କୌଣସି କ୍ରିମ୍ ବା ମେକ୍‌ଅପ୍ ପ୍ରଦୂଷଣରୁ ରକ୍ଷା କରିପାରେନି । ପ୍ରଦୂଷକ ତତ୍ତ୍ୱ ସହଜରେ ମେକଅପ୍‌ର ଆସ୍ତରଣ ଭେଦ କରି ତ୍ୱଚାରେ ପହଞ୍ଚେ ।

**ଗୋଟିଏ ବ୍ରାଣ୍ଡ ସବୁଠାରୁ ଭଲ :** ଅନେକ ନାମୀଦାମୀ ପ୍ରସାଧାନ ସାମଗ୍ରୀ ବ୍ରାଣ୍ଡର ବିଜ୍ଞାପନ ଏମିତି ପ୍ରସ୍ତୁତ କରାଯାଇଥାଏ ତା' ଦେଖିଲେ ଲାଗିବ ଗୋଟିଏ ବ୍ରାଣ୍ଡର ସବୁ ଉତ୍ପାଦ ବ୍ୟବହାର କରିବା ଅଧିକ ସୁଫଳଦାୟୀ । କିନ୍ତୁ ପ୍ରକୃତ କଥା ହେଉଛି ବ୍ରାଣ୍ଡ ତୁଳନାରେ ସାମଗ୍ରୀର ଗୁଣବତ୍ତା ଓ ଉପାଦାନ ହିଁ ପ୍ରଭାବିତ କରେ ଏହାର ପ୍ରଭାବକୁ ।

କାଉଣ୍ଟରରେ ଥିବା ସେଲ୍ସମ୍ୟାନ ମଧ୍ୟ କମ୍ପାନୀମାନଙ୍କର ପ୍ରଚାରକ । ସେମାନଙ୍କ ଉପରେ ଜିନିଷ ବିକ୍ରି କରିବାର ଚାପ ଥାଏ, କିନ୍ତୁ କମ୍ପାନୀ ଅତିରିକ୍ତ କମିଶନ ବି ଦିଅନ୍ତି । ତେଣୁ ସେମାନେ ଉକ୍ତ ସାମଗ୍ରୀ ସବୁଠାରୁ ଭଲ ବୋଲି ପ୍ରତିଶ୍ରୁତି ଦିଅନ୍ତି । ସେମିତି ପେଟର ଚର୍ବି କମ୍ କରିବାର ପ୍ରତିଶ୍ରୁତି ଦେଉଥିବା କିଛି ସେଲ୍ୟୁଲାଇଟ୍ କ୍ରିମ୍ ବାସ୍ତବରେ ସେମିତି କାମ କରେନି ଯେମିତି ବିଜ୍ଞାପନରେ ଦେଖିବାକୁ ମିଳେ ।





ଏଗୁଡିକ ବାସ୍ତବିକତାରେ ସମ୍ଭବ ନୁହେଁ । ତେଣୁ ଏଗୁଡିକ ଉପରେ ଅଧିକ ବିଶ୍ୱାସ କରିବା ଉଚିତ ନୁହେଁ ।

ମନେ ରଖନ୍ତୁ କସ୍‌ମେଟିକ୍ସ ବଜାର ଖୁବ୍ ବଡ । ସମସ୍ତେ ନିଜ ବିକ୍ରି ବଢାଇବାକୁ ଚାହାନ୍ତି । ତେଣୁ ସମସ୍ତେ ନିଜ ଉତ୍ପାଦର ସୁଗୁଣ ବର୍ଣ୍ଣନା କରନ୍ତି । ବେଳେବେଳେ ଏହି ବର୍ଣ୍ଣନା ସୀମା ଟପିଯାଏ । ତେଣୁ ଆପଣ ନିଜେ ବୁଝିବା ଦରକାର କେଉଁ ସାମଗ୍ରୀଟି ଆପଣଙ୍କ ତ୍ୱଚା ପାଇଁ ଉପଯୁକ୍ତ ହେବ । ଯଦି କେବେ ଉତ୍ପାଦକୁ ନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି ତେବେ ତାକୁ ବ୍ୟବହାର କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧ ଫେବୃଆରୀ ୨୦୨୬ । ରବିବାର

## ଶେଷ ହେଲା ଜାତୀୟ ସଡ଼କ ସୁରକ୍ଷା ମାସ

**କେନ୍ଦ୍ରାପଡ଼ା,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇଥିବା ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଏହି ମାସେ ବ୍ୟାପି ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନସଚେତନତା ଶିବିର, ଆଖି ପରୀକ୍ଷା ଶିବିର, ରକ୍ତଦାନ ଶିବିର, କର୍ମଶାଳା, ଲୋକନୃତ୍ୟ ଆୟୋଜନ ସହିତ ବିଭିନ୍ନ ସ୍କୁଲ ଏବଂ କଲେଜମାନଙ୍କରେ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା । ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର. ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ ଓ ପ୍ରଭାତ ବିଶ୍ୱାଳ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଜ୍ୟୋତିରଞ୍ଜନ ଗୌଡ଼, ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର, ଆନ୍ତର୍ଜାତୀୟ ସାଇକେଲ ଆରୋହୀ ସନ୍ତୋଷ ମିଶ୍ର ପ୍ରମୁଖ ମଂଚାସୀନ ଥିଲେ । କାର୍ଯ୍ୟକ୍ରମରେ ଜୀବନ ରକ୍ଷା ଏବଂ ସଡ଼କ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବାରେ ଅନୁକରଣୀୟ ଏବଂ ନିସ୍ୱାର୍ଥପର ସେବା ପାଇଁ ଛଅ(୬) ଜଣଙ୍କୁ ସମାରିଟାନ୍ ସମ୍ମାନରେ ସମ୍ମାନିତ କରାଯାଇଛି । ଏହା ବ୍ୟତୀତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁବ ରେଡକ୍ରସର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ସଡ଼କ ସୁରକ୍ଷା ଉପରେ ଏକ ନୁକ୍କଡ଼ ନାଟକ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରିଥିଲେ । ନାଗରିକମାନଙ୍କ ମଧ୍ୟରେ ସଚେତନତା ପ୍ରସାର ଏବଂ ଦାୟିତ୍ୱପୂର୍ଣ୍ଣ ସଡ଼କ ସୁରକ୍ଷା ଆଚରଣକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ମାସେ ବ୍ୟାପି ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ମେହେରଙ୍କ ଏକ ଦେଶାତ୍ମବୋଧକ ସଂଗୀତ ଉପସ୍ଥିତ ଛାତ୍ରଛାତ୍ରୀ ଓ ଲୋକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା । ପ୍ରକାଶଥାଉକି ସକାଳେ ତିନିମୁହାଁଣୀ ରାମମନ୍ଦିର ଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ମୋଟର ଯାନ ନିରୀକ୍ଷକ କାଜଲ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ଲାଷ୍ଟିକ ମୁକ୍ତ ଲାଗି ସଚେତନତା

**ରାଜନଗର,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବନଖଣ୍ଡ ଅଧିନସ୍ଥ କନିକା ବନାଞ୍ଚଳ ତରଫରୁ ପ୍ଲାଷ୍ଟିକ ମୁକ୍ତ ଭିତରକନିକା ସଚେତନତା ନିମନ୍ତେ ଏକ ବିଶାଳ ବାଇକ୍ ରାଲି ସହିତ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ସଚେତନତା ରାଲି ଭିତରକନିକା ଜାତୀୟ ଉଦ୍ୟାନ ଠାରୁ ଆରମ୍ଭ ହୋଇ ଖୋଲା ବୋଟିଂ ପଏଣ୍ଟ ପର୍ଯ୍ୟନ୍ତ ଚାଲିଥିଲା । ଏହି କାଯ୍ୟକ୍ରମକୁ କନିକା ବନାଞ୍ଚଳର ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ । ଏହି ସଚେତନତା ଆଗାମୀ ପୀଢିକୁ ଏକ ସବୁଜ, ସୁନ୍ଦର, ସୁରକ୍ଷିତ ପୃଥିବୀ ଗଠନ କରିବାକୁ ବାର୍ତ୍ତା ପ୍ରଦାନ କରାଯାଇଥିଲା । ସ୍ୱେଚ୍ଛାସେବୀ ଓ ବନ କର୍ମଚାରୀମାନେ ବିଭିନ୍ନ ପ୍ଲେ କାର୍ଡ ଧରି ପ୍ଲାଷ୍ଟିକ ମୁକ୍ତ ପାଇଁ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କନିକା ବନାଞ୍ଚଳର ସମସ୍ତ ବନ କର୍ମଚାରୀ, ନିକଟସ୍ଥ ବୁଦ୍ଧି ଜୀବୀ ଓ ଯୁବଗୋଷ୍ଠୀ ପ୍ରମୁଖ ସାମିଲ ହୋଇଥିଲେ ।

## କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ରାଜନଗର,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ଚନ୍ଦ୍ରଶିଖରସ୍ଥିତ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ କେନ୍ଦ୍ରାପଡା ଜିଲ୍ଲା ସଂସ୍କୃତ କଲେଜଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ସର୍ବେଶ୍ୱର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷାବିତ ଶରତ ଚନ୍ଦ୍ର ମହାପାତ୍ର କ୍ରୀଡା ପତାକା ଉତ୍ତୋଳନ କରିବା ସହ ପ୍ରଦୀପ ପଜ୍ଜଳନ କରି ଉଦଘାଟନ କରିଥିଲେ, ଅଧାପକ ରାଜକିଶୋର ପାଣି ବେଦପାଠ କରିଥିଲେ । ମୁଖ୍ୟବକ୍ତା ପୂର୍ବତନ ରାଜ୍ୟ ସଂସ୍କୃତ ସଂଘର ସଭାପତି ପ୍ରାଧ୍ୟାପକ ସୁକାନ୍ତ କୁମାର ଜେନା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ପାଇଁ କେନ୍ଦ୍ରାପଡା ସଂସ୍କୃତ କଲେଜ ସଂଘ ଏହି ପ୍ରୟାସ ଦୀର୍ଘ ୧୦ବର୍ଷ ହେବ କରିଆସୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଅକ୍ଷୟ କୁମାର ମିଶ୍ର, ରାଜନଗର ଆଇଆଇସି ଶରତ କୁମାର ସାହୁ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, କେନ୍ଦ୍ରାପଡା ସଂସ୍କୃତ ସଂଘର ସଭାପତି ସୁକାନ୍ତ କୁମାର ଦାସ ଓ ସମ୍ପାଦକ ଅକ୍ଷୟ କୁମାର ବେହେରା ଯୋଗଦେଇଥିଲେ । ଅଧାପକ ପ୍ରଦୀପ କୁମାର ପାଲ ଅତିଥି ପରିଚୟ ଦେଇଥିବା ବେଳେ ଅଧାପିକା ଭଗବତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସରେ କଲେଜ ପରିସରରେ ନୂତନ ସ୍ଥାପିତ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିକୁ ଆଇଆଇସି ଶ୍ରୀ ସାହୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅଧାପକ ସତୀଶ ଚନ୍ଦ୍ର ମହାପାତ୍ର, ବୈକୁଣ୍ଠ ବିହାରୀ ବଳ, ପ୍ରଫୁଲ୍ଲ କୁମାର ପ୍ରଧାନ, ବିଶ୍ୱନାଥ ତ୍ରିପାଠୀ ଏବଂ କର୍ମଚାରୀ ରାମାକାନ୍ତ ରାଉତ ଓ ନାରାୟଣ ପ୍ରଧାନ ସହଯୋଗ କରିଥିଲେ ।

## ତନୁପୁରରେ ହିନ୍ଦୁ ସମ୍ମିଳନୀ

**ପଟ୍ଟାମୁଣ୍ଡାଇ,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ହିନ୍ଦୁ ସମାଜ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ନଗର ବସ୍ତି ପକ୍ଷରୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ତନୁପୁର ଶିବ ମନ୍ଦିର ଠାରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ବ୍ରାହ୍ମଣୀ ବସ୍ତି ସଂଯୋଜକ ମନୋଜ ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ ସମ୍ମିଳନୀରେ ବୃନ୍ଦାବନ ଧାମ ସାଧୁ ଶ୍ରୀପାଦ ଭକ୍ତି ବେଦାନ୍ତ ମହାରାଜ ମୁଖ୍ୟଅତିଥି, ଆରଏସଏସ ଜିଲ୍ଲା କୁଟୁମ୍ବ ପ୍ରବୋଧନ ଗୋକୁଳ ଦାଶ ପଟ୍ଟାମୁଣ୍ଡାଇ ଖଣ୍ଡ କାର୍ଯ୍ୟବାହ ବିଜ୍ଞାନ ଭୂଷଣ ପ୍ରଧାନ, ନଗର ସଂଯୋଜକ ଦେବାଶିଷ ପଣ୍ଡା ପ୍ରମୁଖ ଯୋଗଦେଇ ହିନ୍ଦୁ ଜାଗରଣ ଓ ସନାତନ ଧର୍ମର ସୁରକ୍ଷା ପାଇଁ ହିନ୍ଦୁମାନେ ଏକାଠି ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ହିନ୍ଦୁ ସମ୍ମିଳନୀ ଆରମ୍ଭ ପୂର୍ବରୁ ସର୍ବ ପ୍ରଥମେ ସୂର୍ଯ୍ୟପୂଜା ସହିତ ଗୋ ପୂଜା, କନ୍ୟା ପୂଜା ହୋମ ଯଜ୍ଞ ଗାୟତ୍ରୀ ଯଜ୍ଞ ସାମୂହିକ ହନୁମାନ ଚାଳିଶା ସହ ସଂକୀର୍ତ୍ତନ ମଣ୍ଡଳୀ ଗ୍ରାମ ପରିକ୍ରମା କାର୍ଯ୍ୟକ୍ରମ କରାଯାଇଥିଲା ।

## ଅଜିତ୍ ପଟ୍ଟନାୟକଙ୍କ ସ୍ମୃତିଚାରଣ

**କଟକ,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

୫୬ ନଂ ୱାର୍ଡ ଅଧୀନ ଉଜ୍ଜ୍ୱଳପୁର ଗ୍ରାମର ମୁରବି ତଥା ସମାଜସେବୀ ଅଜିତ୍ ପଟ୍ଟନାୟକଙ୍କ ସ୍ମୃତିଚାରଣ ସଭା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ୫୬ ନଂ ୱାର୍ଡ ବିଜେଡି, ଉଜ୍ଜ୍ୱଳପୁର ଯୁବସଂଘ ଓ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଏହି ସ୍ମୃତିଚାରଣ ସଭାରେ ପୂର୍ବତନ କର୍ପୋରେଟର ତଥା ୨ନମ୍ବର ବିଜେଡି ସଂଗଠନ ସମ୍ପାଦକ ସରୋଜ କୁମାର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ସଦର ବିଜେଡି ସଭାପତି ବିଭୂତି ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ତଥା କର୍ପୋରେଟର ପ୍ରମୋଦ କୁମାର ମହାପାତ୍ର, ସମାଜସେବୀ ତଥା ଆମ୍ବେଦକର ସ୍ମୃତି ପରିଷଦର ସଭାପତି ସୁକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ପଟ୍ଟନାୟକ, ୫୭ନଂ କର୍ପୋରେଟର ପୁଷ୍ପିତା ସ୍ୱାଇଁ, ଆଇଁ ଚନ୍ଦ୍ର ବିଶ୍ୱାଳ, ରାଜକୁମାରୀ ସ୍ୱାଇଁ, କୌଶିକି ଜେନା, ପାଇକସାହି ଗ୍ରାମ କମିଟିର ମୁରବି ଦିଲୀପ ସ୍ୱାଇଁ, ନଳିନୀ ସେନାପତି, ଶୋଭା ମୁଖି, ତାହାଲିଆଗଡ ଗ୍ରାମ କମିଟିର ସଂପାଦକ ଶ୍ରୀକାନ୍ତ ମହାନ୍ତି, ବାଲିକୁଦା ଗ୍ରାମ ମୁରବି ପ୍ରଭାତ କୁମାର ସ୍ୱାଇଁ, ସଞ୍ଜୟ ବେହେରା, ରଞ୍ଜନ ପାଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଅଜିତ୍ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଈଶ୍ୱରଙ୍କ ନିକଟରେ ଅମର ଆତ୍ମାର ସଦଗତି କାମନା କରିବା ସହିତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ, ଓ ସ୍ୱର୍ଗତ ପଟ୍ଟନାୟକଙ୍କ ଏକମାତ୍ର ସୁକନ୍ୟା ଆଦ୍ୟାଶା ପଟ୍ଟନାୟକଙ୍କୁ ମୁଖ୍ୟଅତିଥି ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା ଉତ୍ତରୀୟ ଓ ମାନଭୋଗପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସୁବର୍ଣ୍ଣ ଜେନା ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

## ଦେଶୀ ଓ ବିଦେଶୀ ମଦ ଜବତ

**ବଲାଙ୍ଗିର,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲା ଆଗଲପୁର ପୋଲିସ ଆଗଲପୁର ଥାନା ଅନ୍ତର୍ଗତ ଉଜ୍ଜଳବାହାଲ ଗ୍ରାମରୁ ବହୁତ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରିଥିବା ସୂଚନା ମିଳିଛି । ସୂଚନା ମୁତାବକ, ଉଜ୍ଜଳବାହାଲ ଗ୍ରାମର ବିକ୍ରମ ବୋରା ବୟସ ୩୯ ପିତା- ଲୋଚନ ବୋରା ମଦ ବିକ୍ରି କରୁଥିବା କୌଣସି ସୂତ୍ରରୁ ଖବର ପାଇ ଆଗଲପୁର ପୋଲିସ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ତାପାଖରୁ ୫୦ଟି ଦେଶୀ ମଦ ପାଉଚ୍ ସହ ୮୭ଟି ବିଦେଶୀ ମଦ ବୋତଲ ସିଜ କରିଥିଲା । ମଦକୁ ସିଜ କରି ଆସାମିକୁ ଗିରଫ କରି କୋର୍ଟଚାଲାଣ କରିଥିବା ଆଗଲପୁର ଆଇଆଇସି ଅନିତା ନାୟକ ସୂଚନା ଦେଇଛନ୍ତି ।

## ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ହୋଟେଲ ଯାଞ୍ଚ

**ଜୟପୁର,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଜୟପୁର ସହରର ବିଭିନ୍ନ ହୋଟେଲ ଓ ଓମଫେଡ ପ୍ଲାଣ୍ଟ ଉପରେ ଚଢ଼ାଉ କରାଯାଇଛି । ଖାଦ୍ୟ ସୁରକ୍ଷା ଅଧିକାରୀ ପଙ୍କଜିନୀ ଡେଙ୍ଗିଆଙ୍କ ନେତୃତ୍ୱରେ ଏକଟିମ ବାହାରି ଉମୁରୀ ସ୍ଥିତ ଓମଫେଡ ପ୍ଲାଣ୍ଟକୁ ଯାଇ ତଦାରଖ କରିବା ସହ ଡେଲିଭ୍ରୀ ଚଢ଼ାଗିନ ଫେକ୍ଟି ଉପରେ ଚଢ଼ାଉ କରି ଲାଇସେନ୍ସ ନଥିବା ଯୋଗୁଁ ୬୦ ହଜାର ଟଙ୍କା ଫାଇନ ଆଦାୟ କରାଯାଇଥିଲା । ସେହିପରି ମାଲିକାନଗରର ରାସ୍ତାରେ ଥିବା ଟ୍ରେନ ରେଷ୍ଟୁରାଣ୍ଟ ଓ ଅନ୍ୟ ରେଷ୍ଟୁରାଣ୍ଟ ଗୁଡିକ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟ ସୁରକ୍ଷା କାର୍ଯ୍ୟାଳୟର ବିନୋଦ ସୁନା, ତ୍ରିଲୋଚନ ବେନିଆଙ୍କ ସମେତ ସଦର ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

## ଭୂତଳ କୋଇଲା ଖଣିରେ ବାଲି ଭର୍ତ୍ତି ନେଇ ଖଣି କର୍ତ୍ତୃପକ୍ଷଙ୍କ ତତ୍ପରତା

**ତାଳଚେର,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଭୂତଳ କୋଇଲା ଖଣିରେ ବାଲି ଭର୍ତ୍ତି ନେଇ ଖଣି କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରୁନଥିବାରୁ ତାଳଚେରରେ ବାରମ୍ବାର ମାଟି ଧସୁଛି । ୧୯୨୧ ମସିହାରେ ଆରମ୍ଭ ହୋଇଥିବା ସର୍ବପୁରାତନ ଭୂଗର୍ଭ କୋଇଲା ଖଣି ହାଣ୍ଡିଧୁଆରୁ ୧୯୯୧ ମସିହାରେ କୋଇଲା ଖନନ ପ୍ରକ୍ରିୟା ଶେଷ ହୋଇଥିଲା । ଏହାମଧ୍ୟରେ ୧୦୫ ବର୍ଷ ବିତିଗଲାଣି, ଅଥଚ୍ ଆଜି ପର୍ଯ୍ୟନ୍ତ ଖୋଳା ହୋଇଥିବା ଖାଲି ସ୍ଥାନରେ ଠିକ୍ ଭାବରେ ବାଲି ଭର୍ତ୍ତି କରାଯାଇ ପାରିନାହିଁ । କୋଇଲା ଖନନ ଶେଷ ହେବାର ବର୍ଷେ ପରେ ବାଲି ଭର୍ତ୍ତି କାମ ଆରମ୍ଭ ହୋଇଥିଲା । ଭୂଗର୍ଭରୁ ମୋଟ୍ ୫ ଲକ୍ଷ ୮୫ ହଜାର କ୍ୟୁବିକ୍ ସେଣ୍ଟିମିଟର କୋଇଲା ଉତ୍ତୋଳନ କରାଯାଇଥିବା ବେଳେ ବିଗତ ୩୪ ବର୍ଷ ମଧ୍ୟରେ ମାତ୍ର ୪ ଲକ୍ଷ ୪୫ ହଜାର ୩ ଶହ ୧୯ କ୍ୟୁବିକ୍ ସେଣ୍ଟିମିଟର୍ ବାଲି ଭର୍ତ୍ତି ହୋଇଥିବା ଜଣାପଡିଛି ।

ବଳକା ରହିଥିବା ୧ ଲକ୍ଷ ୩୯ ହଜାର ୬୮୦ କ୍ୟୁବିକ୍ ସେଣ୍ଟିମିଟର ବାଲି ଭର୍ତ୍ତି ହେବାକୁ ଆହୁରି କେତେ ବର୍ଷ ଲାଗିବ ସେ ସଂପର୍କରେ ଖୋଦ୍ ଖଣି ସୁରକ୍ଷା ଅଧିକାରୀ ମଧ ଜାଣିନାହାନ୍ତି । ଭୂତଳ ଖଣିକୁ ବାଲି ଦ୍ୱାରା ସମ୍ପୂର୍ଣ୍ଣ ଭରଣା କରିବା ଲାଗି ଅଗ୍ରାଧିକାର ଦିଆଯାଉଥିବା ଖଣି କର୍ତ୍ତୃପକ୍ଷ କହୁଛନ୍ତି । ହେଲେ କତିପୟ ଶ୍ରମିକଙ୍କୁ ନେଇ ବେଲଚ୍ଚା ମାଧ୍ୟମରେ ଖାଲିଥିବା ସ୍ଥାନକୁ ଯେଉଁଭଳି ବାଲିରେ ଭରଣା କରାଯାଉଛି ତାକୁ ଦେଖିଲେ ଆସନ୍ତା ପ୍ରାୟ ୫୦ ବର୍ଷ ପରେ ମଧ ଭୂଗର୍ଭ ଫମ୍ପା ସ୍ଥାନରେ ବାଲି ଭର୍ତ୍ତି ହୋଇପାରିବ ନାହିଁ ବୋଲି ସାଧାରଣରେ ଆଲୋଚ୍ନା ହେଉଛି । ପ୍ରକାଶଥାଉକି, ବାଲି ଭର୍ତ୍ତି ପାଇଁ ଖଣି କର୍ତ୍ତୃପକ୍ଷ ୧୯୯୨ ମସିହାରୁ ୨୦୪୨ ମସିହା ପର୍ଯ୍ୟନ୍ତ ୫୦ ବର୍ଷ ପାଇଁ ମଣ୍ଡାପାଳ ବାଲିଘାଟକୁ ଲିଜ୍ ନେଇଛନ୍ତି । ତେବେ ବାଲିଘାଟରୁ ପ୍ରତିମାସରେ ଶହଶହ ଟ୍ରିପ୍ ବାଲି ଉଠା ହେଉଥିବା ବେଳେ କିଭଳି ଭାବରେ ବାଲି ଭରଣା ହୋଇ ପାରୁନାହିଁ ତାହା ଏବେ ସବୁଠୁ ବଡ ପ୍ରଶ୍ନ ।

## ଅଜଣା ଗାଡି ଧକ୍କାରେ ଆଖି ବୁଜିଲେ ଯୁବକ

**ଭଦ୍ରକ,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବାଂଶଡା ଥାନା ଅଧୀନ ବାଂଶଡା ସେତୁ ତଳ ରାସ୍ତାରେ ଶୁକ୍ରବାର ପୂର୍ବାହ୍ନରେ ଏକ ଅଜଣା ଗାଡି ଧକ୍କାରେ ବାଂଶଡା ପଞ୍ଚାୟତ ଅଧୀନ ବିଜିପୁର ଗ୍ରାମର ମାନସ କୁମାର ବିଶ୍ୱାଳ(୨୩) ନାମକ ଜଣେ ଯୁବକର ମୃତ୍ୟୁ ଘଟିଥିବା ଜଣାପଡିଛି । ରାସ୍ତାରେ ଅନ୍ୟଜଣଙ୍କ ସହିତ ମାନସ କଥା ହେଉଥିବା ବେଳେ ହଠାତ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା । ଯାହାଫଳରେ ସେ ଗୁରୁତର ଆହତ ହୋଇଥିଲେ । ପରେ ତାଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାରେ ବାଂଶଡା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଯୁବକଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି ।

## ଗୋରୁ ବୋଝେଇ ଟ୍ରେଲର୍ ଜବତ, ଜଣେ ଗିରଫ

**ସୁନ୍ଦରଗଡ଼,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶନିବାର ଭୋର୍ ୩ଟାରେ ବଜରଙ୍ଗ ଦଳ କର୍ମୀଙ୍କ ସହାୟତାରେ ସଦର ଥାନା ପୋଲିସ ସବଡେଗା ରାସ୍ତାର ପଞ୍ଚ ମହଲା ନିକଟରୁ ଏକ ଗୋରୁ ବୋଝେଇ ଟ୍ରେଲର୍ ଜବତ କରିଛି । ଗାଡ଼ିରୁ ୨୫ଟି ବଳଦ ଓ ଗୋଟିଏ ଗାଈକୁ ଉଦ୍ଧାର କରିବା ସହ ଜଣକୁ ଗିରଫ କରିଥିବାବେଳେ ଚାଳକ ଫେରାର ହୋଇଯାଇଛି । ଗିରଫ ବ୍ୟକ୍ତି ହେଲେ ରାଜସ୍ଥାନ ଜୟପୁର ଏସ୍. ମହମ୍ମଦ (୨୫) । ଗାଡ଼ିଟି (ୟୁପି ୮୦ ସିଟି ୫୭୫୦)ରେ ଝାରସୁଗୁଡ଼ା ଅଞ୍ଚଳରୁ ଗୋରୁ ବୋଝେଇ କରି ରାଜସ୍ଥାନ ଜୟପୁର ଚାଲାଣ କରୁଥିଲେ । ଉଷ୍ମା ମସ୍ନିକାନି ଟୋଲଗେଟ୍‌ର ଏକ ଗେଟ୍ ଭାଙ୍ଗି ଦ୍ରୁତଗତିରେ ସୁନ୍ଦରଗଡ ଆଡ଼କୁ ଯାଇଥିଲା ।

ସୂଚନା ପାଇ ବଜରଙ୍ଗ ଦଳ ପଛରୁ ଗୋଡ଼ାଇ ମଧରାତ୍ରରେ ସବଡେଗା ପଞ୍ଚମହଲା ନିକଟରେ ଧରିଥିଲେ । ଏହି ସମୟରେ କୌଶଳକ୍ରମେ ଚାଳକ ଫେରାର ହୋଇ ଯାଇଥିବାବେଳେ ସହଯୋଗୀଙ୍କୁ ଅଟକ ରଖି ସଦର ପୋଲିସକୁ ଖବର ଦେଇଥିଲେ । ପୋଲିସ ଭୋର୍ ୩ଟାରେ ପହଞ୍ଚି ଗାଡ଼ିକୁ ଜବତ କରିଥିଲେ ।

## ଜେମାଖମା ନାଳର ଉନ୍ନତିକରଣ ଲାଗି ଭିତ୍ତିପ୍ରସ୍ତର



**ପୋଲସରା,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପୋଲସରା ବ୍ଲକ କଳମ୍ବ ଗ୍ରାମରେ ଚାଷୀଙ୍କ ଉନ୍ନତି ଲାଗି ବୁଧବାର ଜେମାଖମା ନାଳର ଉନ୍ନତିକରଣ ଲାଗି ପ୍ରାୟ ୬୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜେମାଖମା ନାଳର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ନାଳର ଉନ୍ନତିକରଣ କରାଗଲେ କଳମ୍ବ ଓ ରୂଖାକଣା ଗ୍ରାମର ୫ଶହରୁ ଉର୍ଦ୍ଧ୍ୱ ଚାଷୀ ଉପକୃତ ହେବେ । ଚାଷୀଙ୍କୁ ସମ୍ମାନ ଜଣାଇ ଚାଷୀର ଉର୍ନତି ଲାଗି ଏହା ନିର୍ମାଣ କରାଯିବାର ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଡ୍ରେନେଜ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣ ଚନ୍ଦ୍ର ଆପଟ, ଯୁବ ସମାଜସେବୀ ପ୍ରଭାକର ପଣ୍ଡା, ସ୍ଥାନୀୟ ଜନପ୍ରତିନିଧି, ହାତୀଓଟ ମଣ୍ଡଳ ସଭାପତି ପ୍ରଶାନ୍ତ ପ୍ରଧାନ, ବିଜେପି ଜିଲ୍ଲା ଉପସଭାନେତ୍ରୀ ପ୍ରତିମା ସାହୁ, ପୂର୍ବତନ ସରପଞ୍ଚ କାଶୀନାଥ ପ୍ରଧାନ ସମେତ ବିଜେପିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ । ପୋଲସରା ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**କଟକ,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂଆବଜାରର ୩୮ତମ ବାର୍ଷିକ ଉତ୍ସବ ସ୍ଥାନୀୟ କନ୍ହେଇପୁର ନିକଟସ୍ଥ ନୂତନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ସଭାପତି ତଥା ବିଶିଷ୍ଟ ସମାଜସେବୀ ସୁଶାନ୍ତ କୁମାର ଦାଶଙ୍କ ପୌରହିତ୍ୟରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ମୁଖ୍ୟଅତିଥି ଭାବେ ପ୍ରଖ୍ୟାତ ଶଲ୍ୟ ଚିକିତ୍ସକ ପ୍ରଫେସର ଡ.ରମେଶ ଚନ୍ଦ୍ର ଦାସ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଆଦର୍ଶ ଶିକ୍ଷାର ଗୁରୁତ୍ୱ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ କଟକ ସଦରର ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ଶିଶୁର ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ପୂର୍ବ ଓଡ଼ିଶାର ସହ-ପ୍ରାନ୍ତ କର୍ଯ୍ୟବାହ ରବିନାରାୟଣ ପଣ୍ଡା ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଛାତ୍ରଛାତ୍ରୀମାନଙ୍କର ଯୋଗଦାନକୁ ଗୁରୁତ୍ୱ ପ୍ରଦାନ କରିଥିଲେ । ବିଦ୍ୟାଳୟର କୋଷାଧ୍ୟକ୍ଷ ଦେବାଶିଷ ଧଳ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ମନୋଜ ରଞ୍ଜନ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସମ୍ପାଦକ ସୂର୍ଯ୍ୟକାନ୍ତ ନାୟକ, ଉପ ସଭାପତି ଅକ୍ଷୟ କୁମାର ସ୍ୱାଇଁ, ଯୁଗ୍ମ ସଂପାଦକ ଜୟନ୍ତ କୁମାର ସାହୁ, ସଦସ୍ୟା ଇତିଶ୍ରୀ ରାମ, ସୁଜାତା ସେଠୀ, ଶିକ୍ଷା ବିକାଶ ସମିତି ଓଡିଶାଙ୍କ ସଭାପତି ଡ: କିଶୋର ଚନ୍ଦ୍ର ମହାନ୍ତି, ଉତ୍ତର ପୂର୍ବ ସମ୍ଭାଗର କୋଷାଧକ୍ଷ ଲଳୀତେନ୍ଦୁ କାନୁନଗୋ, କଟକ ବିଭାଗର ବିଭାଗ ନିରୀକ୍ଷକ ରାହାସ ବିହାରି ମହାପାତ୍ର ଉପସ୍ଥିତ ରହି ସଭାର ଗୌରବ ମଣ୍ଡିତ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ମୁଖପତ୍ର 'ଅନ୍ୱେଷା' ଉନ୍ମୋଚିତ ହୋଇଥିଲା ।

## ତୃତୀୟ ବର୍ଷିକ ବିଳାଶୁଣୀ ମହୋତ୍ସବ

**ନିଆଳି,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**



ନିଆଳି ବ୍ଲକ ବିଳାଶୁଣୀ ଠାରେ ଗୋପବନ୍ଧୁ ଏଭରଗ୍ରୀନ ଆଞ୍ଚଳିକ ଯୁବ ପରିଷଦ ଓ ଭେଦା ସହଭାଗିତାରେ ଅନୁଷ୍ଠିତ ତୃତୀୟ ବାର୍ଷିକ ବିଳାଶୁଣୀ ମହୋତ୍ସବ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ଗୋପାଳଜୀଉ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଫୁଟ ବଲ ଟୁର୍ଣ୍ଣାମେଣ୍ଟରେ ବାହାରଣା, ଅଡସପୁର, ତଣ୍ଡିକଣା, ବରାହୀପୁର, ନରିଶୋକଣ୍ଡାପଡା, ଗଣ୍ଡରପୁର, ବ୍ରାହ୍ମଣ ଝରିଲୋ ସମେତ ଆଠୋଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ୍ ବାହାରଣା ଓ ବ୍ରହ୍ମାଣଝରିଲୋ ମଧ୍ୟରେ ଅନୁଷ୍ଠିତ ହେବା ସହ ବାହାରଣା ୪-୨ ଗୋଲରେ ବିଜୟୀ ହୋଇଥିଲା । ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଭେଦାର ମୁଖ୍ୟ ବଦ୍ରି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ମୁଖ୍ୟଅତିଥି ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ମଲ୍ଲିକ ମୁଖ୍ୟବକ୍ତା ଓ ପ୍ରାଚୀ ଗବେଷକ ବାବା ହଂସନାଥ ସାହୁ, ଅତୁଲ୍ୟ ଜେନା, ବ୍ୟାଙ୍କ ପରିଚାଳକ ସୁନୀଲ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ବିଜେତା ବାହାରଣା ଓ ଉପ ବିଜେତା ବ୍ରାହ୍ମଣ ଝରିଲୋ ଟିମକୁ ଚମ୍ପିୟାନ ଟ୍ରଫି ଓ ରନରଅପ ଟ୍ରଫି ସହିତ ଆର୍ଥିକ ରାଶି ଦେଇ ପୁରସ୍କୃତ କରିଥିଲେ । ପୂର୍ବାହ୍ନରେ ନିଆଳି ବ୍ଲକ ଆମ୍ବା ଅଧକ୍ଷ ଗଣେଶ୍ୱର ମିଶ୍ର, ଆନୁଷ୍ଠାନିକ ଭାବେ ମହୋତ୍ସବକୁ ଉଦଘାଟନ କରିଥିବା ବେଳେ ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି, ସରପଞ୍ଚ ସବିତା ନନ୍ଦ, ସେବା ସମବାୟ ସମିତି ସଭାପତି ପ୍ରଭାତ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଥିଲେ । ବିଷ୍ଣୁ ଚରଣ ଡ଼ାଲୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚକ୍ରଧର ରାଜ, ସ୍ୱାଧୀନ ମହାନ୍ତି, ବିଜ୍ଞାନ ଭୋଇ, ମାନଭଂଜନ ବେହେରା ଓ କୈଳାଶ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ବୁଗୁଡା,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ବ୍ଲକର ଜଣାଶୁଣା ସାମ୍ବାଦିକ ହରପ୍ରସାଦ ପାଢୀଙ୍କ ବଡ ଭଉଣୀ ସୌଭାଗିନୀ ପାଢୀ (୫୯)ଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି ।

ସେ କିଛି ମାସ ହେଲା ଶାରୀରିକ ଅସୁସ୍ଥତା ଅନୁଭବ କରିଆସୁଥିଲା ବେଳେ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ରୋଡସ୍ଥିତ ସ୍ୱବାସଭବନରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ପୂର୍ଣ୍ଣେନ୍ଦୁ ଶେଖର ପାଣିଗ୍ରାହୀ, ଦୁଇ ପୁଅ ଚନ୍ଦନ ଓ ଚର୍ଚ୍ଚିତ, ଭାଇ ହରପ୍ରସାଦ,ଭଉଣୀ ବିନୋଦିନୀ ଓ ମାଆଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ରହିଥିଲେ । ସେ ଜଣେ ପରୋପକାରୀ, ଧର୍ମପରାୟଣା ମହିଳା ଥିଲେ । ମୃତ୍ୟୁ ଖବର ଶୁଣି ସାହିବାସିନ୍ଦା ଅନ୍ତିମ ଦର୍ଶନ ପୂର୍ବକ ତାଙ୍କର ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

## ଶାରଳା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଅସ୍ତରଙ୍ଗ,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଶୁକ୍ରବାର ପୁରୀଜିଲ୍ଲା ଅସ୍ତରଙ୍ଗ ସ୍ଥିତ ନରେନ୍ଦ୍ର ଷ୍ଟାଡିୟମ ଠାରେ ୩୩ ତମ ରାଜ୍ୟସ୍ତରୀୟ ଶାରଳା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଯଦୁପୁର ସ୍ପୋର୍ଟିଂ ଭୁବନେଶ୍ୱର ଏବଂ ଆଦିତ୍ୟ ଇଲେଭେନ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ୍‌ରେ ପ୍ରଥମେ ଯଦୁପୁର ସ୍ପୋର୍ଟିଂ ଟସ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରୀତ ୨୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ୮ ଉଇକେଟ ହରାଇ ୧୭୫ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ବିକ୍ରମ ସାମଲ ବ୍ୟକ୍ତିଗତ ୩୮ଟି ବଲ ଖେଳି ୪୯ ରନ ସଂଗ୍ରହ କରିଥିଲେ । ଜବାବରେ ଆଦିତ୍ୟ ଇଲେଭେନ ୧୭୬ ରନର ବିଜୟ ଲକ୍ଷ ନେଇ ୧୮.୫ ଓଭରରେ ୬ ଉଇକେଟ ହରାଇ ୧୭୬ ରନ ସଂଗ୍ରହ କରି ଫାଇନାଲରେ ପ୍ରବେଶ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା । ଦଳ ପକ୍ଷରୁ ରାକେଶ ପାତ୍ର ୨୬ ବଲରେ ୪୪ ରନ କରି ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହେବା ସହିତ ସହିତ ୩୫୭୦ ଟଙ୍କା ପୁରସ୍କାର ପାଇଥିଲେ । ଏହି ମ୍ୟାଚ୍‌ରେ ଅତିଥି ଭାବେ ଅସ୍ତରଙ୍ଗ ଅଞ୍ଚଳର କଣ୍ଟ୍ରାକ୍ଟର ଅରୁଣ କୁମାର ବିଶ୍ୱାଳ, ଓଡିଶା କ୍ରିକେଟ ଆସୋସିଏସନର ସ୍ୱୀକୃତି ପ୍ରାପ୍ତ ଅମ୍ପେୟାର ଅୟେସକାନ୍ତ ମିଶ୍ର, ପୁରୀଜିଲ୍ଲା ପେଶାଦାର ସାମ୍ବାଦିକ ସଂଘ ଏବଂ କାକଟପୁର ପ୍ରେସ କ୍ଲବର ସାଧାରଣ ସମ୍ପାଦକ ଆଦିତ୍ୟ କୁମାର ରାଉତ, ସାମ୍ବାଦିକ ମଳୟ ବେହେରା, ଟୁଲୁ ବେହେରା, ନରେନ୍ଦ୍ର ଛାଟୋଇ, ସମାଜସେବୀ ଦେବାଶିଷ ବାରିକ, ସତ୍ୟବ୍ରତ ଲେଙ୍କା, ଶିକ୍ଷକ ପ୍ରଦୀପ୍ତ ତ୍ରିପାଠୀ, ଆୟୋଜକ କ୍ଲବର ସଭାପତି ଯୁଗଳ କିଶୋର ମହାନ୍ତି, ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା, ଉପଦେଷ୍ଟା ଦିବାକର ଛାଟୋଇ, ସହ-ସମ୍ପାଦକ ମନୋଜ ଛାଟୋଇ ପ୍ରମୁଖ ଯୋଗଦେଇଥିଲେ । ଉକ୍ତ ମ୍ୟାଚ୍‌କୁ ୨ ବରିଷ୍ଠ ଅମ୍ପେୟାର ବବୁଲ ସାହୁ ଏବଂ ଦିବ୍ୟଦର୍ଶୀ ଛାଟୋଇ ପରିଚାଳନା କରିଥିଲେ । ରାକେଶ ମହାନ୍ତି ଏବଂ ଦ୍ରୁପଦ ଭୋଳ ଧାରାବିବରଣୀ ପ୍ରଦାନ କରିଥିବାବେଳେ ସ୍କୋରର ଭାବେ ମିଥୁନ ବେହେରା ଓ ଶୁଭମ ବେହେରା ଦାୟିତ୍ୱ ନିର୍ବାହ କରିଥିଲେ । ଆୟୋଜକ କ୍ଲବର ମିଡ଼ିଆ ସେଲ ଅଧକ୍ଷ ପ୍ରକାଶ କୁମାର ନାୟକ ସହଯୋଗ କରିଥିଲେ । ଶେଷରେ ପରାଜୟ ସ୍ୱୀକାର କରିଥିବା ଯଦୁପୁର ସ୍ପୋର୍ଟିଂକୁ ପ୍ରତିଷ୍ଠାତା ନଟକିଶୋର ମହାନ୍ତି ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ ।

## ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା

**ଯାଜପୁର,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଫେବ୍ରୁଆରୀ ୩ରେ ଯାଜପୁର ମା' ବିରଜା ମନ୍ଦିର ଦର୍ଶନ ଏବଂ ନାଭିଗୟାରେ ପିଣ୍ଡଦାନ ପାଇଁ ଆସୁଛନ୍ତି । ରାଷ୍ଟ୍ରପତି ଏବଂ ଭିଭିଆଇପିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି । ଏହି କ୍ରମରେ ଫେବ୍ରୁଆରୀ ୩ ତାରିଖ ଦିନ ଯାଜପୁରର ବିଭିନ୍ନ ମାର୍ଗରେ ଯାନବାହାନ ଚଳାଚଳ ଉପରେ ନିଷେଧାଦେଶ ଜାରି କରାଯାଇଛି । ବିଞ୍ଝାରପୁର ଆଡୁ ଯେଉଁ ଯାନବାହନ ଗୁଡିକ କଟକ ଯିବେ ସେହି ଗାଡ଼ି ସବୁ ରସିକ ଛକରୁ ଅଳକୁଣ୍ଡ, ପ୍ରୀତିପୁର ଭାୟା ରାମବାଗ ଛକରେ ବାହାରି ରିଙ୍ଗ ରୋଡ ଓ ମାନସାପୋଲ ରାସ୍ତା ଦେଇ କୁଆଖିଆ ଓ ସଠିପୁର ଯିବେ । ୨ ଚକିଆ, ୩ ଚକିଆ ଯାନ ମଙ୍ଗଳା ମନ୍ଦିର ଜାଉଁଳି ବନ୍ଧ ଠାରୁ ପ୍ରହରାଜପୁର ଦେଇ ସିନ୍ଦୁରାଇମୁହଁରେ ନଦୀବନ୍ଧ ରାସ୍ତାକୁ ପହଞ୍ଚିବେ । ସେହିପରି କଟକରୁ ଆସୁଥିବା ଯାନବାହାନ ରିଙ୍ଗ ରୋଡ ଦେଇ ରାମବାଗ ଛକରୁ ପ୍ରୀତିପୁର ଅଳକୁଣ୍ଡ ଦେଇ ବିଞ୍ଝାରପୁର ଯିବେ । ଦୁଇ ଚକିଆ, ତିନି ଚକିଆ ଯାନ ସିନ୍ଦୁରାଇମୁହଁ ମଙ୍ଗଳା ମନ୍ଦିରଠାରୁ ପ୍ରହରାଜପୁର ଦେଇ ମଙ୍ଗଳା ମନ୍ଦିରରେ ପହଞ୍ଚିବେ । ସଠିପୁରରୁ ଆସୁଥିବା ଯେଉଁ ଯାନବାହାନ ବିଞ୍ଝାରପୁର ଯିବେ ସେମାନେ ଡକ୍ ଛକ କିଲ୍ଲା ଛକ, ରିଙ୍ଗ ରୋଡ ଦେଇ ରାମବାଗ ଛକରୁ ପ୍ରୀତିପୁର ଅଳକୁଣ୍ଡ ଦେଇ ବିଞ୍ଝାରପୁର ଯିବେ । ଗରିଆପୁର ଛକରୁ କୌଣସି ଯାନବାହାନ ଯୋଡ଼ିକୂଅ ପଟକୁ ଛଡାଯିବ ନାହିଁ । ମହାବୀର ଛକରୁ ଟିଭିଏସ୍ ଛକ ଦେଇ କୌଣସି ଯାନବାହାନ ଯୋଡ଼ିକୂଅ ପଟକୁ ଛଡାଯିବ ନାହିଁ । ମହିଳା କଲେଜ ଛକରୁ କୌଣସି ଯାନବାହାନ କୁସୁମା ପଟକୁ ଛଡାଯିବ ନାହିଁ । ମଙ୍ଗଳ ମନ୍ଦିର ଛକରେ ସମସ୍ତ ଗାଡ଼ିକୁ ଅଟକାଇ ଦିଆଯିବ । ବିରଜା ହାଇସ୍କୁଲ ଛକରୁ କୌଣସି ଯାନବାହାନ ମନ୍ଦିର ପଟକୁ ଛଡାଯିବ ନାହିଁ । ସେହିଭଳି ଯୋଡ଼ିକୂଅ ଛକରୁ ବିରଜା ମନ୍ଦିର ପର୍ଯ୍ୟନ୍ତ ଯେତେ ସବୁ ଗଳି ରାସ୍ତା ଅଛି ସେସବୁ ଗଳିରୁ କୌଣସି ଯାନବାହାନ ମୁଖ୍ୟ ରାସ୍ତାକୁ ବାହାରିବେ ନାହିଁ । ସେମାନେ ସାହିର ଅନ୍ୟ ରାସ୍ତା ବ୍ୟବହାର କରିବେ । ବୈଦ୍ୟରାଜପୁର ପୋଲ ଛକରୁ କୌଣସି ଯାନବାହାନ ଅଠରନଳା ଛକକୁ ଛଡାଯିବ ନାହିଁ । ଜନସାଧାରଣଙ୍କ ଅବଗତି ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ଏହି ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦିଆଯାଇଛି ।

## 'ଅନ୍‌ଲାଇନ୍‌ରେ ଛାତ୍ରଛାତ୍ରୀ ମାନସିକ ଉତ୍ପୀଡ଼ନର ଶିକାର ହୁଅନ୍ତି'

**ପଟ୍ଟାମୁଣ୍ଡାଇ,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ତତ୍ତ୍ୱାବଧାନ ଓ ପ୍ରାଧ୍ୟାପକ ସର୍ବେଶ୍ୱର ସାହୁଙ୍କ ପୌରହିତ୍ୟରେ ପ୍ରାଣୀବିଜ୍ଞାନ କକ୍ଷରେ ଆୟୋଜିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ପ୍ରଫେସର ଭାସ୍ୱତୀ ପଟ୍ଟନାୟକ ମାର୍ଗଦର୍ଶକ ଭାବେ ଯୋଗ ଦେଇ 'ଛାତ୍ରୀଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଓ ସୁଯୋଗ' ଶୀର୍ଷକ ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସେ କହିଥିଲେ ଶୈକ୍ଷିକ ବାତାବରଣ ଜାରି ରଖିବାର ସବୁବର୍ଗର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିବାର ଲକ୍ଷଣ ଦେଖାଯାଏ । ଆଜିକାଲି ପିଲା, ଅଳ୍ପବୟସ୍କ ପ୍ରଚଣ୍ଡ ପାଠପଢ଼ା ଚାପର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କୁ ନେଇ ବାପା, ମା'ଙ୍କ ମହତ୍ୱାକାଂକ୍ଷା ମାନସିକ ଚାପର ଆଉ ଏକ କାରଣ । ସେମାନଙ୍କ ବ୍ୟକ୍ତିଗତ ଜୀବନର ସମସ୍ୟା ବି ରହିଛି । ଏସବୁକୁ ନେଇ ସେମାନେ ନିଜ ଭିତରେ ନିଜେ ସଂଘର୍ଷର ସମ୍ମୁଖୀନ ହେଉଥିବା ବେଳେ ପାଠପଢ଼ା ଚାପ ବ୍ୟଥିତ କରୁଛି । ଆଉ ଏକ ବଡ଼ ସମସ୍ୟା ଅନ୍‌ଲାଇନ୍ । ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍ ଜରିଆରେ ଅନେକେ ଶାରୀରିକ ତଥା ମାନସିକ ଉତ୍ପୀଡ଼ନର ଶିକାର ହେଉଛନ୍ତି । ଅପରପକ୍ଷରେ, ବ୍ୟକ୍ତିଗତ ଜୀବନ ସଂଘର୍ଷ ମଧ୍ୟରେ ସମ୍ପର୍କଜନିତ ସମସ୍ୟା, ଆର୍ଥିକ ଅଭାବ ଅନଟନ ଅଥବା ପାରିବାରିକ ବିବାଦ ଇତ୍ୟାଦି ବିଦ୍ୟାର୍ଥୀ ଜୀବନକୁ ଅତିରିକ୍ତ ତିକ୍ତ କରିଦେଉଛି । ଯଦି ଏହାକୁ ପ୍ରତିହତ କରିବା ତାହାହେଲେ ପ୍ରତ୍ୟେକ ବିଦ୍ୟାଳୟ ଓ କଲେଜରେ ଧନ୍ଦାମୂଳକ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯିବା ସହିତ ସେମାନଙ୍କ ଉପରୁ ପାଠ୍ୟପୁସ୍ତକ ବୋଝ ସହିତ ପରୀକ୍ଷା ଚାପ କମାଇବା ପାଇଁ ପଦକ୍ଷେପ ନିଆଯିବା ନିତାନ୍ତ ଆବଶ୍ୟକ । ପିତାମାତା, ଅଭିଭାବକ ସେମାନଙ୍କ ପିଲାଙ୍କୁ ଭାବନାତ୍ମକ ସହାୟତା କିପରି କରିପାରିବେ ସେ ଦିଗରେ ଶିକ୍ଷିତ କରିବା ବ୍ୟବସ୍ଥା ସରକାରଙ୍କ ଜରିଆରେ ହେଲେ ଭଲ । ବିଦ୍ୟାଳୟ ମହାବିଦ୍ୟାଳୟ ପରିସରରେ ଶାରୀରିକ ତଥା ମାନସିକ ଉତ୍ପୀଡ଼ନ ନିଷେଧ ନିୟମକୁ କଡ଼ାକଡ଼ି ଲାଗୁ ଉପରେ ଜୋର ଦିଆଯିବା ଜରୁରି । ଏଥିସହିତ ସହାୟକ ଗୋଷ୍ଠୀ ରହିବେ, ଯେଉଁମାନେ ପିଲାଙ୍କୁ ନିରାପଦ ପରିବେଶ ଯୋଗାଇଦେବାରେ ସାହାଯ୍ୟ କରିବେ । ଯେଉଁ ଛାତ୍ରୀଛାତ୍ରଙ୍କର ଆର୍ଥିକ ସମସ୍ୟା ରହିଛି ସେମାନଙ୍କୁ ଆର୍ଥିକ ସହାୟତା, ମେଧାବୃତୀ ପ୍ରଦାନ କରି ଏହି ସମସ୍ୟା ସରକାର ଦୂର କଲେ ଛାତ୍ରୀଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ହେବ ବୋଲି ସେ କହିଥିଲେ । ପଟ୍ଟାମୁଣ୍ଡାଇ କଲେଜ ଆଇକ୍ୟୁଏସି ପୂର୍ବତନ ସଂଯୋଜକ ପ୍ରାଧ୍ୟାପକ ଡ଼ ସୁନୀଲ ପ୍ରଧାନ ମାନସିକ ସ୍ୱାସ୍ଥ୍ୟ ଉପରେ ସାରଗର୍ଭକ ଆଲୋଚନା କରିଥିଲେ । ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ଅଧାପିକା ସରୋଜିନୀ ମିଶ୍ର ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଅଧାପକ ରାସେଶ ଦାସ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଲାବୋରେଟୋରୀ ଆଟେଣ୍ଡାଣ୍ଟ ଓ ଛାତ୍ରୀଛାତ୍ରମାନେ ପରିଚାଳନା କରିଥିଲେ ।

## ବରୁଆଁ ପାକ୍ସରେ ଧାନ ମଣ୍ଡି



**ଯାଜପୁର,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ବ୍ଲକ ମହେଶ୍ୱରପୁର, ଉପରବରୁଆଁ ଜମଧର ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବରୁଆଁ ପାକ୍ସ ପକ୍ଷରୁ ଚଳିତ ବର୍ଷର ଧାନ ମଣ୍ଡି ଶୁକ୍ରବାର ଖୋଲା ଯାଇଛି । ବରୁଆଁ କୃଷି ସେବା ସମବାୟ ସମିତି ସଭାପତି ବ୍ରଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଉଦଘାଟନୀ ଉତ୍ସବରେ ସରପଞ୍ଚ ସୁଜିତ ରାୟ, ବାଦଲ ଖୁଣ୍ଟିଆ, ବରୁଆଁ ସରପଞ୍ଚଙ୍କ ପ୍ରତିନିଧି ସେକ୍ ଗୋଲାମ ଅଲ୍ଲୀ, କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ବିଜୟ କୁମାର ଦଳାଇ ପ୍ରମୁଖ ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇଥିଲା । ମଣ୍ଡିରେ ଚାଷୀ ଆର୍ତ୍ତତ୍ରାଣ ବଳ, ସୂର୍ଯ୍ୟମଣୀ ଜେନା, ନାରାୟଣ ରାଉତ, ପ୍ରଦୀପ ସେନାପତି, ପୂର୍ଣ୍ଣଚନ୍ଦ୍ର ଦଳାଇ, ଭାସ୍କର ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ନୋଡାଲ ଅଫିସର ଅମରେନ୍ଦ୍ର ସାହୁ, ସମ୍ପାଦକ ରାଜକିଶୋର ଦାସ ଉପସ୍ଥିତ ଥିଲେ ।

# ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 1st February, 2026 Sunday | RNI Regd. No. ODIODI/2009/28880


## ବନ୍ଦ-ବନ୍ଦ ଆଉ ବନ୍ଦ

ବନ୍ଦକୁ ନେଇ ବ୍ୟତିବ୍ୟସ୍ତ ଜଣେ ବ୍ୟକ୍ତି ମନକୁ ମନ କହୁଥାନ୍ତି- କେବେ ଓଡ଼ିଶା ବନ୍ଦ ତ କେବେ ଭାରତ ବନ୍ଦ। ପୁଣି କେବେ ଦୋକାନ ବନ୍ଦ। ଆଉ କେବେ ଅଫିସ୍ ବନ୍ଦ। ଗାଡ଼ି ମୋଟର ବନ୍ଦ। ଚକ ବନ୍ଦ, ଅଖ ବନ୍ଦ। ଷ୍ଟେସନ୍ ବନ୍ଦ, ଦୋକାନ ବନ୍ଦ। ଯଦି ହିମ୍ମତ ଅଛି ତା’ହେଲେ ସ୍ତୀର ମୁହଁ ବନ୍ଦ କରି ଦେଖାଅ ଜାଣିବା ତମର ଦମ୍ ଅଛି।

ହେଲ୍‌ଥ



ଟନିକ୍

## ମହଙ୍ଗା ହେବ ସିଗାରେଟ୍-ପାନ ମସଲା: ବଢ଼ିବ ଏକ୍ସାଇଜ ଡ୍ୟୁଟି !



ନୂଆଦିଲ୍ଲୀ,୩୧।୧: ଏକ୍ସପ୍ରେସ୍ ନ୍ୟୁଜ୍

ଆସନ୍ତା କାଲି ଆଗତ ହେବ ବଜେଟ୍୨୦୨୬-୨୭। ବଜେଟରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ରବିବାରଠାରୁ ସିଗାରେଟ୍, ତମାଖୁ ଉତ୍ପାଦ ଏବଂ ପାନ ମସଲା ଉପରେ ଏକ ନୂତନ ଟିକସ ବ୍ୟବସ୍ଥା କାର୍ଯ୍ୟକାରୀ କରିବେ, ଯାହାର ଲକ୍ଷ୍ୟ ଏହି ଉତ୍ପାଦଗୁଡ଼ିକ ଉପରେ କଠୋର ନିୟନ୍ତ୍ରଣ ରଖିବା ଏବଂ ଏହି ‘ସିନ୍ ଗୁଡସ୍’ ବା ‘ପାପ ଉତ୍ପାଦ’ ଉପରେ ଅଧିକ ଟିକସ ସ୍ତର ବଜାୟ ରଖିବା, ଯାହାକୁ ସାଧାରଣତଃ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି କୁହାଯାଏ। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ପରେ, ଏବେ ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦ ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ କରାଯିବ। ପାନ ମସଲା ଉପରେ ଏକ ନୂତନ ହେଲଥ୍ ସେସ୍ ଏବଂ ନ୍ୟାସନାଲ ସିକ୍ୟୁରିଟି ସେସ୍ ମଧ୍ୟ ଲାଗୁ କରାଯିବ।

ଏହି ନୂତନ ଟିକସ ବ୍ୟବସ୍ଥା ପୁରୁଣା ବ୍ୟବସ୍ଥାକୁ ବଦଳାଇବ, ଯେଉଁଥିରେ ଏହି ଉତ୍ପାଦଗୁଡ଼ିକ ଉପରେ ୨୮ ପ୍ରତିଶତ ଜିଏସଟି ଏବଂ କ୍ଷତିପୂରଣ ସେସ୍ ଲାଗୁ କରାଯାଉଥିଲା। ଏହି କ୍ଷତିପୂରଣ ସେସ୍ ଜୁଲାଇ ୨୦୨୭ରେ ଜିଏସଟି ଲାଗୁ ହେବା ପରଠାରୁ ଲାଗୁ ହୋଇଥିଲା। ସରକାର କିଛି ତମାଖୁ ଉତ୍ପାଦ, ଯେପରିକି ଚୋବାଇବା ତମାଖୁ, ଫିଲ୍ଟର ଖୈନି, ଜର୍ଦ୍ଦା ଏବଂ ଗୁଟଖା ପାଇଁ ଏକ ଏମ୍‌ଆରପି ଆଧାରିତ ମୂଲ୍ୟ ବ୍ୟବସ୍ଥା ମଧ୍ୟ ପ୍ରଚଳନ କରୁଛନ୍ତି, ଯେଉଁଠାରେ ଜିଏସଟି ଏବେ କାରଖାନା ମୂଲ୍ୟ ପରିବର୍ତ୍ତେ ପ୍ୟାକେଜରେ ମୁଦ୍ରିତ ଖୁଚୁରା ମୂଲ୍ୟ (ଏମ୍‌ଆରପି) ଆଧାରରେ ଗଣନା କରାଯିବ।

ସରକାର ଆଶା କରୁଛନ୍ତି ଯେ ଏହି ପଦକ୍ଷେପ ଟିକସ ଫାଙ୍କି ହ୍ରାସ କରିବ ଏବଂ ରାଜସ୍ୱ ବୃଦ୍ଧି କରିବ। ୧ ଫେବୃଆରୀରୁ, ପାନ ମସଲା ଉତ୍ପାଦନକାରୀ କମ୍ପାନୀଗୁଡ଼ିକୁ ନୂତନ ସ୍ୱାସ୍ଥ୍ୟ ଏବଂ ଜାତୀୟ ସୁରକ୍ଷା ସେସ୍ ଆଇନ ଅନୁଯାୟୀ ପୁନଃପଞ୍ଜୀକରଣ କରିବାକୁ ପଡିବ। ଏହି କମ୍ପାନୀଗୁଡ଼ିକୁ ସେମାନଙ୍କର କାରଖାନାରେ ସମସ୍ତ ପ୍ୟାକେଜିଂ ମେସିନ୍‌କୁ କଭର କରୁଥିବା ସିସି ଟିଭି କ୍ୟାମେରା ଇନଷ୍ଟଲ କରିବାକୁ ପଡିବ। ଏହି କ୍ୟାମେରାଗୁଡ଼ିକରୁ ରେକର୍ଡିଂଗୁଡ଼ିକୁ ଅତି କମରେ ଦୁଇ ବର୍ଷ ପାଇଁ ଷ୍ଟୋର ରଖିବାକୁ ପଡିବ। କମ୍ପାନୀଗୁଡ଼ିକୁ ସେମାନଙ୍କର କାରଖାନାରେ ସ୍ଥାପିତ ମେସିନ୍ ସଂଖ୍ୟା ଏବଂ ସେମାନଙ୍କର ଉତ୍ପାଦନ କ୍ଷମତା ବିଷୟରେ ସୂଚନା ଏକ୍ସାଇଜ୍ ଅଧିକାରୀମାନଙ୍କୁ ପ୍ରଦାନ କରିବାକୁ ପଡିବ। ଯଦି କୌଣସି ମେସିନ୍ କ୍ରମାଗତ ୧୫ ଦିନ ପାଇଁ କାର୍ଯ୍ୟରୁ ବାହାରେ ଥାଏ, ତେବେ ସେମାନେ ସେହି ସମୟ ପାଇଁ ଉତ୍ପାଦ ଶୁଳ୍କରୁ ଛାଡ଼ ପାଇବାକୁ ଯୋଗ୍ୟ ହେବେ।

## ଶେଷ ଟି-୨୦ରେ ନ୍ୟୁଜିଲାଣ୍ଡକୁ ୪୬ ରନରେ ହରାଇ ସିରିଜକୁ ୪-୧ ଜିତିଲା ଭାରତ



ତିରୁଅନନ୍ତପୁର,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍

ନ୍ୟୁଜିଲାଣ୍ଡକୁ ଭାରତ ଟି୨୦ ଶୃଙ୍ଖଳାର ପଞ୍ଚମ ତଥା ଶେଷ ମୁକାବିଲାରେ ୪୬ ରନ୍‌ରେ ପରାସ୍ତ କରିଛି। ଏଥି ସହିତ ଭାରତ ଚଳିତ ଶୃଙ୍ଖଳାକୁ ୪-୧ରେ ବିଜୟ ହାସଲ କରିଛି। ତିରୁଅନନ୍ତପୁରମସ୍ଥିତ ଗ୍ରିନଫିଲ୍ଡ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ୧୯.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୨୨୫ ରନ୍ କରିପାରିଛି। ଭାରତ ପକ୍ଷରୁ ଯୁବ ବୋଲର ଅର୍ଶଦୀପ ସିଂହ ସର୍ବାଧିକ ୫ଟି ୱିକେଟ୍ ଅକ୍ତିଆର କରିଛନ୍ତି।

ଭାରତ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଈଶାନ କିଶନଙ୍କ ଶତକ ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଅର୍ଦ୍ଧଶତକ ବଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୭୧ ରନ୍ ସଂଗ୍ରହ କରିଥିଲା। ଫଳରେ ନ୍ୟୁଜିଲାଣ୍ଡକୁ ଏହି ମ୍ୟାଚ୍ ଜିତିବା ପାଇଁ ୨୭୨ ରନର ଲକ୍ଷ୍ୟ ମିଳିଥିଲା।

ଟି-୨୦ ଅନ୍ତର୍ଜାତୀୟରେ ଈଶାନ କିଶନଙ୍କ ପ୍ରଥମ ଶତକ ଏବଂ ଅର୍ଶଦୀପ ସିଂହଙ୍କ ପ୍ରଥମ ୫ ୱିକେଟ୍ ସଫଳତା ବଳରେ ଭାରତ ଶନିବାର ନ୍ୟୁଜିଲାଣ୍ଡକୁ ୪୬ ରନ୍‌ରେ ପରାସ୍ତ କରି ୫ ମ୍ୟାଚ୍ ଟି-୨୦ ଶୃଙ୍ଖଳାକୁ ୪-୧ରେ ଜିତି ନେଇଛି। ଏଥି ସହିତ ବିଶ୍ୱକପ୍ ଆରମ୍ଭର ସପ୍ତାହକ ପୂର୍ବରୁ ଆତ୍ମବିଶ୍ୱାସକୁ ଉଚ୍ଚରେ ରଖିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପଞ୍ଚମ ଓଭର ଭିତରେ ସଂଜୁ ସାମ୍‌ସନ୍ (୬) ଓ ଅଭିଷେକ ଶର୍ମା (୧୬ ବଲରୁ ୩୦ ରନ୍)ଙ୍କୁ ହରାଇଥିଲା। କିନ୍ତୁ ପୁଣି ଚୂଡ଼ାନ୍ତ ଏକାଦଶକୁ ଫେରିଥିବା ଈଶାନ କିଶନ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହ ମିଶି ମାତ୍ର ୯.୩ ଓଭରରେ ୧୩୭ ରନ୍ ଯୋଡିଥିଲେ। ଈଶାନ ୨୮ ବଲ୍ରୁ ଏବଂ ସୂର୍ଯ୍ୟ ମାତ୍ର ୨୬ ବଲ୍ରୁ ଅର୍ଦ୍ଧଶତକ ପୂର୍ଣ୍ଣ କରିଥିଲେ। ଈଶ ସୋଢ଼ୀଙ୍କ ଗୋଟିଏ ଓଭରର ସମସ୍ତ ବଲକୁ ସୀମା ରେଖା ସେପାଖକୁ ପଠାଇ ଈଶାନ ୨୯ ରନ୍ (୧ୱାଇଡ୍, ୪,୪,୪,୬,୪,୬) ଆଦାୟ କରିଥିଲେ। ଶେଷକୁ ଈଶାନ ମାତ୍ର ୪୨ ବଲରୁ ଶତକ ପୂର୍ଣ୍ଣ କରି ତ୍ରିଭେନ୍ଦ୍ରମ ଦର୍ଶକଙ୍କୁ ବିମୋହିତ କରି ଦେଇଥିଲେ। ଭ୍ରମଣକାରୀ ଅଧିନାୟକ ମିଚେଲ୍ ସାଣ୍ଟନର୍‌ଙ୍କୁ ଲଗାତାର ଛକା ମାରି ଶତକ ପୂର୍ଣ୍ଣ କରିବା ମଧ୍ୟ ନିଆରା ମାହୋଲ ଆଣି ଦେଇଥିଲା। ଈଶାନଙ୍କ ଏହି ୪୩ ବଲ୍ ୧୦୩ ରନ୍ ପାଳିରେ ୧୦ ଛକା ଓ ୬ ଚୌକା ସାମିଲ ଥିଲା। ସୂର୍ଯ୍ୟ ୩୭ ବଲ୍ରୁ ୬୩ ରନ୍ ଏବଂ ହାର୍ଦ୍ଦିକ ୩୦ ବଲରୁ ୪୩ ରନ୍ ସଂଗ୍ରହ କରିବାରୁ ଭାରତ ୨୭୧ ରନ୍‌ରେ ପହଞ୍ଚିଯାଇଥିଲା। ନବମ ଓଭର ସୁଦ୍ଧା ଭାରତ ୮୨/୨ରେ ଥିଲେ ମଧ୍ୟ ଶେଷ ୧୧ ଓଭରରୁ ୧୮୯ ରନ୍ ଯୋଡିଥିଲା ଏହି ତିନିଙ୍କ ଭୟଙ୍କର ବ୍ୟାଟିଂ କାରଣରୁ। ଭାରତ ପାଳିରେ ୨୩ ଛକା ମଧ୍ୟ ଘରୋଇ ଦଳ ପାଇଁ ଯୁଗ୍ମ ସର୍ବାଧିକ ହୋଇଥିଲା। ପାଳିର ୨୭୧ ରନ୍ କିନ୍ତୁ ଭାରତ ପାଇଁ ତୃତୀୟ ସର୍ବୋଚ୍ଚ ଟି-୨୦ ସ୍କୋର୍ ହୋଇଥିଲା।

ଜବାବରେ ନ୍ୟୁଜିଲାଣ୍ଡ୍ ମଧ୍ୟ ଧମାକାଦାର ଆରମ୍ଭ କରିଥିଲା। ନିଜ ପ୍ରଥମ ୨ ଓଭରରେ ୪୦ ରନ୍ ବ୍ୟୟ କରିଥିବା ଅର୍ଶଦୀପ ସିଂହ ତୃତୀୟ ଓଭରରେ ମାତ୍ର ଗୋଟିଏ ରନ୍ ଦେଇ ୨ ୱିକେଟ୍ ବାହାର କରିବା ମ୍ୟାଚ୍‌ରେ ମୋଡ ଆଣିଥିଲା। ଅକ୍ଷର ପଟେଲ୍ ବି କ୍ରମାଗତ ଓଭରରେ ୨ ୱିକେଟ୍ ବାହାର କରିବା ନିର୍ଣ୍ଣାୟକ ହୋଇଥିଲା। ଆଲେନ୍ ମାତ୍ର ୩୮ ବଲରୁ ୮୦ ରନ୍ କରିଥିବା ବେଳେ ଅକ୍ଷର ପଟେଲ ତାଙ୍କୁ ପ୍ୟାଭିଲିଅନ୍ ପଠାଇବା ପରେ ଭାରତ ଆସ୍ତେ ଆସ୍ତେ ମ୍ୟାଚକୁ ନିୟନ୍ତ୍ରଣକୁ ନେଇଥିଲା। ଅର୍ଶଦୀପ ତାଙ୍କ ଶେଷ ଓଭରରେ ୨ ୱିକେଟ୍ ଅକ୍ତିଆର କରି ପ୍ରଥମ ଥର ପାଇଁ ଟି-୨୦ ଅନ୍ତର୍ଜାତୀୟରେ ୫ ୱିକେଟ୍ ସଫଳତା ପାଇଥିଲେ। ପାୱାର ପ୍ଲେ’ ଭିତରେ ୫୦ ୱିକେଟ୍ ନେବାରେ ସେ ମଧ୍ୟ ହୋଇଥିଲେ ପ୍ରଥମ ଭାରତୀୟ। ଅଭିଜ୍ଞ ଯଶପ୍ରୀତ୍ ବୁମ୍ରା ତାଙ୍କ ୪ ଓଭରରେ ୫୮ ରନ୍ ବ୍ୟୟ କରି ୱିକେଟ୍ ନ ପାଇବା ଏକମାତ୍ର ନିରାଶା ଆଣିଥିଲା।

ସଂକ୍ଷିପ୍ତ ସ୍କୋର: ଭାରତ ୨୦ ଓଭରରେ-୨୭୧/୫ (ଈଶାନ କିଶନ ୧୦୩, ସୂର୍ଯ୍ୟକୁମାର ଯାଦବ ୬୩, ହାର୍ଦ୍ଦିକ ପାଣ୍ଡ୍ୟା ୪୨, ଅଭିଷେକ ଶର୍ମା ୩୦, ଲୋକି ଫର୍ଗୁସନ୍-୨/୪୧)। ନ୍ୟୁଜିଲାଣ୍ଡ୍ ୧୯.୪ ଓଭରରେ ୨୨୫/୧୦ (ଫିନ୍ ଆଲେନ୍ ୮୦, ଈଶ ସୋଢ଼ୀ ୩୩, ରାଚିନ ରବୀନ୍ଦ୍ର ୩୦, ଡାରିଲ୍ ମିଚେଲ୍ ୨୬, ଅର୍ଶଦୀପ ସିଂହ-୫/୫୧, ଅକ୍ଷର ପଟେଲ୍-୩/୩୩, ରିଙ୍କୁ ସିଂହ-୧/୭, ବରୁଣ ଚକ୍ରବର୍ତ୍ତୀ-୧/୩୬)।

## କେନ୍ଦ୍ରାପଡ଼ାରେ ବିପର୍ଯ୍ୟୟ ମୁହାଁ ଗ୍ରାମ୍ୟ ସଂସ୍କୃତି

କେନ୍ଦ୍ରାପଡ଼ା,୩୧।୧: ଏକ୍ସପ୍ରେସ୍ ନ୍ୟୁଜ୍

ଗ୍ରାମ୍ୟ ସଂସ୍କୃତି ଓ ପରମ୍ପରାର ମୂଳ କଥା ହେଲା ଭାଇଚାରା । ପୀଢ଼ିପୀଢ଼ି ଧରି ଭାଇଚାରାକୁ ନେଇ ଲୋକେ ଗର୍ବ କରୁଥିଲେ । ଅନ୍ୟର ଦୁଃଖ ଓ ସୁଖରେ ଗାଁଟା ଯାକର ଲୋକେ ସାମିଲ ହେବା, ମିଳିମିଶି ଗାଁରେ ପୂଜା ପାର୍ବଣ ଓ ଯାନିଯାତ୍ରା ପାଳିବା, ଗୋଚର, ଅନାବାଦୀ, ମଶାଣୀ ଓ ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା କରିବା, ବୃକ୍ଷରୋପଣ କରିବା ଏବଂ ରାସ୍ତାଘାଟ, କୂଅପୋଖରୀ, ସ୍କୁଲଘର ଆଦି କରାଇବାରେ ସମସ୍ତେ ଆନନ୍ଦ ପାଉଥିଲେ । ଗାଁ ର ଭାଇଚାରା ପାଇଁ କେହି ବି କୌଣସି ପରିସ୍ଥିତିରେ ନିଜକୁ ଅସହାୟ ମନେକରୁନଥିଲେ । ଅଭାବ ଅନାଟନ ତଥା ଯାବତୀୟ ସମସ୍ୟା ଥାଇ ବି ମାନସିକ ଅବସାଦ କୌଣସି ଲୋକଙ୍କୁ ଗ୍ରାସ କରିପାରୁନଥିଲା । ଏଥିପାଇଁ ହୃଦଘାତ, ପକ୍ଷାଘାତ, ଉଚ୍ଚରକ୍ତଚାପ, ମଧୁମେହ, କର୍କଟ ଭଳି ଦୂରାରୋଗ ଗାଁ ମାଟିରେ କାୟା ବିସ୍ତାର କରିପାରୁନଥିଲା । ହେଲେ ଆଜି ଗ୍ରାମ୍ୟ ଜୀବନରେ ବଢୁଛି ମାନସିକ ଅବସାଦ ଓ ରୋଗବ୍ୟାଧି । ଅଭାବୀ କାରଣରୁ ଏବଂ ସ୍ୱାସ୍ଥ୍ୟ ସଚେତନତାର ଅଭାବରୁ ଅନେକ ଅକାଳରେ ଝଡ଼ି ପଡୁଛନ୍ତି । ଗାଁରେ ପୂର୍ବ ପରି ଦାଣ୍ଡ ପିଣ୍ଡାରେ ବସୁଥିବା ଚାରିମୁଣ୍ଡିଆ(୮୦ରୁ ୯୦ବର୍ଷ ବୟସର ବୃଦ୍ଧ)ଙ୍କୁ ଆଉ ଦେଖିବାକୁ ମିଳୁନାହିଁ । ସମୟ ବଦଳିବା ସହ ଗ୍ରାମ୍ୟ ଜୀବନରେ ସେହି ସରଳତା,ଖୁସି ଆଉ ପ୍ରାୟତଃ ନାହିଁ । ସରକାର ଗ୍ରାମର ସାମଗ୍ରୀକ ବିକାଶ ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି ଓ ଦାରିଦ୍ର୍ୟ ଦୂରୀକରଣ ସକାଶେ ନିରନ୍ତର ଉଦ୍ୟମ କରୁଛନ୍ତି । ଅବଶ୍ୟ ଏଥିରେ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଦେଖାଦେଇଛି । କିନ୍ତୁ ଜାତିର ପିତା ମହାତ୍ମା ଗାନ୍ଧୀ ଯେଉଁ ଗାଁକୁ ଦେଖି ଦିନେ କହିଥିଲେ ଭାରତର ଆତ୍ମା ଗାଁରେ ଅଛି, ହେଲେ ସେହି ଗାଁ ଆଉ ଦେଶର ଆତ୍ମା ଅଛି ତ ବୋଲି ପ୍ରଶ୍ନ ଉଠିଲାଣି । ଶିକ୍ଷାବିତ୍ ଡ଼. ରଂଜନ କୁମାର ମହାନ୍ତି, ଆଇନଜୀବି ବିଭୂତି ଭୂଷଣ ଦାସ ଓ ସମାଜସେବୀ ନରୋତ୍ତମ ଦାସ ଙ୍କ କହିବା କଥାଯେ, ଗ୍ରାମ୍ୟ ଜୀବନରେ ଅଶାନ୍ତି ବଢ଼ି ଚାଲିଛି । ବ୍ୟକ୍ତି କେନ୍ଦ୍ରିକ ଓ ଗୋଷ୍ଠୀ କେନ୍ଦ୍ରିକ ହୋଇପଡ଼ିଛି ଗ୍ରାମ୍ୟ ଜୀବନ । ଯେଉଁ ଗାଁ ର ଯୁବକ ମାନେ ଏକଦା ଗୁରୁଜନମାନଙ୍କୁ ଦେଖିଲେ ବାଟ ଭାଙ୍ଗି ଯାଉଥିଲେ, ସାଦା ପାନ ଖଣ୍ଡେ ଖାଇବାକୁ ସାହାସ କରୁନଥିଲେ ସେହି ଗାଁରେ ଅନେକ ସର୍ବସମ୍ମୁଖରେ ମଦ ପିଉଛନ୍ତି । କେହି ଆଉ କାହାକୁ ଶୁଣିବାକୁ ପ୍ରସ୍ତୁତ ନୁହଁନ୍ତି । ଗାଁ ସଭାରେ ବୋମା ପଡୁଛି,ଗୁଳି ଫୁଟୁଛି । ନିଜର ଜିଦ୍ ଅଂହକାରକୁ ଜାହିର କରିବାକୁ ଯାବତୀୟ କାଣ୍ଡ ଭିଆଉଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ, ଜଣେ ଅନ୍ୟ ଜଣଙ୍କ ସୁଖ ଦୁଃଖରେ ନିଜକୁ ସାମିଲ କଲେ ଆକ୍ରୋଶ ର ଶିକାର ହେବାକୁ ପଡୁଛି । ନିଜର ଜୀବନ ଧାରଣକୁ ସରସ ସୁନ୍ଦର କରିବାକୁ ଯେଉଁ ମଣିଷ ଦିନେ ସଂଘବଦ୍ଧ ଜୀବନଯାପନ କରିବାକୁ ପସନ୍ଦ କରୁଥିଲେ ସେହି ମଣିଷଙ୍କ ଉତ୍ତରଦାୟାଦ ମାନେ ଗାଁ ଛାଡ଼ି ଦୂରଦୂରାନ୍ତରେ ଏକାକୀ ରହିବାକୁ ଉଚିତ ମଣୁଛନ୍ତି । ଏକାନ୍ନବର୍ତ୍ତୀ ପରିବାର କେବେ ଠାରୁ ଭାଙ୍ଗି ସାରିଲାଣି । ଫଳରେ ଗାଁ ଛାଡ଼ି ଅନ୍ୟତ୍ର ଚାଲିଯିବା ଲୋକଙ୍କ ସଂଖ୍ୟା ବଢି ଚାଲିଛି । ଗାଁ ମାଟିରେ ରାଜନୀତିର ବିଷ ମଞ୍ଜିର ପ୍ରୟୋଗ ଏହି ଅବକ୍ଷୟର ଯେ ମୂଳ କାରଣ ଏହାକୁ ଅସ୍ୱୀକାର କରାଯାଇନପାରେ । ଶିକ୍ଷା ଓ ସଭ୍ୟତାର ବିକାଶ ଏବଂ ଗ୍ରାମ୍ୟ ସଂସ୍କୃତିର ସୁରକ୍ଷା ପାଇଁ ସରକାରଙ୍କର ବିଭିନ୍ନ ଯୋଜନା ଏହି ଅବକ୍ଷୟକୁ ରୋକିବାରେ ସମର୍ଥ ହୋଇପାରୁନାହିଁ । ସରକାର ଗାଁ ଭାଗବତ ଟୁଙ୍ଗୀର ପୁନଃଉଦ୍ଧାର ପାଇଁ ଟଙ୍କା ଦେଉଛନ୍ତି, ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରୁଛନ୍ତି, ଗାଁର ମୌଳିକ ସମସ୍ୟାର ସମାଧାନ ପାଇଁ ପାଣି ଭଳି ଅର୍ଥ ଖର୍ଚ୍ଚ କରୁଛନ୍ତି ସତ , ହେଲେ ଏହାର କୌଣସି ସୁଫଳ ମିଳୁନାହିଁ । ବରଂ ସରକାର ଗାଁ ର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଅଙ୍ଗନବାଡ଼ି କର୍ମୀ ସହାୟିକା, ଆଶ କର୍ମୀ ,ଏଏନଏମ, ସିଆରପି, ଏମବିକେ, ଇସି ମେମ୍ବର, ଶିକ୍ଷକ ଶିକ୍ଷୟତ୍ରୀ, କମ୍ୟୁନିଟ୍ ଅର୍ଗାନାଇଜର ଆଦିଙ୍କୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରିବାରୁ ନିବୃତ ରହି ସେମାନଙ୍କୁ ଗ୍ରାମ୍ୟ ସଂସ୍କୃତିର ପୁନଃର୍ଗଠନ ପାଇଁ କାଉନସିଂଲିଂ ର ଦାୟିତ୍ୱ ଦେବାର ଆବଶ୍ୟକତା ଦେଖାଦେଇଛି ବୋଲି ସେମାନେ କହିଛନ୍ତି । ଅନ୍ୟଥା ସରକାରଙ୍କ ସବୁ ଯୋଜନା ସତ୍ତ୍ୱେ ବି ଗ୍ରାମ୍ୟ ଜୀବନ ମାନବବାଦ ବିରୋଧି ସାମାଜିକ ବିଶୃଙ୍ଖଳା, ରୋଗବ୍ୟାଧି, ଆର୍ଥୀକ ଦୂରାବସ୍ଥା ଆଡ଼କୁ ଅଧିକ ଅଗ୍ରସର ହେବା ଅବସମ୍ଭାବୀ ବୋଲି ଚେତାଇ ଦେଇଛନ୍ତି ।

## ନାବାଳିକାର ଆତ୍ମହତ୍ୟା

ରାଜନଗର,୩୧।୧: ଏକ୍ସପ୍ରେସ୍ ନ୍ୟୁଜ୍

ରାଜନଗର ବ୍ଲକ କୋଇଲିପୁର ଗ୍ରାମର ରାଜେଶ ମଲିକଙ୍କ ୧୩ବର୍ଷର ଝିଅ ଆଶାଲତା ବେକରେ ଫାଶି ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ଆଶାଲତା ବେକରେ ଲୁଗା ଲଗାଇ ଝୁଲୁଥିବା ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ତାକୁ ମୃତ ଘୋଷଣା କରିଥିଲେ । ପିତା ରାଜେଶ ରାଜନଗର ଥାନାରେ ଏତଲା ଦେବା ପରେ ପୋଲିସ ଶବକୁ ଜବତ କରି ୩/୨୬ ଅପମୃତ୍ୟୁ ମାମଲା ରୁଜୁ କରିଛି । ରବିବାର ଦିନ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି ।

## ଫଳନ୍ତି ଗଛ କାଟିନେଲେ ଦୁର୍ବୃତ୍ତ

ମାର୍ଶାଘାଇ,୩୧।୧: ଏକ୍ସପ୍ରେସ୍ ନ୍ୟୁଜ୍

ମାର୍ଶାଘାଇ ସରକାରୀ ହାଇସ୍କୁଲ ନିକଟରେ ନରେନ୍ଦ୍ର କୁମାର ନାୟକଙ୍କ ଏକ(ଜମାବନ୍ଧି) ପ୍ଲଟ ୮୯୮ରେ ଥିବା ଫଳନ୍ତି ଗଛକୁ ଗୁରୁବାର ସକାଳେ ସେହିସ୍ଥାନରେ ରହୁଥିବା କିଛି ଲୋକ ମିଶି କାଟିଛନ୍ତି । ଗଛକଟା ଖବର ପାଇ ରନେନ୍ଦ୍ର ଯାଇ ଜାଗା ମୁଣ୍ଡରେ ପହଞ୍ଚିଥିଲେ। ଏବଂ କୌଣସି ଗଛରେ ହାତ ନମାରିବାକୁ ବିରୋଧ କରିଥିଲେ। ସମସ୍ତେ ମିଶି ତହସିଲ ଦାରଙ୍କ ଦ୍ୱାରସ୍ଥ ହୋଇଥିଲେ। ତହସିଲଦାର ସମସ୍ତ ବିଷୟ ଉଭୟ ପକ୍ଷଙ୍କ କାଗଜ ପତ୍ର ଦେଖିବା ପାଇଁ ଅନ୍ୟ ଦିନ ଆସିବାକୁ ପରାମର୍ଶ ଦେଇଥିଲେ। ଏହି ଘଟଣାରେ ରନେନ୍ଦ୍ର ଅଦାଲତକୁ ଯାଇଥିଲେ। ଅଦାଲତରୁ ଆସି ସନ୍ଧ୍ୟାବେଳେ ପହଞ୍ଚିଲା ପରେ ଜାଣିଲେ ଯେ ଫଳନ୍ତି ୪ଟି ନଡ଼ିଆ ଗଛ ଓ ଗୋଟେ ଆକାସି ଗଛ ଓ ୨ଟା ଜାମୁକୋଳି ଗଛ ପ୍ରଭୃତିକୁ କାଟି ନଡ଼ିଆ ଏବଂ ସମସ୍ତ ଜିନିଷ ଲୁଟି ନେଇଥିଲେ। ଏହି ସମ୍ବନ୍ଧରେ ତହସିଲଦାର ଶ୍ରୀକାନ୍ତ ପରିଜାଙ୍କୁ ପଚାରିବାରୁ ଅଭିଯୋଗ ପାଇ ମାର୍ଶାଘାଇ ଆର୍‌ଆଇଙ୍କୁ ତଦନ୍ତ କରିବାକୁ ଦେଇଥିବା ବେଳେ ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏହି ଗଛ କାଟିବା ଘଟଣାରେ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନେବାକୁ ରନେନ୍ଦ୍ର ଦାବି କରିଛନ୍ତି।

## ଗହୀରମଥାରୁ ପୁଣି ଟ୍ରଲର ଜବତ

ରାଜନଗର,୩୧।୧: ଏକ୍ସପ୍ରେସ୍ ନ୍ୟୁଜ୍

ରାଜନଗର ବନଖଣ୍ଡ ଅନ୍ତର୍ଗତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ମୁହାଁଣ ନିକଟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ମା ନ୍ୟୁ ସୋନାତାରିଣୀ-୧ ନାମକ ଟ୍ରଲରକୁ ଜବତ କରିଛି । ସେଥିରୁ ନଅଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିବା ସହ ଗୋଟିଏ ଜିପିଏସ, ଦୁଇଟି ଭିଏଚଏଫ, ଗୋଟିଏ ଫିସଫାଇଣ୍ଡର, ଦଶଟି ଟ୍ରଲିଂନେଟ ଓ ୧୮କ୍ୟୁଣ୍ଟାଲ ୭୦କେଜି ମାଛ ଜବତ କରିଛି । ଗିରଫ ମତ୍ସ୍ୟଜିବୀମାନେ ହେଲେ ଅକ୍ଷୟ ଜେନା, ବିଜୟ ସିଂ, ରାମନାରାୟଣ ମଣ୍ଡଳ, ଏସ କେ ନାସିର ଉଦ୍ଦିନ, ଭୋଲାନାଥ ମଣ୍ଡଳ, ଖଗେନ ବାର, ଶଙ୍କର ମାଇତି, କୃଷ୍ଣ ମିସ୍ତ୍ରୀ, ଖୋକନ ପ୍ରଧାନ । ଗିରଫ ମତ୍ସ୍ୟଜିବୀମାନେ ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲା ଅଂଚଳର ବାସିନ୍ଦା । ସେମାନଙ୍କୁ କେନ୍ଦ୍ରାପଡା ସିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା । ଜାମିନୀ ନାମଂଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

## ମେଗା ପାନୀୟଜଳ ପ୍ରକଳ୍ପ ନେଇ ସ୍ୱତନ୍ତ୍ର ଅଧିବେଶନ

ପଟ୍ଟାମୁଣ୍ଡାଇ,୩୧।୧: ଏକ୍ସପ୍ରେସ୍ ନ୍ୟୁଜ୍

ଗ୍ରୀଷ୍ମ ଆରମ୍ଭ ପୂର୍ବରୁ ପାନୀୟ ଜଳ ବ୍ୟବସ୍ଥାକୁ ଅଧିକ ସୁଦୃଢ ଏବଂ କ୍ରିୟାଶୀଳ କରାଯିବା ନେଇ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଖରା ଦିନକୁ ଦୃଷ୍ଟିରେ ରଖି ଶନିବାର ପଟ୍ଟାମୁଣ୍ଡାଇ ପଂଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ ଆହ୍ୱାନ କରାଯାଇଥିଲା । ପଟ୍ଟାମୁଣ୍ଡାଇ ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ପୌରହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗ ଦେଇ ପଟ୍ଟାମୁଣ୍ଡାଇ ପଂଚାୟତ ସମିତି ଅଧୀନରେ ଥିବା ୩୧ ଗୋଟି ପଂଚାୟତରେ ପ୍ରାୟ ୧୬୫ କୋଟି ଟଙ୍କା ବ୍ୟୟ ଅଟକଳ ରେ ଚାଲୁ ରହିଥିବା ମେଗା ପ୍ରକଳ୍ପ କାର୍ଯ୍ୟର ସବିଶେଷ ସ୍ଥିତି ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ଏହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରି “ହର ଘର ଜଳ” ଯୋଜନାରେ ପ୍ରତିଟି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ବୈଠକରେ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଉଭୟ ବିଧାୟକ ଓ ପଂଚାୟତ ପ୍ରତିନିଧି ମାନେ ପ୍ରକଳ୍ପ କାର୍ଯ୍ୟରେ ପାଇପ ବିଛାଇବା ପାଇଁ ପଂଚାୟତର ବିଭିନ୍ନ ରାସ୍ତା ଖୋଳାଯାଉଥିବା ଓ ପାଇପ ବିଛାଯିବା ପରେ ରାସ୍ତା ମରାମତି ନକରି ଠିକାଦାର ସେଠାରୁ ଛୁ ମାରିବା ଯୋଗୁଁ ସାଧାରଣ ଲୋକ ଯାତାୟାତ କ୍ଷେତ୍ରରେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଥିବା ଓ ଭୂପୃଷ୍ଠରୁ ୩ ଫୁଟ ଗଭୀରରେ ପାଇପ ବିଛାଯିବା ପାଇଁ ବ୍ୟୟ ଅଟକଳ ଥିବା ବେଳେ ଠିକାଦାର ମାତ୍ର ୧ଫୁଟ, ୧. ୫ ଫୁଟ ଗଭୀରରେ ପାଇପ ବିଛାଇବା ନେଇ ଅଭିଯୋଗ କରାଯିବା ସହିତ ପଂଚାୟତ ପ୍ରତିନିଧିମାନେ ନିର୍ମାଣ ଦାୟିତ୍ୱରେ କମ୍ପାନୀ ଅଧିକାରୀଙ୍କ ଗର୍ଜି ଥିଲେ । ଯାହାଫଳରେ ବୈଠକ ଉତ୍ତେଜନାପୂର୍ଣ୍ଣ ହୋଇପଡିଥିଲା । ପରିସ୍ଥିତିର ଗୁରୁତ୍ୱ ଉପଲବଧି କରି ସରକାରୀ ନିୟମ ଅନୁଯାୟୀ ପାଇପ ବିଛାଇବା ପରେ ତୁରନ୍ତ ରାସ୍ତା ମରାମତି କରିବା ଓ ଆକଳନ ଅନୁଯାୟୀ ୩ ଫୁଟ ଗଭୀରରେ ପାଇପ ବିଛାଇବା ପାଇଁ ଉଭୟ କେନ୍ଦ୍ରାପଡ଼ା ଓ ରାଜନଗର ବିଧାୟକ ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାର କର୍ମକର୍ତ୍ତାଙ୍କୁ କଡା ନିର୍ଦ୍ଦେଶ ଦେଇଥିଲେ । ପଟ୍ଟାମୁଣ୍ଡାଇ ମେଗା ପ୍ରକଳ୍ପ ଅଧୀନରେ ଥିବା ୨୦ଟି ପଂଚାୟତର ଜନସାଧାରଣ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ପାଇପ ଯୋଗେ ପାନୀୟଜଳ ପାଇ ପାରିବେ ବୋଲି ଲକ୍ଷ୍ମୀ କନଷ୍ଟ୍ରସନର ପ୍ରୋଜେକ୍ଟ ମ୍ୟାନେଜର ପ୍ରକାଶ କରିବା ସହ ରାଜନଗର ମେଗା ପ୍ରକଳ୍ପ ଅଧୀନରେ ଥିବା ୯ଗୋଟି ପଂଚାୟତକୁ ପାନୀୟ ଜଳ ଯୋଗାଇବା ପାଇଁ ଆଉ କିଛି ଦିନ ଅଧିକ ସମୟ ଲାଗିବ ବୋଲି ବୈଠକରେ ସୂଚନା ଦେଇଥିଲେ । ଏଲଆଣ୍ଡଟି ଅଧୀନରେ ଥିବା ୩ ଟି ପଂଚାୟତକୁ ୧ ମାସ ମଧ୍ୟରେ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ପ୍ରକଳ୍ପ ମ୍ୟାନେଜର ଆଦିଲ ଖାଁ ପ୍ରକାଶ କରିଥିଲେ । ଏହି ବୈଠକରେ ପଟ୍ଟାମୁଣ୍ଡାଇ ବିଡ଼ିଓ ଶୀତଳ ଅଗ୍ରୱାଲ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଆରଡବ୍ଲୁଏସଏସ ନିର୍ବାହୀଯନ୍ତ୍ରୀ ବସନ୍ତ ନାୟକ,ସହନିର୍ବାହୀଯନ୍ତ୍ରୀ ସହକାରୀ ଯନ୍ତ୍ରୀ ଅଶୋକ ସାହୁ ଓ ବ୍ଲକ ସହକାରୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ରଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ, ସରପଂଚ ଓ ସମିତି ସଭ୍ୟ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

## ନିକିରାଇ ଥାନାରେ ନୂଆ ଅଧିକାରୀ

କେନ୍ଦ୍ରାପଡ଼ା,୩୧।୧: ଏକ୍ସପ୍ରେସ୍ ନ୍ୟୁଜ୍

ବିମଳ କୁମାର ମଲ୍ଲିକ ନିକିରାଇରେ ନୂତନ ଥାନା ଅଧିକାରୀ ଭାବେ ଯୋଗ ଦେଇଛନ୍ତି । ନିକିରାଇ ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ ମଲ୍ଲିକଙ୍କୁ ଆଜି ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ତାଙ୍କର କେନ୍ଦ୍ରାପଡା ସଦରଥାନାର ଥାନା ଅଧିକାରୀ ଭାବେ ବଦଳି ହୋଇଛି । ଇନ୍‌ସପେକ୍ଟର ପ୍ରୀୟଦର୍ଶନୀ ଖଟୁଆ ନିକିରାଇ ଥାନରେ ଅତିରିକ୍ତ ଇନ୍‌ସପେକ୍ଟର ଭାବେ ଯୋଗଦେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ସେ ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଅଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ରାଜ୍ୟରେ ନୂଆ...

ପ୍ୟାକ୍ସ, ସମବାୟ ସଂସ୍ଥା ଓ ସମବାୟ ବ୍ୟାଙ୍କଗୁଡିକୁ ସୁଦୃଢ଼ କରାଯିବା ସହ ଗ୍ରାମାଂଚଳରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ଓ କୃଷି ପ୍ରକ୍ରିୟାକରଣକୁ ପ୍ରୋତ୍ସାହନ ଦିଆଯିବ। ଏହି ନୀତି ‘ବିକଶିତ ଓଡିଶା-୨୦୩୬’ ଓ ‘ବିକଶିତ ଭାରତ-୨୦୪୭’ ଲକ୍ଷ୍ୟ ହାସଲରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

ଅନ୍ୟପକ୍ଷରେ ରାଜ୍ୟରେ ବୈଜ୍ଞାନିକ ଗବେଷଣା ଓ ନବସୃଜନକୁ ଉତ୍ସାହିତ କରିବା ପାଇଁ ‘ରାଜ୍ୟ ବିଜ୍ଞାନ ଓ ବୈଷୟିକ ପରିଷଦ’ ଯୋଜନାକୁ ମଞ୍ଜୁରୀ ମିଳିଛି। ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫ବର୍ଷ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେବ, ଯେଉଁଥିରେ ୨୫୪.୮୫ କୋଟି ଟଙ୍କା ବ୍ୟୟ କରାଯିବ। ଏହି ଯୋଜନା ଅଧୀନରେ ୧୪ଟି ଉପ ଯୋଜନା ରହିଛି, ଯାହା ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନରେ ଉଚ୍ଚଶିକ୍ଷା ଓ ଗବେଷଣା ପାଇଁ ପ୍ରୋତ୍ସାହିତ କରାଯିବା ସହ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରାଯିବ ।

ରାଜ୍ୟ ସରକାର ଭୁବନେଶ୍ୱରରୁ ଦୁବାଇ ଏବଂ ସିଙ୍ଗାପୁରକୁ ବିମାନ ଚଳାଚଳ ବଜାୟ ରଖିବା ପାଇଁ ଆର୍ଥିକ ସହାୟତା (ଭିଜିଏଫ) ପ୍ରଦାନ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ପ୍ରାୟ ୨୬.୮୭ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବିତ ହୋଇଛି। ତେବେ ବ୍ୟାଙ୍କକ୍ ଓ ଆବୁଧାବି ରୁଟ୍ ପାଇଁ ଏହି ସହାୟତାକୁ ପ୍ରତ୍ୟାହାର କରିନିଆଯାଇଛି। ଏହି ପଦକ୍ଷେପ ଫଳରେ ଭୁବନେଶ୍ୱରରୁ ଦୁବାଇ ଓ ସିଙ୍ଗାପୁରକୁ ସିଧାସଳଖ ବିମାନ ଯୋଗାଯୋଗ ବନ୍ଦ ହୋଇଯିବ ବୋଲି ଉପୁଜିଥିବା ଆଶଙ୍କାରେ ପୂର୍ଣ୍ଣଚ୍ଛେଦ ପଡିଛି।

ରାଜ୍ୟ ସରକାରୀ କର୍ମଚାରୀଙ୍କ ସ୍ୱାର୍ଥ ଓ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ କ୍ୟାବିନେଟ୍ କେତେକ ପଦକ୍ଷେପ ନେଇଛନ୍ତି। ରାଜ୍ୟର ଇଏସଆଇ ହସ୍ପିଟାଲ ଓ ଡିସପେନସାରିରେ କାର୍ଯ୍ୟରତ ନର୍ସିଂ କର୍ମଚାରୀଙ୍କ ପାଇଁ ‘ଓଡିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ନର୍ସିଂ ସେବା ନିୟମ-୨୦୨୫’ ପ୍ରଣୟନ କରାଯାଇଛି, ଯାହା ସେମାନଙ୍କ ନିଯୁକ୍ତି ଏବଂ ପଦୋନ୍ନତି ପ୍ରକ୍ରିୟାକୁ ସଠିକ୍ ଭାବେ ନିୟନ୍ତ୍ରିତ କରିବ।

ସେହିପରି ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିୟମାବଳୀ-୨୦୨୨ରେ ସଂଶୋଧନ କରାଯାଇ ୧୦ଟି ନୂଆ ପଦବୀକୁ ସାମିଲ କରାଯାଇଛି ଏବଂ ଏଣିକି କ୍ୟାବିନେଟ୍ ବଦଳରେ ସରକାରଙ୍କ ଅନୁମୋଦନକ୍ରମେ ପଦବୀ ଓ ସିଲାବସ ଅନ୍ତର୍ଭୁକ୍ତ କରାଯାଇପାରିବ। ସେହିପରି ପୋଲିସ, ଅବକାରୀ ଓ ଜଙ୍ଗଲ ବିଭାଗ ଭଳି ୟୁନିଫର୍ମ ସେବାରେ ଚୟନ ପାଇଁ ଅଧ୍ୟକ୍ଷ ଓ ସଦସ୍ୟଙ୍କ ନିଯୁକ୍ତି ନିମନ୍ତେ ନୂତନ ନିୟମ-୨୦୨୬କୁ ମଞ୍ଜୁରୀ ମିଳିଥିବା ବେଳେ ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ନ୍ୟାୟିକ ସେବାରେ ଅଧିକ ସୁଯୋଗ ପ୍ରଦାନ କରିବା ପାଇଁ ଓଡିଶା ଉଚ୍ଚତର ନ୍ୟାୟିକ ସେବା ଓ ନ୍ୟାୟିକ ସେବା ନିୟମାବଳୀ-୨୦୦୭ରେ ସଂଶୋଧନ ପାଇଁ ନିଷ୍ପତ୍ତି ନିଆଯାଇଛି।

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ “ଓଡିଶା ସଂସ୍କୃତି ଉନ୍ନୟନ ସେବା ବର୍ଗ” ନାମକ ଏକ ନୂତନ ସେବା ବର୍ଗ ଗଠନ କରାଯାଇଛି। ଏହା ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କୁ ପଦୋନ୍ନତିର ସୁବିଧା ପ୍ରଦାନ କରିବା ସହ ରାଜ୍ୟର ସାଂସ୍କୃତିକ ବିକାଶକୁ ତୃଣମୂଳ ସ୍ତରରେ ପହଂଚାଇବାରେ ସହାୟକ ହେବ। ଏସବୁ ବ୍ୟତୀତ ଖଣି ବିଭାଗର ଜଣେ ଅବସରପ୍ରାପ୍ତ ଡ୍ରିଲରଙ୍କ ନାମରେ ଥିବା ୮.୩୮ ଲକ୍ଷରୁ ଅଧିକ ଟଙ୍କାର ବକେୟା ଦେୟକୁ ଛାଡ କରିବା ପାଇଁ କ୍ୟାବିନେଟ୍ ମାନବିକ ନିଷ୍ପତ୍ତି ନେଇଛନ୍ତି।

ସେହିପରି ରାଜ୍ୟର କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକର ରକ୍ଷଣାବେକ୍ଷଣ ପାଇଁ ‘ଡାଇଭର୍ସନ୍ ୱେୟାର ସୁଧାର ଯୋଜନା’କୁ ଅନୁମୋଦନ କରାଯାଇଛି, ଯେଉଁଥିରେ ୨୦୨୫-୨୬ରୁ ୩ବର୍ଷ ମଧ୍ୟରେ ୩୬୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାମାଧ୍ୟମରେ ରାଜ୍ୟର ପୁରାତନ ନଦୀବନ୍ଧ ଓ ବ୍ୟାରେଜଗୁଡିକର ମରାମତି କରାଯିବା ସହ କେନାଲରେ କ୍ରଙ୍କିଟ୍ ଲାଇନିଙ୍ଗ୍ ନିର୍ମାଣ କରାଯାଇ ଚାଷୀଙ୍କୁ ସୁବିଧାରେ ଜଳ ଯୋଗାଇ ଦିଆଯିବ। ଏଥିସହିତ ସପ୍ତଦଶ ଓଡିଶା ବିଧାନସଭାର ଷଷ୍ଠ ଅଧିବେଶନ ଫେବୃଆରୀ ୧୭ରୁ ଆହୂତ କରିବା ପାଇଁ ପିଛିଲା ଭାବେ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି।

### ପାୱାରଙ୍କ ପତ୍ନୀ...

ରାଜ୍ୟସଭା ଉପାଧ୍ୟକ୍ଷ ଏବଂ ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନଙ୍କୁ ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଥିଲେ। ସୁନେତ୍ରା ୨୦୨୪ ଲୋକସଭା ନିର୍ବାଚନରେ ପରାଜୟର ସମ୍ମୁଖୀନ ହୋଇଥିଲେ ଏବଂ ପରବର୍ତ୍ତୀ ସମୟରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ଆଜି ଦଳୀୟ ବିଧାୟକମାନଙ୍କ ଏକ ବୈଠକରେ ରାଜ୍ୟ ସଭାପତି ସୁନୀଲ ତଟକରେ ଏକ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଅଜିତ ପାୱାରଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଦିଲୀପ ୱାଲସେ ପାଟିଲ ସୁନେତ୍ରା ପାୱାରଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଛଗନ ଭୁଜବଳ ଏହାକୁ ସମର୍ଥନ କରିଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ବିଧାୟକମାନେ ସୁନେତ୍ରାଙ୍କ ବିଧାୟକ ନେତା ଭାବରେ ସମର୍ଥନ କରିଥିଲେ।

ସୁନେତ୍ରା ପାୱାରଙ୍କୁ ଏନସିପି ବିଧାୟକ ଦଳର ନେତା ନିର୍ବାଚିତ କରାଯାଇଛି। ବୈଠକରେ ଦୁଇଟି ପ୍ରସ୍ତାବ ଆଗତ ହୋଇଥିଲା। ପ୍ରଥମ ପ୍ରସ୍ତାବରେ ସୁନେତ୍ରାଙ୍କୁ ଦଳୀୟ ନେତା ଭାବରେ ନିର୍ବାଚନ କରିବାକୁ କୁହାଯାଇଥିଲା। ଦ୍ୱିତୀୟ ପ୍ରସ୍ତାବରେ ସୁନେତ୍ରାଙ୍କ ସମସ୍ତ ଦଳୀୟ ନିଷ୍ପତ୍ତି ନେବାର ସାମ୍ବିଧାନିକ ଅଧିକାର ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଉଭୟ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ସେପଟେ ଶରଦ ପାୱାର ଶନିବାର ସକାଳେ ଏକ ସାମ୍ବାଦିକ ସମ୍ମିଳନୀରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଦେଇଛନ୍ତି। ସେ କହିଛନ୍ତି ଯେ, ତାଙ୍କୁ ଶପଥ ଗ୍ରହଣ ଉତ୍ସବ ବିଷୟରେ କୌଣସି ସୂଚନା ନାହିଁ ଏବଂ ତାଙ୍କ ସହିତ କୌଣସି ଆଲୋଚନା ହୋଇନାହିଁ। ଶରଦ ପାୱାର ଏହି ସାମ୍ବାଦିକ ସମ୍ମିଳନୀରେ ଏହା ମଧ୍ୟ ଦାବି କରିଛନ୍ତି ଯେ, ଦୁଇ ରାଷ୍ଟ୍ରବାଦୀ ଦଳ ୧୨ ତାରିଖରେ ଏକାଠି ହେବେ।

### ମୃତ୍ୟୁର ୧୩...

ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି କ୍ଷମା ମାଗିବେ କି? ଅଜିତଙ୍କ ନାମରେ ୭୦ ହଜାର କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ରହିଛି। ପ୍ରଧାନମନ୍ତ୍ରୀ କୁହନ୍ତୁ ସେ ଅଭିଯୋଗ ଏବେ ବି ଅଛି କି? ନଚେତ୍ କ୍ଷମା ମାଗନ୍ତୁ। ସୁନେତ୍ରା ପାୱାର ଉପମୁଖ୍ୟମନ୍ତ୍ରୀ ପଦରେ ଶପଥ ନେବାକୁ ନେଇ ଉଦିତ୍ କହିଛନ୍ତି, ଯଦି ଶପଥ ନେଉଛନ୍ତି ତେବେ ଭିତରେ କିଛି ନା କିଛି ଅଛି। ଏହା ଦେଖିବାକୁ ବାକି ରହିଲା ଶରଦଙ୍କ ଏନସିପି କେଉଁ ଦିଗକୁ ଯାଉଛି।

### ଅଦାଲତ ଅବମାନନା...

ଚାକିରିରୁ ଜଣେ ପ୍ରାର୍ଥୀ ୫ବର୍ଷ ଧରି ମାମଲା ଲଢ଼ିବା ପରେ ହାଇକୋର୍ଟଙ୍କ ରାୟ ଆଧାରେ ୨୦୨୪ରେ ତାଙ୍କୁ ନିଯୁକ୍ତି ଦିଆଗଲା। ତେବେ ଏହି ମାମଲାରେ ହାଇକୋର୍ଟ କ୍ଷତିଗ୍ରସ୍ତ ପ୍ରାର୍ଥୀଙ୍କୁ ଲକ୍ଷେ ଟଙ୍କା ଦେବା ଲାଗି ଆଦେଶ କରିଥିଲେ ମଧ୍ୟ ଏଯାବତ୍ ତାହା ତାଙ୍କୁ ମିଳିନାହିଁ। ସେହିଭଳି ଅବସରର ୧୨ବର୍ଷ ପରେ ବି ନିୟମିତ ପେନ୍‌ସନ୍ ପାଇନଥିବା ଜଣେ ୭୦ ବର୍ଷ ବୟସ୍କା ଭିନ୍ନକ୍ଷମ ବୃଦ୍ଧାଙ୍କ ସଂପର୍କରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଏଯାବତ୍ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକାରୀ କରିନାହାନ୍ତି। ଏଭଳି ଅଭିଯୋଗର ତାଲିକା ଢେର ଲମ୍ବା ଥିଲେ ମଧ୍ୟ ତଳ ସ୍ତରରେ ପ୍ରଶାସନିକ ନିଷ୍କ୍ରିୟତା ଯୋଗୁ ବର୍ଷକୁ ବର୍ଷ ସମସ୍ୟା ଉତ୍କଟତର ହେବାରେ ଲାଗିଛି।

### ଏଥର ଖାଇହେବ...

ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ପଷ୍ଟ କରିଛି ଯେ, ଯେଉଁ ପାନ ମସଲାରେ ତମାଖୁ କିମ୍ବା ନିକୋଟିନ୍ ନାହିଁ, ତାହା ଗତ ୨୧ ତାରିଖର ବିଜ୍ଞପ୍ତି ସଂଖ୍ୟା ୨୦୬୫ ଅନୁଯାୟୀ ଲାଗୁ କରାଯାଇଥିବା ନିଷେଧାଦେଶ ଅଧୀନରେ ଆସୁନାହିଁ। ସିଟି ଜିଏସ୍‌ଟି ଏବଂ ଅର୍ଥ ବିଭାଗକୁ ସ୍ୱାସ୍ଥ୍ୟ ସଚିବ ଚିଠି ଲେଖିଛନ୍ତି। ଏହାର ଅର୍ଥ ହେଉଛି, ସରକାରଙ୍କ ଦ୍ୱାରା ନିକଟରେ ଜାରି ହୋଇଥିବା ପ୍ରତିବନ୍ଧକ କେବଳ ତମାଖୁ ବା ନିକୋଟିନ୍ ମିଶ୍ରିତ ପାନ ମସଲା ପାଇଁ ଲାଗୁ ହେବ। ସାଧାରଣ (ତମାଖୁ ବିହୀନ) ପାନ ମସଲା ଉପରେ ଏହି ନିଷେଧାଦେଶ ଲାଗୁ ହେବ ନାହିଁ। ଯାହାଫଳରେ ଏଥର ପାନ ମସଲା ଖାଇହେବ।

### ୧୮ ମାସରେ ବିଜେପି...

ବାସ୍ତବ ସ୍ଥିତି ୱାର୍ଲଡ ବ୍ୟାଙ୍କ ଆଗରେ ରଖିଛନ୍ତି କି ସରକାର? ଆର୍ଥିକ ନିବେଶ ରାଜ୍ୟରେ ପ୍ରତିକୂଳ ଅବସ୍ଥାରେ ଅଛି। ମୁଖ୍ୟମନ୍ତ୍ରୀ କି ସିଏମ୍‌ଓ ନୈତିକ ଦାୟିତ୍ୱ ଯଦି ଅଛି, ମାନନ୍ତୁ ଯେ ଋଣ ନେବାକୁ ୱାର୍ଲଡ ବ୍ୟାଙ୍କ ସଭାପତିଙ୍କୁ ଭେଟିଛନ୍ତି।

### ବଢୁଛି କଟନି...

ପ୍ରଧାନ, ବୈଷ୍ଣବ ଦାସ, ଉମେଶ ଦାସ, ନିରଞ୍ଜନ ଦାଶ, ତ୍ରିଲୋଚନ ପ୍ରଧାନ, ଭରତ ବଳ, ବଂଟି ନାୟକ, ବିଜୟ ନାୟକ ପ୍ରମୁଖ ବହୁ ଚାଷୀ କାଟନି ଛଟନି ଓ ମିଲରମାନଙ୍କ ମନମାନୀର ଶିକାର ହୋଇ କ୍ୟୁଂଟାଲ ପିଛା ୧୦ କେଜି ଭଳି ଧାନ କଟନିଛଟଣି ଦେଉଥିବା ଅଭିଯୋଗ ଉଠାଇଛନ୍ତି ।

୨୦୧୧ ଜନଗଣନା ଅନୁଯାୟୀ କେନ୍ଦ୍ରାପଡା ଜିଲାରେ ଜନସଂଖ୍ୟା ୧୪.୪୦ ଲକ୍ଷରୁ ଅଧିକ ଥିବା ବେଳେ ୧୩.୫ ଲକ୍ଷରୁ ଅଧିକ ଲୋକ ମୁଖ୍ୟତଃ ଅର୍ଥନୀତି କୃଷି ଉପରେ ନର୍ଭର କରନ୍ତି । ସେଥିରେ ୯୪.୨% ରୁ ଅଧିକ ଲୋକ ଗ୍ରାମାଂଚଳରେ ବସବାସ କରନ୍ତି । ୮୨.୫ ପ୍ରତିଶତ ଚାଷୀମାନେ ୧,୨୪,୬୦୦ ହେକ୍ଟରରୁ ଅଧିକ ଜମିରେ ଧାନ ଚାଷ କରନ୍ତି । ସେମାସମାନଙ୍କ ଭିତରେ ଅନେକ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ବାସ କରନ୍ତି ।ଯେଉଁମାନେ ମୌସୁମୀ ଏବଂ ପାରମ୍ପରିକ ଚାଷ ଉପରେ ବହୁଳ ଭାବରେ ନିର୍ଭର କରନ୍ତି। ସେମାନଙ୍କ ମଧ୍ୟରୁ ୨୦୨୫-୨୬ ଖରିଫ ଋତୁରେ ଧାନ ବିକ୍ରି ପାଇଁ ୫୨ ହଜାର,୯୨୦ ଜଣ ଚାଷୀ ପୀକରଣ କରାଇଥିଲେ । ବିଭାଗୀୟ ଅପାରଗତା ଯୋଗୁଁ ଜିଲାରେ ୫୧ ହଜାରରେ ୨୧ ଜଣ ଚାଷୀ ଦାନଦେବା ପାଇଁ ଯୋଗ୍ୟ ହୋଇ ଟୁକନ ପାଇ ଶୁକ୍ରବାର ଶୁଦ୍ଧା ୨ ଲକ୍ଷ ୪୫ ହାଜର କ୍ୟୁଂଟାଲ ଧାନ ବିକ୍ରି କରିଛନ୍ତି ବୋଲି ଏଆରସିଏସ ଜୋଗେନ୍ଦ୍ର ବିଶ୍ୱାଳ କହିଛନ୍ତି । ନବ ନିର୍ମାଣ କୃଷକ ସଙ୍ଗଠନ ସଂପାଦକ ଦାଶରଥି ସାହୁ କହିଛନ୍ତି ରାଜ୍ୟ ସରକାର ଚାଷୀ ମାରଣ ନୀତି ଅବଲମ୍ବନ କରୁଛନ୍ତି । ଚାଷୀ ତା ଧାନର ଉଚିତ ମୂଲ୍ୟ ପାଇବାରୁ ବଂଚିତ ହେଉଛନ୍ତି । ମଣ୍ଡିରେ କଟନିଛଟନି ବଳବତର ରହିଛି । ଜିଲାରେ ବହୁ ଚାଷୀ ପୀକରଣ କରିପାରି ନଥିବା ବେଳେ ଏବେ ଅନେକ ଚାଷୀ ଟୁକନ ପାଇନାହାଁନ୍ତି । ତେବେ ସେମାନେ ଧାନ ଦେବାର ବିକ୍ରି କରିପାରୁ ନାହାଁନ୍ତି । ଏଣୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନେକ ଅଭାବୀ ଚାଷୀ ପରିବାରମାନେ ଗାଁ ଗାଁରେ ବୁଲୁଥିବା ବେପାରୀଙ୍କୁ ଯଥେଷ୍ଟ କମ୍ ମୂଲ୍ୟରେ ସେମାନଙ୍କର ଧାନ ବିକି କରୁଛନ୍ତି । ସରକାରଙ୍କ ୮ଟଙ୍କା ବୋନସ୍ ଦେବା ଘୋଷଣା ଧୂଆଁବାଣରେ ପରିଣତ ହୋଇଛି । ସରକାର ଚାଷୀଙ୍କର ସବୁ ଧାନତକ କିଣିବା ନେଇ ଅନିଶ୍ଚିତତା ଦେଖାଦେଇଛି । ଯାହା ଖରିଫ ଧାନକିଣା ଲକ୍ଷ୍ୟ ପୂରଣ ନେଇ ଆଶଙ୍କା ଦେଖାଦେଇଛି ବୋଲି ସେ କହିଛନ୍ତି।

### ଜାତୀୟ ପତାକାକୁ...

ଅସମ୍ମାନ ଓ ସରକାରୀ କାର୍ଯ୍ୟର ଘୋର ଅବହେଳା ଦର୍ଶାଉଛି। ଦୀର୍ଘ ବର୍ଷ ଧରି ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଲେଙ୍କା କାର୍ଯ୍ୟ କରି ଆସୁଛନ୍ତି। ଏହା ସତ୍ତ୍ୱେ ଜାତୀୟ ପତାକାକୁ ଉତ୍ତୋଳନ କରିବା ଓ ରଖିବା ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ବେପରୁଆ ଓ ଖାମଖିଆଲି ଢଙ୍ଗରେ ପତାକା ଉତ୍ତୋଳନ କରି ଘରକୁ ଚାଲିଯିବା ଘଟଣାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଥିଲେ। ଏ ନେଇ ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠି ସିଆରସିସି ସମରେନ୍ଦ୍ର ସାହୁଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମଧ୍ୟ ଘଟଣାର ଗୁରୁତ୍ୱ ଉପଲବ୍ଧି କରି ଏବିଇଓ ଭକ୍ତିଲତା ବାରିକଙ୍କୁ ତଦନ୍ତ କରି ରିପୋର୍ଟ ଦେବାପାଇଁ ବିଦ୍ୟାଳୟକୁ ପଠାଇଥିଲେ। ସେଠାରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଲେଙ୍କା ଏହାକୁ ଭୁଲ ହୋଇଥିବା ସ୍ୱୀକାର କରିଥିଲେ। ପ୍ରଧାନଶିକ୍ଷୟିତ୍ରୀଙ୍କ ଏଭଳି ବେପରୁଆ ଖାମଖିଆଲି ଢଙ୍ଗ ପାଇଁ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ ୨୧୭/୩୧।୧।୨୦୨୬ରେ ପ୍ରଧାନ ଶିକ୍ଷୟିତ୍ରୀ ଡ଼ଲି ଲେଙ୍କାଙ୍କୁ ନିଲମ୍ବିତ କରାଯାଇଛି। ତାଙ୍କୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷାବିଭାଗର ଏପରି କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ୩ ବାଂଲାଦେଶୀ...

କରାଯାଇଛି ବୋଲି ଜନୈକ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଏହି ପରିବାରର ୫ଜଣ ସଦସ୍ୟ ୧୯୭୦ମସିହାରେ ଭାରତରେ ଅନୁପ୍ରବେଶ କରିଥିଲେ। ସେମାନଙ୍କ ମଧ୍ୟରୁ ୩ଜଣ କେନ୍ଦ୍ରାପଡାକୁ ଆସି ସ୍ଥାୟୀ ଭାବେ ବସବାସ କରୁଥିଲେ। ତେବେ ୫ଜଣଙ୍କ ମଧ୍ୟରୁ ୩ଜଣ ଭାଇଭଉଣୀଙ୍କୁ ଦେଶାନ୍ତର କରାଯାଇଥିବା ବେଳେ ଅନ୍ୟ ଦୁଇ ଜଣ ମୃତ ବୋଲି ସୂଚନା ଦିଆଯାଇଛି। ୩ଦେଶାନ୍ତରଙ୍କ ମଧ୍ୟରୁ ଦୁଇଭାଇ ମୁନତାଜ ଓ ଇନ୍‌ସାନ ସଦର ଥାନା ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ଗରାପୁରସ୍ଥିତ ବସ୍ତିରେ ରହୁଥିବା ବେଳେ ସେମାନଙ୍କ ଭଉଣୀ ଅମିନା ବିବି ଜମ୍ବୁ ସାମୁଦ୍ରିକ ଥାନା ଅନ୍ତର୍ଗତ ଅରୁଣନଗରରେ ରହୁଥିଲେ। ସଂପୃକ୍ତ ପୋଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ ବାଂଲାଦେଶୀଙ୍କୁ ଚିହ୍ନଟ କରି ଦେଶାନ୍ତର କରିବା ପାଇଁ କେନ୍ଦ୍ର ଗୃହ ବିଭାଗ ପକ୍ଷରୁ ଓଡ଼ିଶା ଡିଜିଙ୍କୁ ନିର୍ଦ୍ଦେଶ ଆସିଥିଲା। ଡିଜି ଏ ନେଇ କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଂଲାଦେଶୀ ଧରପଗଡ଼ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୩ ଜଣଙ୍କୁ ଦେଶାନ୍ତର କରାଯାଇଛି। ଆଗାମୀ ଦିନରେ ବାକି ବଂଲାଦେଶୀଙ୍କୁ ଦେଶାନ୍ତର କରାଯିବ ବୋଲି ସଂପୃକ୍ତ ପୋଲିସ ଅଧିକାରୀ ଜଣକ ସୂଚନା କରିଛନ୍ତି।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das  ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ  Chief Editor : Umapada Bose  ମୁଖ୍ୟ ସମ୍ପାଦକ : ଉମାପଦ ବୋଷ